


ପ୍ରବାଦ ପୁରୁଷଙ୍କ ସ୍ମରଣେ

ଭିତର ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-248 •BHUBANESWAR •WEDNESDAY •5 MARCH 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୪୮ •ଭୁବନେଶ୍ୱର •ବୁଧବାର •୫ ମାର୍ଚ୍ଚ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


# ଦୁବାଇରେ କଙ୍ଗାରୁ ଶିକାର

## ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ଭାରତ



ଆଇସିସି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୨୪ଟି ଅର୍ଦ୍ଧଶତକ ହାସଲ କରି ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଲେ କୋହଲି

■ **ଦୁବାଇ, ୪।୩ (ଏଜେନ୍ସି):** ଦୁବାଇରେ କଙ୍ଗାରୁ ଶିକାର କରିଛି ଭାରତ। ଅଷ୍ଟ୍ରେଲିଆକୁ ୪ ୱିକେଟରେ ହରାଇ ୨୦୨୩ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି ରୋହିତ ସେନା। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ। ଏହି ମ୍ୟାଚ୍‌ରେ ବିଶ୍ୱଚାମ୍ପିଅନ୍ ଅଷ୍ଟ୍ରେଲିଆକୁ ହରାଇ ଭାରତ ଫାଇନାଲରେ ପ୍ରବେଶ କରିଛି। ଲାହୋରରେ ଆସନ୍ତାକାଲି ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜେତା ଦଳ ସହ ଦୁବାଇରେ ଭାରତ ମାର୍ଚ୍ଚ ୯ ତାରିଖ ରବିବାର ଫାଇନାଲ ମୁକାବିଲା କରିବ। ଏଠାରେ ଧୈର୍ଯ୍ୟପୂର୍ଣ୍ଣ ୮୪ ରନ୍ କରି ଭାରତକୁ

### ୨୦୨୩ ବିଶ୍ୱକପ୍ ଫାଇନାଲ୍‌ର ପ୍ରତିଶୋଧ

ଜିତାଇଥିବା ବିରାଟ କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ମଧ୍ୟ ବିରାଟ ଶତକ ହାସଲ କରି ଭାରତକୁ ବିଜୟୀ କରାଇଥିଲେ।

ଆଇସିସି ଟୁର୍ଣ୍ଣାମେଣ୍ଟ ଦିନିକିଆ ବିଶ୍ୱକପ୍‌ର ୨୦୧୫ ସେମିଫାଇନାଲ ଓ ୨୦୨୩ ଫାଇନାଲରେ ଭାରତକୁ ହରାଇଥିଲା ଅଷ୍ଟ୍ରେଲିଆ। ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ଥିଲା ଭାରତ। ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲରେ ମିଳିଥିଲା ସୁଯୋଗ। ଅଷ୍ଟ୍ରେଲିଆକୁ ହରାଇ ଭାରତ ଏହି ସୁଯୋଗର ସଦ୍‌ବ୍ୟବହାର କରିବା ସହ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି। ଏଠାରେ ▶ପୃଷ୍ଠା-୯

## ରାଜନୈତିକ ଅସହିଷ୍ଣୁତାର ଘୃଣ୍ୟ ଉଦାହରଣ

# କାଟିନେଲେ ବିଜୁଙ୍କ ମୁଣ୍ଡ

■ **ଭଦ୍ରେଶ୍ୱର/ମାହାଙ୍ଗା, ୪।୩ (ସମିସ):** ଆସନ୍ତାକାଲି ପ୍ରବାଦପୁରୁଷ ମହାନ ଜନନାୟକ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନିମନ୍ତେ ମାହାଙ୍ଗା ବିଜେଡି ତରଫରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏପରିସ୍ଥଳେ ଏହି କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ନିମନ୍ତେ ବିରୋଧୀମାନେ ଚକ୍ରାନ୍ତ ଆରମ୍ଭ କରିଦେଇଛନ୍ତି। ରାଜନୈତିକ ପ୍ରତିହିଂସାପରାୟଣ ହୋଇ କିଛି ଖଳ ପ୍ରକୃତିର ଲୋକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ବିଜୁଙ୍କ ଗ୍ରହଣୀୟତା ସର୍ବଦା ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହିଆସିଛି। କିନ୍ତୁ ଏଭଳି ଘଟଣା ରାଜନୈତିକ ଅସହିଷ୍ଣୁତାର ନଗ୍ନ ଉଦାହରଣ ଭାବେ ଉଭା ହୋଇଛି।

ଗତକାଲି ବିଳମ୍ବିତ ରାତିରେ ନିଶ୍ଚିନ୍ତକୋଇଲି ଲଳିତଗିରି ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଥିବା ତଥା ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ଉମର ବଳଦେବଜୀୟୁ ମନ୍ଦିର ସନ୍ନିକଟରେ ଦୀର୍ଘ ବର୍ଷ ହେବ ସ୍ଥାପନ କରାଯାଇଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିର ଗଣ୍ଡିରୁ ମୁଣ୍ଡକୁ ଦୁର୍ବୃତ୍ତମାନେ ଅଲଗା କରିଦେଇଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି, ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏପରିକି ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ତେବେ ପୁଲିସ ପ୍ରଶାସନ ତରଫରୁ ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯାଇପାରିନାହିଁ।

ବିଜୁବାବୁଙ୍କ ଜୟନ୍ତୀ ଓ ପଞ୍ଚାୟତରାଜ ଦିବସ ପାଳନକୁ ନେଇ ପଲ୍ଲୀରୁ ଦିଲ୍ଲୀ ରାଜନୀତି ଜୋର୍ ଧରିଥିଲା ବେଳେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅଧୀନ




### ବିଜୁପ୍ରେମୀ ସ୍ତବ୍ଧ ଓ କ୍ଷୁବ୍ଧ

### ଜୟନ୍ତୀ ପୂର୍ବରୁ ମାହାଙ୍ଗାରେ ଛକାପଞ୍ଝା

ଉମର ପଞ୍ଚାୟତ ହନୁମାନ ଛକ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରୁ ହଠାତ ମଙ୍ଗଳବାର ଗଣ୍ଡିରୁ ମୁଣ୍ଡ ଅଲଗା ହେବା ଘଟଣା ମାହାଙ୍ଗା ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏହି ଘଟଣାକୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଜେଡି ନେତା ପ୍ରତାପ ଜେନା ତୀବ୍ର ନିନ୍ଦା କରିବା ସହ ଦୁର୍ବୃତ୍ତଙ୍କୁ ଅବିଳମ୍ବେ ଗିରଫ ନିମନ୍ତେ ଦୃଢ଼ ଦାବି କରିଛନ୍ତି।

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ଜଣେ ଖ୍ୟାତିସଂପନ୍ନ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ଦେଶ ବାହାରେ ମଧ୍ୟ ବିଜୁବାବୁଙ୍କୁ ସ୍ୱତନ୍ତ୍ର ସମ୍ମାନ କଥା କାହାରିକୁ ଅଛପା ନାହିଁ। ଏଭଳି ଏକ ଜନନାୟକଙ୍କ ଜୟନ୍ତୀ ପୂର୍ବରୁ ଏଭଳି ହୀନ ଚକ୍ରାନ୍ତ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

ଏ ସମ୍ପର୍କରେ ବିଜୁପ୍ରେମୀ ଜ୍ୟୋତିପ୍ରକାଶ ସ୍ୱାଇଁ କୁହନ୍ତି, ବିଜୁବାବୁଙ୍କ ବ୍ୟକ୍ତିତ୍ୱ ନିଆରା ଥିଲା। ଦେଶ ତଥା ଦେଶ ବାହାରେ ତାଙ୍କ ପ୍ରତି ଥିଲା ସ୍ୱତନ୍ତ୍ର ସମ୍ମାନ। ତାଙ୍କୁ ଭାରତରତ୍ନ ଦିଆଗଲାନି, ରାଜ୍ୟ ସରକାର ହୀନ ଚକ୍ରାନ୍ତ ▶ପୃଷ୍ଠା-୯

### ବିଶ୍ୱଭୂଷଣଙ୍କ ଦୃଢ଼ ନିନ୍ଦା

■ **ଭୁବନେଶ୍ୱର,୪।୩(ସମିସ):** ଆସନ୍ତା କାଲି ସାରା ରାଜ୍ୟ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରିବାକୁ ଯାଉଥିବା ବେଳେ ଆଜି କଟକ ଜିଲ୍ଲା ମାହାଙ୍ଗାରେ ତାଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ନିନ୍ଦା କରିଛନ୍ତି ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ। ସେ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ନିନ୍ଦା କରିବା ପାଇଁ ଭାଷା ନାହିଁ। ସମସ୍ତେ ଦଳମତ ନିର୍ବିଶେଷରେ ଏହାର କଡ଼ା ନିନ୍ଦା କରିବା ଉଚିତ। ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଜରୁରୀ।

# ଘରୋଇ ହସ୍ପିଟାଲଗୁଡ଼ିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ

■ **ନୂଆଦିଲ୍ଲୀ, ୪।୩ (ଏଜେନ୍ସି):** ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରୋଗୀ ସେବା କ୍ଷେତ୍ରର ବିଭିନ୍ନ ଦିଗରେ ଦୃଢ ନୀତି ନିୟମ ଲାଗୁ କରି ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଥିଲେ ହେଁ ଏହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଘରୋଇ ହସ୍ପିଟାଲ ରୋଗୀମାନଙ୍କୁ ଲୁଟି ଚାଲିଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷକରି ଘରୋଇ ହସ୍ପିଟାଲଗୁଡିକରେ ଔଷଧପତ୍ର ଏବଂ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ରୋଗୀମାନଙ୍କ ପାଇଁ ସବୁଠାରୁ ଚିନ୍ତାଜନକ ହୋଇପଡ଼ିଛି ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଘରୋଇ ହସ୍ପିଟାଲଗୁଡିକର କାରବାରକୁ ନିୟନ୍ତ୍ରଣ କରିବା ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କେ ସିଂ କହିଛନ୍ତି ଯେ, ଘରୋଇ ହସ୍ପିଟାଲ ପରିସରରେ ଔଷଧ ଏବଂ ଆନୁଷଙ୍ଗିକ ଉପକରଣ କିମ୍ବା ସରଞ୍ଜାମର ଚଢ଼ା ଦର ରୋଗୀମାନଙ୍କ ପାଇଁ କାଳ ହୋଇଛି। ବିଶେଷ କରି ଗରିବ ରୋଗୀମାନଙ୍କ ପାଇଁ ଏହା ଅପହଞ୍ଚ ହୋଇପଡୁଛି। ଗୋଟିଏ



### ରୋଗୀଙ୍କୁ ଲୁଟୁଛନ୍ତି ଘରୋଇ ହସ୍ପିଟାଲ: ସୁପ୍ରିମକୋର୍ଟ

ଔଷଧ ବାହାର ବଜାରରେ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିଲେ ହେଁ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲ ପରିସରରେ ରହିଥିବା ଔଷଧ ଦୋକାନରୁ ଔଷଧ କିଣିବାକୁ ବାଧ୍ୟ କରାଯାଉଛି। ଏହାଦ୍ୱାରା ରୋଗୀମାନେ ଖର୍ଚ୍ଚାନ୍ତ ହେଉଥିଲା ବେଳେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ମନଇଚ୍ଛା ଲୁଟୁଛନ୍ତି। ଏସମ୍ପର୍କରେ ରାଜ୍ୟ ସରକାରମାନେ ସବୁକିଛି ଜାଣି ସୁଦ୍ଧା ଅଜଣା ଭଳି ରହୁଛନ୍ତି। ଦେଶରେ ଏତେ ସଂଖ୍ୟାରେ ଘରୋଇ ହସ୍ପିଟାଲ କାର୍ଯ୍ୟ କରୁଥିଲା ବେଳେ ସେଠାରେ କ'ଣ ଘଟୁଛି ସରକାର କିଭଳି ଜାଣିପାରିବେନି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିପାଇଁ କ'ଣ ନ୍ୟାୟିକ ନିର୍ଦ୍ଦେଶ ଦେବାର ଅବକାଶ ଅଛି କି ବୋଲି ଖଣ୍ଡପୀଠ କହିଛନ୍ତି।

ଜଣେ ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାଙ୍କୁ ସୁସ୍ଥ କରି ଘରକୁ ଆଣିବା ତାଙ୍କ ପରିବାର ସଦସ୍ୟଙ୍କ ଏକମାତ୍ର ଲକ୍ଷ୍ୟ ରହିଥାଏ। କିନ୍ତୁ ସବୁ ଘରୋଇ ହସ୍ପିଟାଲରେ ରୋଗୀଙ୍କ ନିକଟତମ ଲୋକଙ୍କୁ ହସ୍ପିଟାଲ ପରିସରରୁ ଔଷଧ କିଣିବାକୁ ବାଧ୍ୟ କରାଯାଇଥାଏ। ଏହାକୁ ନେଇ ଅନେକ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ▶ପୃଷ୍ଠା-୯

# ମୁଖ୍ୟମନ୍ତ୍ରୀଙ୍କୁ ୧୦୦ କୋଟି ବ୍ୟୟ ଅନୁମତି

**ଭୁବନେଶ୍ୱର,୪।୩(ସମିସ):** ରାଜ୍ୟ କ୍ୟାବିନେଟ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟଙ୍କ ପାଇଁ ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରିଛନ୍ତି ରାଜ୍ୟ ସରକାର। ବିଭିନ୍ନ ସାମଗ୍ରୀ କ୍ରୟ, ପରାମର୍ଶ ସେବା ଏବଂ ତୃତୀୟ ପକ୍ଷଙ୍କ ନିୟୋଜନ ପାଇଁ ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରାଯାଇଛି। ଏ ନେଇ ଆଜି ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀ ସାମଗ୍ରୀ କ୍ରୟ, ପରାମର୍ଶ ସେବା ଏବଂ ତୃତୀୟ ପକ୍ଷଙ୍କ ନିୟୋଜନ ପାଇଁ ୧୦୦ କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ ନିମନ୍ତେ ଅନୁମୋଦନ ପ୍ରଦାନ କରିପାରିବେ। ରାଜ୍ୟ କ୍ୟାବିନେଟ୍‌କୁ ମଧ୍ୟ ୧୦୦ କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ ପାଇଁ ଅନୁମତି ମିଳିଛି। ବିଭାଗୀୟ ମନ୍ତ୍ରୀମାନେ ସାମଗ୍ରୀ କ୍ରୟ ନିମନ୍ତେ ୫୦ କୋଟି ଟଙ୍କା, ପରାମର୍ଶ ସେବା ଏବଂ ତୃତୀୟ ପକ୍ଷ ନିୟୋଜନ ପାଇଁ ସର୍ବାଧିକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଅନୁମତି ପ୍ରଦାନ କରିବେ। ସେହିପରି ବିଭାଗୀୟ ମୁଖ୍ୟ ସାମଗ୍ରୀ କ୍ରୟ ପାଇଁ ସର୍ବାଧିକ ୧୦ କୋଟି ଟଙ୍କା, ପରାମର୍ଶ ସେବା ପାଇଁ ୧ କୋଟି ଏବଂ ତୃତୀୟ ପକ୍ଷଙ୍କ ନିୟୋଜନ ପାଇଁ ୧ କୋଟି ଟଙ୍କା ବ୍ୟୟ କରିପାରିବେ। ବିଭାଗୀୟ ସଚିବମାନେ ସାମଗ୍ରୀ କ୍ରୟ ପାଇଁ ୨୦ କୋଟି, ପରାମର୍ଶ ସେବା ଏବଂ ତୃତୀୟ ପକ୍ଷ ନିୟୋଜନ ପାଇଁ ୩ କୋଟି ଟଙ୍କା ଲେଖାଏଁ ଖର୍ଚ୍ଚ କରିପାରିବେ। ଯଦି କୌଣସି ପ୍ରଶାସନିକ ବିଭାଗ ସାମଗ୍ରୀ କ୍ରୟ (୨୫ ଲକ୍ଷରୁ ଅଧିକ, ୧୦ କୋଟିରୁ କମ୍), ପରାମର୍ଶ ସେବା (୫ ଲକ୍ଷରୁ ଅଧିକ, ୧ କୋଟିରୁ କମ୍) ଏବଂ ତୃତୀୟ ପକ୍ଷ ନିୟୋଜନ (୫ ଲକ୍ଷରୁ ଅଧିକ, ୧ କୋଟିରୁ କମ୍) କରିବାକୁ ଚାହାନ୍ତି ତା ହେଲେ ବିଭାଗସ୍ତରୀୟ କ୍ରୟ କମିଟିର ଅନୁମୋଦନ ନେବା ଜରୁରୀ ହେବ।

**ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ଖର୍ଚ୍ଚ ସୀମା ବି ବଢ଼ିଲା**

**କେନ୍ଦ୍ରାପଡାରେ ଲଜ୍ଜା**

# ଶିଶୁକନ୍ୟାକୁ ଦୁଷ୍କର୍ମ

■ **ଗରଦପୁର, ୪।୩ (ସମିସ):** ୫ବର୍ଷୀୟା ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରିବା ପରେ ଜଙ୍ଗଲରେ ଫୋପାଡ଼ିଦେଲା ଦୁର୍ବୃତ୍ତ। କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଞ୍ଚଳରେ ଆଜି ଏହି ଆପରାଧିକ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚିତ୍ରୋତ୍ପଳା ନଦୀକୂଳରେ ଥିବା ଏକ ଘଞ୍ଚ ଜଙ୍ଗଲରେ ମୁମୂର୍ଷୁ ଅବସ୍ଥାରେ ଶିଶୁକନ୍ୟାକୁ ତା' ବାପା' ମା ଉଦ୍ଧାର କରିଛନ୍ତି।

ସୂଚନାନୁଯାୟୀ, ଶିଶୁଟିର ବାପା-ମା' ଏକ ମେଡ଼ିକାଲ କାମରେ ପାଟକୁରା ହସ୍ପିଟାଲ ଯାଇଥିବା ବେଳେ ୫ ବର୍ଷୀୟ ଶିଶୁକନ୍ୟାକୁ ସମ୍ପର୍କୀୟଙ୍କ ନିକଟରେ ଛାଡ଼ି ଯାଇଥିଲେ। କିନ୍ତୁ ମେଡ଼ିକାଲରୁ ପ୍ରାୟ ୧ଘଣ୍ଟା ପରେ ଆସିବା ପରେ ଘରେ ଝିଅ ନଥିବା ଦେଖି ସେମାନେ ବ୍ୟତିବ୍ୟସ୍ତ ହୋଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରିବାରୁ ଝିଅ ନଦୀ କୂଳର ଏକ ଘଞ୍ଚ ଜଙ୍ଗଲରେ ପଡ଼ିଥିବା ଖବର ପାଇଥିଲେ। ତୁରନ୍ତ ଉକ୍ତ ଜଙ୍ଗଲକୁ ଯାଇ ଖୋଜାଖୋଜି କରିବାରୁ ଝିଅ ନିକଟରେ ଥିବା ଅଭିଯୁକ୍ତ ଦୌଡ଼ି ପଳାଇଥିଲା ପରେ ଝିଅକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ନେଇଥିଲେ। ଶିଶୁକନ୍ୟାର ଚେତା ଫେରିବା ପରେ ସେ ସବୁକଥା ତା' ମା'କୁ ଜଣାଇଥିଲା। ତେବେ ଏ ସଂପର୍କରେ ସେମାନେ ଅଭିଯୁକ୍ତଙ୍କ ପରିବାରଲୋକଙ୍କୁ ପଚରାଉଚରା କରିବାରୁ ସେମାନେ ଧମକଚମକ ଦେଇଥିଲେ। ଶେଷରେ ବାଧ୍ୟ ହୋଇ ଏନେଇ ସେମାନେ କୁଦାନଗରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ୍ ୬୯/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି।

# ରୁଗ୍‌ଣ ହେଉଛି ଏମ୍‌ଏସ୍‌ଏମ୍‌ଇ

## ଋଣ ପାଇଁ ସଂଘର୍ଷ କରୁଛନ୍ତି ଉଦ୍ୟୋଗୀ

■ **ଭୁବନେଶ୍ୱର, ୪।୩ (ସମିସ):** ସର୍ବାଧିକ କର୍ମନିଯୁକ୍ତି ସୃଷ୍ଟି ସହିତ ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଯୋଜନାର ଅଭାବ ନାହିଁ। ବଜେଟରେ ବି ବ୍ୟୟବରାଦ ହେଉଛି। କିନ୍ତୁ ରାଜ୍ୟାରେ ଲକ୍ଷାଧିକ ଏମ୍‌ଏସ୍‌ଏମ୍‌ଇ ଏବେ ଦୁର୍ଦ୍ଦିନରେ। ବ୍ୟାଙ୍କ ଋଣ ପାଇବା ଠାରୁ ଆରମ୍ଭ କରି ସରକାରୀ ଜମି, ଦକ୍ଷ ମାନବ ସମ୍ବଳ, ଆନୁଷଙ୍ଗିକ ଭିତ୍ତିଭୂମି ଏପରିକି ବଜାର ସଂଯୋଗ ପାଇଁ ମଧ୍ୟ ଏମ୍‌ଏସ୍‌ଏମଇ ସଂଘର୍ଷ କରୁଛନ୍ତି।

ସରକାରଙ୍କ ତଥ୍ୟ ଅନୁସାରେ ଉଦ୍ୟମ ପୋର୍ଟାଲ ଜରିଆରେ ଗତ ଡିସେମ୍ବର ୨ ତାରିଖ ସୁଦ୍ଧା ୯,୪୪,୬୭୦ ଟି ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସ୍ଥାପନା ପାଇଁ ପଞ୍ଜିକୃତ ହୋଇଥିବା ବେଳେ ଏଆଇଏମ୍ ପୋର୍ଟାଲରେ ଡିସେମ୍ବର ୨୦୨୪ ସୁଦ୍ଧା ୩୮୬୬ ସଂଖ୍ୟକ ଏମ୍‌ଏସ୍‌ଏମ୍‌ଇ ଉତ୍ପାଦନ ପ୍ରମାଣପତ୍ର ପାଇଛନ୍ତି। ୨୦୨୪ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୯,୨୪,୧୧୮ ଉଦ୍ୟୋଗରେ ୩୧୦୩୫,୮୫,୯୦୫ ଟଙ୍କା ବିନିଯୋଗ ହୋଇଥିବା ବୋଳେ ୭୧,୭୬,୦୬୦ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଗ୍ରାମାଞ୍ଚଳରେ ୬୦% ଏମ୍‌ଏସ୍‌ଏମ୍‌ଇ ପ୍ରତିଷ୍ଠା ହୋଇଛି।

ତେବେ ବାସ୍ତବ ଚିତ୍ର ସରକାରୀ ତଥ୍ୟ ଠାରୁ ଭିନ୍ନ। ରାଜ୍ୟ ସରକାର ପ୍ରଚଳନ କରିଥିବା ଏମ୍‌ଏସ୍‌ଏମ୍‌ଇ-ନୀତି ୨୦୨୨ରେ ସବୁ ପ୍ରକାର ସୁବିଧା ରହିଛି। ହେଲେ

### ବଜାର ସଂଯୋଗ ପାଇଁ ସରକାରୀ ଆନ୍ତରିକତା ନାହିଁ

### ସିଂହଭାଗ ବଜେଟରେ ହାତ ବାଜିଲାନି

ତୃଣମୂଳ ସ୍ତରରେ କାର୍ଯ୍ୟକାରୀତାର ଘୋର ଅଭାବ ଦେଖା ଯାଉଛି। ଉଦ୍ୟୋଗୀ କେଉଁ କ୍ଷେତ୍ରକୁ ବାଛିବେ, କେଉଁ କ୍ଷେତ୍ରରେ କେଉଁ ପ୍ରକାର ସୁବିଧା ସୁଯୋଗ ଅଛି ତାହାର ପ୍ରଚାର ପ୍ରସାର ହେଉନାହିଁ। ତୋବେ ବଡ଼ ସମସ୍ୟା ହେଉଛି ପାଣ୍ଠି ଯୋଗାଡ଼ରେ ବାଧକ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବ୍ୟାଙ୍କ ଋଣ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ପ୍ରାୟ ୭୦%ରୁ ଅଧିକ ଉଦ୍ୟୋଗ ଏବେ ରୁଗ୍‌ଣ ଅବସ୍ଥାରେ। ଅନୁମୋଦନ ପାଇଁ ଅନଲାଇନ୍ ବ୍ୟବସ୍ଥା ହୋଇଥିଲେ ସୁଦ୍ଧା ବାରମ୍ବାର ରାଜ୍ୟ ଓ ଜିଲ୍ଲା କାର୍ଯ୍ୟାଳୟକୁ ଧାଇଁବାକୁ ପଡୁଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଯେଉଁମାନେ ବି ଉତ୍ପାଦନ ଆରମ୍ଭ କରୁଛନ୍ତି ସେମାନଙ୍କ ପାଇଁ ବଜାର ସଂଯୋଗର ଘୋର ଅଭାବ ରହିଛି। ନୂଆ ସରକାର ଆସିବା ପରେ ଗତ ସେପ୍ଟେମ୍ବର ମାସରେ ୧୧ଟି ନୂଆ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରକଳ୍ପ କେବଳ ଘୋଷଣାରେ ହିଁ ରହିଯାଇଛି। ଜମି ଅଧିଗ୍ରହଣ ପାଇଁ କାହାରି ଚିନ୍ତା ନାହିଁ। ଆଉ ଏକ ସମସ୍ୟା ହେଉଛି ଦକ୍ଷ ମାନବ ସମ୍ବଳର ଘୋର ଅଭାବ। ରାଜ୍ୟ ସରକାର ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ତାଲିମ୍ ପ୍ରତିଷ୍ଠାନ ପରିଚାଳନା କରାଯାଉ ଥିବା ସାତ୍ତ୍ୱେ ଆବଶ୍ୟକ ସ୍ଥଳେ ସେମାନଙ୍କ ଉପସ୍ଥିତି ଜାହିର ହୋଇପାରୁ ନଥିବା ଅଭିଯୋଗ ହୋଇଛି। ୨୦୨୪-୨୫ ବଜେଟରେ ସରକାର ଏମ୍‌ଏସ୍‌ଏମ୍‌ଇ ପାଇଁ ୭୪୭ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ସେଥିରୁ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୬୬୫ କୋଟି ଟଙ୍କା ଦିଆଯାଇ ଥିଲା। ସେହିପରି ଆଗାମୀ ବଜେଟରେ ସରକାର ୭୫୮ କୋଟି ▶ପୃଷ୍ଠା-୯




■ ୫୦ହଜାର ଟଙ୍କା ଲାଞ୍ଚ ନେଉଥିଲେ

## ଦୁଇ ଆକାଉଣ୍ଟାଣ୍ଟଙ୍କୁ ବାନ୍ଧିଲା ଭିଜିଲାନ୍ସ




**ଅନୁଗୋଳ,୪।୩(ସମିସ):** ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅନୁଗୋଳ ସିଭିଲ୍ ସପ୍ଲାଏଜ୍ ଅଫିସର (ସିଏସ୍ଓ)ଙ୍କ କାର୍ଯ୍ୟାଳୟର ଦୁଇ ଜୁନିଅର ଆକାଉଣ୍ଟାଣ୍ଟଙ୍କୁ ମଙ୍ଗଳବାର ଭିଜିଲାନ୍ସ ଅଧିକାରୀ ଗିରଫ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ, ରାଜନାରାୟଣ ସାହୁ ଏବଂ ଜିତେନ ପଟ୍ଟନାୟକ। ଫର୍ଟିଫାଏଡ୍ ରାଇସ୍ କର୍ଣ୍ଣାଲ୍ସ (ଏଫଆରକେ) ସମ୍ପର୍କିତ ୬୦ ଲକ୍ଷ ଟଙ୍କାରୁ ଅଧିକ ବିଲ୍ ରାଶି ପ୍ରଦାନ କରିବା ପାଇଁ ଏକ ରାଇସ୍ ମିଲ୍‌ର ପରିଚାଳକ (ଅଭିଯୋଗକାରୀ)ଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଏମାନଙ୍କୁ ଗିରଫ କରିଛନ୍ତି। ସୂଚନାନୁସାରେ, ଗତ ଗୋଟିଏ ମାସ ଧରି, କ୍ରିଷ୍ଣା ରାଇସ୍ ମିଲ୍‌ର ପରିଚାଳକ ଦୁଇ ଆକାଉଣ୍ଟାଣ୍ଟଙ୍କୁ ଏଫଆରକେ ବକେୟା ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରି ଆସୁଥିଲେ। କିନ୍ତୁ ୫୦ ହଜାର ଟଙ୍କା ଲାଞ୍ଚ ଦେଲେ, ଏଫଆରକେ ରାଶି ପ୍ରଦାନ କରାଯିବ ବୋଲି ଆକାଉଣ୍ଟାଣ୍ଟଦ୍ୱୟ କହିଥିଲେ। ଏନେଇ ରାଇସ ମିଲ୍‌ର ମ୍ୟାନେଜର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ, ମଙ୍ଗଳବାର ଆକାଉଣ୍ଟାଣ୍ଟଦ୍ୱୟ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ କାବୁ କରିଛନ୍ତି।

■ ଏକତରଫା ପ୍ରେମର କରୁଣ ପରିଣତି

## ଭିଡିଓ କଲ୍‌ରେ ପ୍ରେମିକଙ୍କ ଆତ୍ମହତ୍ୟା

**ରାସଗୋବିନ୍ଦପୁର, ୪।୩ (ସମିସ):** ପ୍ରେମରେ ବିଫଳ ହେବାରୁ ଯୁବତୀଙ୍କୁ ଭିଡିଓ କଲ୍ କରି ବେକରେ ଫାଶୀ ଲଗାଇ ଝୁଲିପଡ଼ିଲେ ଯୁବକ। ମୟୂରଭଞ୍ଜ ଜିଲ୍ଲା ଗ୍ରାମଗୋବିନ୍ଦପୁର ଥାନା ଅଧୀନ ବେତନାସିଆ ଗ୍ରାମରେ ଆଜି ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ସୃଷ୍ଟିଧର ବେହେରାଙ୍କ ପୁଅ ଜୟଦେବ (୨୩)। ସୂଚନାନୁଯାୟୀ, ଜୟଦେବ ସ୍ଥାନୀୟ ଅଞ୍ଚଳର ଜଣେ



ଯୁବତୀଙ୍କୁ ଏକତରଫା ଭଲ ପାଉଥିଲେ। ସୋମବାର ଉକ୍ତ ଯୁବତୀଙ୍କୁ ଫୋନ୍ କରି ପ୍ରେମ ନିବେଦନ କରିଥିଲେ। ଏହାସହ କହିଥିଲେ ଯେ 'ମୋ ଫୋନ୍ କାହିଁକି ଉଠାଉନ; ଫୋନ୍ ନ କଲେ ମୁଁ ଆତ୍ମହତ୍ୟା କରିଦେବି'। ପରେ ସେ ନିକଟସ୍ଥ ଜଙ୍ଗଲକୁ ଯାଇ ଯୁବତୀଙ୍କୁ ଭିଡିଓ କଲ୍ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାଦେଖି ଯୁବତୀଜଣଙ୍କ ସଂପୃକ୍ତ ଯୁବକଙ୍କ ଘରଲୋକଙ୍କୁ ଜଣାଇଥିଲେ। କିନ୍ତୁ ପରିବାରଲୋକେ ପହଞ୍ଚିବା ବେଳକୁ ଡେରି ହୋଇସାରିଥିଲା। ସେତେବେଳକୁ ଜୟଦେବ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିସାରିଥିଲେ। ଏନେଇ ରାସଗୋବିନ୍ଦପୁର ଥାନାରେ ଅପମୃତ୍ୟୁ ମାମଲା ପୁଲିସ ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କାର୍‌ରୁ ବନ୍ଧୁକ ଜବତ, ଜଣେ ଗିରଫ



**ସମ୍ବଲପୁର, ୪।୩(ସମିସ):** ବୁର୍ଲାରେ ଲୁଟ୍ ପାଇଁ ଯୋଜନା କରୁଥିବା ଜଣେ ଦୁର୍ବୃତ୍ତକୁ ପୁଲିସ୍ ଗିରଫ କରିଛି। ସେ ହେଲା, ଝାଡ଼ଖଣ୍ଡ ଗୁମଲାର ରାହୁଲ ସାହୁ(୨୪)। ତା' ପାଖରୁ ଗୋଟିଏ ଦେଶୀ ବନ୍ଧୁକ, ୨ଟି ଗୁଳି, ଗୋଟିଏ କାର୍ ଓ ଦୁଇଟି ମୋବାଇଲ ଫୋନ ଜବତ ହୋଇଥିବା ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ସୂଚନା ଦେଇଛନ୍ତି। ସୂଚନାନୁସାରେ, ହୀରାକୁଦ ରେଳଷ୍ଟେସନ୍ ପାଖରେ କାର୍ ଡିକିରେ ବନ୍ଧୁକ ରଖିଥିବା ନେଇ ପୁଲିସକୁ ଖବର ମିଳିଥିଲା। ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଡିକିରୁ ବନ୍ଧୁକ ଜବତ କରିବା ସହ ତାକୁ ଗିରଫ କରିଥିଲା। ବୁର୍ଲା ସମ୍ବଲପୁର ଅଞ୍ଚଳରେ ଲୁଟ୍ କରିବା ନେଇ ଯୋଜନା ହୋଇଥିଲା। ତେଣୁ ପ୍ରଥମେ ଅଭିଯୁକ୍ତ ରାହୁଲ ରେକି ପାଇଁ ଆସିଥିଲା। ରେକି ପରେ ଖବର ଦେଇଥିଲେ ଅନ୍ୟ ଅଭିଯୁକ୍ତମାନେ ପହଞ୍ଚିଥାନ୍ତେ। ହେଲେ, ପୁଲିସ୍ ଯୋଜନା ପଣ୍ଡ କରିଦେଇଥିବା ବୁର୍ଲା ଏସ୍‌ଡିପିଓ ବାଲେଶ୍ୱର ଗିଦ୍ଧି ସୂଚନା ଦେଇଛନ୍ତି।

## ବନ୍ଧୁକ ଦେଖାଇ ୨୦ ହଜାର ଲୁଟ୍

**ପାପଡ଼ାହାଣ୍ଡି,୪।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଦଳେଇଗୁଡ଼ା ଜଙ୍ଗଲ ନିକଟରେ ବନ୍ଧୁକ ଦେଖାଇ ଜଣେ ବାଇକ୍ ଚାଳକଙ୍କଠାରୁ ୨୦ ହଜାର ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ଯୁବକଜଣଙ୍କ ହେଲେ, ପାପଡ଼ାହାଣ୍ଡି ବ୍ଲକ୍ ପାତ୍ରୀ ପଞ୍ଚାୟତ ଅନ୍ତର୍ଗତ ବଡ଼ଭେଜା ଗ୍ରାମର ଜଗେଶ୍ୱର ହରିଜନ (୨୧)। ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି।

ସୂଚନାନୁଯାୟୀ, ଜଗେଶ୍ୱର ମଙ୍ଗଳବାର ଟଙ୍କା ଉଠାଇବା ପାଇଁ ପାପଡ଼ାହାଣ୍ଡି ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌କୁ ଆସିଥିଲେ। ସେ ଏଟିଏମରୁ ୨୦ ହଜାର ଟଙ୍କା ଉଠାଇ ଏକ ବାଇକ୍‌ରେ ମାଉସୀ ଘର ପାଣ୍ଡିକୋଟ ଗ୍ରାମକୁ ଅଭିମୁଖେ ବାହାରିଥିଲେ। ତେବେ ବାଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଦଳେଇଗୁଡ଼ା ଜଙ୍ଗଲ ନିକଟ ନିଛାଟିଆ ସ୍ଥାନରେ ସାମ୍ନାପଟୁ ଆନ୍ୟ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ବନ୍ଧୁକ ଦେଖାଇ ତାଙ୍କଠାରୁ ସବୁତକ ଟଙ୍କା ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଏଥିରେ ଜଗେଶ୍ୱର ଆହତ ହୋଇଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ ଦୀପକ କୁମାର ଜେନା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

**ପାରିବାରିକ କଳହରୁ ଟ୍ରିପଲ୍ ମର୍ଡର**

# ବାପା, ମା' ଓ ଭଉଣୀକୁ ହେମଦସ୍ତାରେ ଛେଚି ହତ୍ୟା

**ଜଗତସିଂହପୁର, ୪।୩(ସମିସ):** ପାରିବାରିକ କଳହରୁ ଜଣେ ଯୁବକ ନିଜ ବାପା, ମା' ଓ ଭଉଣୀକୁ ନିର୍ମମ ଭାବେ ହତ୍ୟା କରିଛି। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜୟବଡ଼ (ଧୋବାସାହି) ଗ୍ରାମରେ ଏହି ଅଘଟଣ ଘଟିଛି। ଗ୍ରାମର ସୂର୍ଯ୍ୟକାନ୍ତ ସେଠୀ ଓରଫ୍ ବଣ୍ଟି ଗତକାଲି ବିଳମ୍ବିତ ରାତିରେ ପିତା ପ୍ରଶାନ୍ତ, ମାଆ କନକଲତା ଏବଂ ଭଉଣୀ ରୋଜାଲିନ୍‌କୁ ହେମଦସ୍ତା ଏବଂ ପଥରରେ ଛେଚି ହତ୍ୟା କରିଛି। ଆଜି ସକାଳୁ ସକାଳୁ ଏହି ଘଟଣା ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପୁଲିସ୍ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ବଣ୍ଟିକୁ ପୁଲିସ ନିଜ ହେପାଜତକୁ ନେଇଛି। ପରିବାରଲୋକଙ୍କ କହିବାନୁଯାୟୀ, ବଣ୍ଟି ଜଣେ ମାନସିକ ବିକାରଗ୍ରସ୍ତ ଯୁବକ।

ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତାଙ୍କଠାରୁ ମିଳିଥିବା ସୂଚନାନୁସାରେ, ବଣ୍ଟି ପାଠ ପଢ଼ା ସାରିବା ପରେ ଘରେ ରହୁଥିଲା। ତା' ବଡ଼ଭାଇ ରମାକାନ୍ତ ପୁଲିସ୍ ଚାକିରି କରିଥିଲେ ଏବଂ ମଝିଆ ଭାଇ ଉମାକାନ୍ତ ସିପି ନିକଟରେ ଭଡ଼ାରେ ରହୁଛନ୍ତି। ତେବେ ବିଭିନ୍ନ ସମୟରେ ବାପାଙ୍କ ସହିତ ବଣ୍ଟିର ଝଗଡ଼ା ହେଉଥିଲା। 'ଦୁଇ ଭାଇ ରୋଜଗାର କଲେଣି ତୁ ବି ରୋଜଗାର କରିବାକୁ ଚେଷ୍ଟା କର' ବୋଲି ବିଭିନ୍ନ ସମୟରେ ବାପା ବଣ୍ଟିକୁ କହୁଥିବାରୁ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ଗତକାଲି ରାତିରେ ମଧ୍ୟ ସମାନ ଘଟଣା ଘଟିଥିଲା। ପ୍ରଶାନ୍ତ ଓ ବଣ୍ଟି ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଶାନ୍ତ



ଏକ ଚାପୁଡ଼ା ମାରିବାରୁ ବଣ୍ଟିର ଦୁଇଟି ଦାନ୍ତ ଭାଙ୍ଗି ଯାଇଥିଲା। ଏହି ସମୟରେ ରୋଜାଲିନ୍ ସେଠାରେ ପହଞ୍ଚି ବାପାଙ୍କୁ ସମର୍ଥନ କରିବାରୁ ବଣ୍ଟିର ରାଗ ମୁଣ୍ଡକୁ ଚଢ଼ି ଯାଇଥିଲା। ସେ ଉତ୍‌କ୍ଷିପ୍ତ ହୋଇ ଖଟ ଗୋଡ଼ରେ ଦିଆଯାଉଥିବା ଏକ ପଥରରେ ବାପା ପ୍ରଶାନ୍ତ, ମା' କନକଲତା ଓ ଭଉଣୀ ରୋଜାଲିନ୍‌କୁ ଛେଚି ଦେଇଥିଲା। ସେତିକିରେ ତା'ର ରାଗ ଶାନ୍ତ ହେଲାନି ଯେ ଘରେ ଥିବା ହେମଦସ୍ତାରେ ସମସ୍ତଙ୍କୁ ଛେଚି ପକାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ରାତି ପ୍ରାୟ ୨ଟାରେ ବଣ୍ଟି ପଡ଼ିଶା ଘରକୁ ଯାଇ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲା। ଜଣେ ପଡୋଶୀ ଏ ନେଇ ୧୧୨କୁ ଫୋନ କଲା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ୩ ଜଣଙ୍କ ଶବ ପଡିଥିବା ବେଳେ ବଣ୍ଟିକୁ ପୁଲିସ ନିଜ ହେପାଜତକୁ ନେଇଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଯାଞ୍ଚ ପ୍ରକ୍ରିୟା ଶେଷହେବା ପରେ ପୁଲିସ୍ ୩ ଜଣଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ୪ ତାରିଖ ସଂଧ୍ୟାରେ ବଣ୍ଟିର ବଡ଼ଭାଇ ରମାକାନ୍ତ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ସାନଭାଇ ମାନସିକ ବିକୃତ ହୋଇଥିବାରୁ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି।

## ବାପାର କଟା ମୁଣ୍ଡ ଧରି ପୁଅର ଆତ୍ମସମର୍ପଣ



**ବାରିପଦା/କୁଳିଅଣା,୪।୩ (ସମିସ):** ଫାର୍ସା ଚୋଟରେ ବାରଣ୍ଡାରେ ଶୋଇଥିବା ବୃଦ୍ଧ ବାପାର ଗଣ୍ଡିରୁ ମୁଣ୍ଡକୁ ଅଲଗା କରିବା ପରେ କଟାମୁଣ୍ଡକୁ ଧରି ବ୍ୟାଗ୍‌ରେ ଧରି ଥାନାରେ ପୁଅର ଆତ୍ମସମର୍ପଣ ଭଳି ଲୋମହର୍ଷକ ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ, ଚାନ୍ଦୁଆ ଗ୍ରାମର ବାଇଧର ସିଂ (୭୦)। ଚାନ୍ଦୁଆ ଥାନା ପୁଲିସ୍ ଅଭିଯୁକ୍ତ ସାନପୁଅ ଶମ୍ଭୁ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶମ୍ଭୁ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ। ତେବେ କେଉଁ କାରଣରୁ ସେ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି, ତାହା ଜଣାପଡ଼ିନାହିଁ। ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ଶମ୍ଭୁ ନିଜ ପତ୍ନୀଙ୍କ ସହ ପାଟିତୁଣ୍ଡ କରିବା ପରେ ରାଗରେ ଘର ଛାଡ଼ି କଳାଇଥିଲା। ରାତିରେ ସେ ଘରକୁ ଫେରି ବାଇଧରଙ୍କୁ ଖଇନି କିଣିବା ପାଇଁ ୧୦ ଟଙ୍କା ମାଗିଥିଲା। କିନ୍ତୁ ବାଇଧର ଟଙ୍କା ନ ଦେଇ ବାରଣ୍ଡାରେ ଶୋଇପଡ଼ିଥିଲେ। ଏହି କାରଣରୁ ବିଳମ୍ବିତ ରାତିରେ ସେ ବାଇଧରଙ୍କୁ ହତ୍ୟା କରିଥାଇପାରେ ବୋଲି ପୁଲିସ୍ ସନ୍ଦେହ କରୁଛି। ଏକ ଫାର୍ସାରେ ସେ ବାଇଧରଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିବା ପରେ କଟାମୁଣ୍ଡକୁ ବ୍ୟାଗ୍‌ରେ ଧରି ଭୋର୍‌ରେ ଥାନାକୁ ଯାଇଥିଲା। ସକାଳ ପ୍ରାୟ ୫ଟାରେ ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତ ପ୍ରାତଃ ଭ୍ରମଣ ପାଇଁ ବାହାରିବା ବେଳେ ତାକୁ ଥାନା ଗେଟ୍ ପାଖେ କଟାମୁଣ୍ଡ ଧରି ଛିଡ଼ା ହେବାର ଦେଖିବାକୁ ପାଇଥିଲେ।

## ସମ୍ବଲପୁରରେ ଦୁର୍ଦ୍ଧାନ୍ତ ଗୁଡ୍ଡୁକୁ ଏନ୍‌କାଉଣ୍ଟର

**ସମ୍ବଲପୁର, ୪।୩ (ସମିସ):** ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଥାନାରେ ୨୫ରୁ ଊର୍ଦ୍ଧ୍ୱ ସଂଗିନ୍ ମାମଲାରେ ଜଡ଼ିତ ଜଣେ ଦୁର୍ଦ୍ଧାନ୍ତ ଅପରାଧୀକୁ ଅଇଁଠାପାଲି ପୁଲିସ୍ ଆଜି ଏନ୍‌କାଉଣ୍ଟର୍ କରିଛି। ସେ ହେଲା, ବରଗଡ଼ର ମହେଶ କୁମାର ଶର୍ମା (୩୫) ଓରଫ୍ ଗୁଡ୍ଡୁ। ଗୁରୁତର ଅବସ୍ଥାରେ ତାକୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ସକାଳୁ ପୁଲିସ୍ ଗୁଡ୍ଡୁକୁ ଧରିବା ପାଇଁ ପିଛା କରିବାରୁ ସେ ପୁଲିସ୍ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା। ଜବାବରେ ପୁଲିସ୍ ଗୁଳି ଚାଳନା କରିଥିଲା। ଗୁଡ୍ଡୁର ବାମ ଗୋଡ଼ରେ ଗୋଟିଏ ଗୁଳି ବାଜିବାରୁ ସେ ଆହତ ହୋଇଥିଲା। ତା' ପାଖରୁ ପୁଲିସ୍ ଗୋଟିଏ ଦେଶୀ ପିସ୍ତଲ, ୪୦ ହଜାର ଟଙ୍କା, ମୋବାଇଲ ଓ ବାଇକ୍ ଜବତ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ସୋମବାର ଗୁଡ୍ଡୁ ଟାଙ୍ଗରପାଲିର ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ୪୫ହଜାର ଟଙ୍କା ଲୁଟ୍ କରିଥିବା ନେଇ ଅଭିଯୋଗ ହୋଇଥିଲା। ଲୁଟ୍‌ର ଶିକାର ବ୍ୟକ୍ତି ଅକ୍ଷୟ କୁମ୍ଭାର ଏନେଇ ଅଇଁଠାପାଲି



ଥାନାରେ ଅଭିଯୋଗ କରିଥିଲେ। ଲୁଟ୍ ପରେ ଗୁଡ୍ଡୁ ଫେରାର୍ ହୋଇଯାଇଥିଲା। ତେବେ ମଙ୍ଗଳବାର ସକାଳୁ ପୁଣି ଲୁଟ୍ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ଆସିଥିଲା। କାଇଁସର ରୋଡରେ ଲୁଟ୍ କରିବା ଯୋଜନା କରୁଥିବା ଖବର ପାଇ ଅଇଁଠାପାଲି ପୁଲିସ୍ ସେଠାରେ ପହଞ୍ଚିଥିଲା। ଲମଡୁଙ୍ଗୁରୀ ନିକଟରେ ସେ ପୁଲିସ୍‌କୁ ଫେରାର୍ ହେବାକୁ ଚେଷ୍ଟା କରିଥିଲା। କିନ୍ତୁ ତା' ବାଇକ୍‌ଟି ସ୍ଲିପ୍ ହୋଇଯିବାରୁ ଦୌଡ଼ିବାକୁ ଚେଷ୍ଟା କରିଥିଲା। ସେତେବେଳକୁ ପୁଲିସ୍ ତା' ପାଖାପାଖି ହୋଇଯିବାରୁ ସେ ଧରାପଡ଼ିଯିବା ଭୟରେ ପୁଲିସ୍ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲା। ଜବାବରେ ପୁଲିସ୍ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲା। ଗୁଡ୍ଡୁର ବାମ ଗୋଡ଼ରେ ଗୋଟିଏ ଗୁଳି ବାଜିବାରୁ ସେ ଆହତ ହୋଇ ସେହିଠାରେ ପଡ଼ି ଯାଇଥିଲା। ଗୁଡ୍ଡୁକୁ

**ଦେଶୀ ବନ୍ଧୁକ ସହ ବିଭିନ୍ନ ସାମଗ୍ରୀ ଜବତ**

ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ରହିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗୁଡ୍ଡୁ ନାଁରେ ବରଗଡ଼, ଭେଡେନ୍, ବରପାଲି, ହୀରାକୁଦ, ବରେଇପାଲି, ବୁର୍ଲା, ଟିଟିଲାଗଡ଼, ରେଢ଼ାଖୋଲ, ଅଇଁଠାପାଲି, ଜମନକିରା ଆଦି ଥାନାରେ ମୋଟ୍ ୨୫ଟି ମାମଲା ଗୁଡ୍ଡୁ ଉପରେ ରହିଛି। କେବଳ ରେଢ଼ାଖୋଲ ଥାନାରେ ୧୨ଟି ମାମଲା ରହିଛି। ଅଇଁଠାପାଲି ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

## ଆବଶ୍ୟକତା ଓ ଆର୍ଥିକ କ୍ଷମତା ଆଧାରରେ ଭରଣପୋଷଣ ଅର୍ଥ ରାଶି ସ୍ଥିର ହେବା ଉଚିତ: ହାଇକୋର୍ଟ

**କଟକ,୪।୩(ସମିସ):** ଭରଣପୋଷଣ ବାବଦ ଅର୍ଥରାଶି ସ୍ଥିର କ୍ଷେତ୍ରରେ ଆଶ୍ରିତା ପତ୍ନୀଙ୍କ ଆବଶ୍ୟକତା ଓ ସ୍ୱାମୀଙ୍କ ଆର୍ଥିକ କ୍ଷମତା ପ୍ରମୁଖ ଆଧାର ହେବା ଉଚିତ। ଏପରିକି, ନ୍ୟାୟିକ ବିବେକ ମଧ୍ୟ ଉପରୋକ୍ତ ଦିଗ ପ୍ରତି ବିଚାର କରିବା ଆବଶ୍ୟକ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପରିବାର ଅଦାଲତ ଦ୍ୱାରା ପତ୍ନୀଙ୍କୁ ଭରଣପୋଷଣ ବାବଦ ଅର୍ଥରାଶି ବୃଦ୍ଧି ଆଦେଶକୁ ବିରୋଧ କରି ସ୍ୱାମୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ବି.ପି.ରାଉତରାୟ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ପରିବାର ଅଦାଲତ ଦ୍ୱାରା ବୃଦ୍ଧି କରାଯାଇଥିବା ଭରଣପୋଷଣ ଅର୍ଥ



ରାଶି ବୈଷୟିକ ଦୃଷ୍ଟିକୋଣ ଅପେକ୍ଷା ପତ୍ନୀଙ୍କ ଆବଶ୍ୟକତା ଆଧାରରେ ହୋଇଥିବାରୁ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ମାମଲାରୁ ପ୍ରକାଶ ଯେ ଏକ ଭରଣପୋଷଣ ମାମଲାରେ ପତ୍ନୀଙ୍କୁ ମାସିକ ମାତ୍ର ୧୫୦୦ଟଙ୍କା ଭରଣପୋଷଣ ଅର୍ଥ ରାଶି ସ୍ଥିର କରାଯାଇଥିଲା। ଆବଶ୍ୟକତା ଓ ସ୍ୱାମୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଥିବାରୁ ଏହାକୁ ବୃଦ୍ଧି ପାଇଁ ରାଉରକେଲା ପରିବାରଙ୍କ ଦ୍ୱାରସ୍ଥ ହୋଇଥିଲେ ପତ୍ନୀ। ପରିବାର ଅଦାଲତ ଗତ ୨୦୨୪ ଫେବୃଆରୀ ୨୧ରେ ଏହି ଅର୍ଥରାଶିକୁ ମାସିକ ୧୫୦୦ରୁ ୧୦ହଜାର ଟଙ୍କାକୁ ବୃଦ୍ଧି କରିବା ସହ ସ୍ୱାମୀଙ୍କୁ ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପତ୍ନୀଙ୍କ ବୟସ ୬୩ ବର୍ଷ ହୋଇଥିବା ବେଳେ ନିଜର କିଛି ରୋଜଗାର ନଥିବା ଓ ସ୍ୱାମୀଙ୍କ ପେନସନ୍ ମାସିକ ୫୦ ହଜାର ଟଙ୍କା ହୋଇଥିବା ଶୁଣାଣି ବେଳେ ଦାଖଲ ସତ୍ୟପାଠରୁ ସ୍ପଷ୍ଟ ହୋଇଥିଲା।

## ପୁଣି ଶ୍ରୀମନ୍ଦିର ଭିଡ଼ିଓ ଭାଇରାଲ

**ପୁରୀ,୪।୩(ସମିସ):** ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିଡିଓ। ଏଥିରେ ଭିତରବେଢ଼ା ଏବଂ ମୁଖ୍ୟ ମନ୍ଦିର ରହିଛି। ମୋବାଇଲରୁ ମୋବାଇଲକୁ ଘୂରିବୁଲୁଛି ଏହି ଭିଡିଓ। ଲଭ୍ ପାହାଡନ ଆଇଡି ଇନଷ୍ଟାଗ୍ରାମରେ ଏହି ଭିଡ଼ିଓ ଅପ୍‌ଲୋଡ ହୋଇଛି। ଏହା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଛି। ବିଶେଷକରି ମନ୍ଦିର ଭିତର ଫଟୋ ଏବଂ ଭିଡିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏ ସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ନିକଟରେ ବୃନ୍ଦାବନର ବାଙ୍କେ ବିହାରୀ ଅନନ୍ତ ଶ୍ରୀମନ୍ଦିର ଭିଡ଼ିଓ ଭାଇରାଲ କରିଥିଲେ। ଯେଉଁଥିରେ ସିଂହଦ୍ୱାର ଗୁମୁଟଠାରୁ ଆରମ୍ଭ କରି ବାଇଶିପାହାଚ, ଭିତରବେଢ଼ା, କୀର୍ତ୍ତନ ଚକଡ଼ା ରହିଥିବା ବେଳେ ସବୁଠୁ ସମ୍ବେଦନଶୀଳ କୁହାଯାଉଥିବା ଗର୍ଭଗୃହର ଭିଡିଓ ବି କରିଥିଲେ। ଗରୁଡ଼ ସ୍ତମ୍ଭ ପାଖରୁ ସିଧା ଗର୍ଭଗୃହର ଭିଡିଓ ଉଠାଇଥିଲେ। ଏଥିରେ ନାଟମଣ୍ଡପ ଏବଂ ଭିତରକାଠରେ ଭକ୍ତ ଦର୍ଶନ କରୁଥିବା ବେଳେ ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବି ଦେଖାଯାଉଥିଲା। ଏବେ ପୁଣି ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ ହୋଇଛି। ଲଭ୍ ପାହାଡନ୍ ଆଇଡି ଇନଷ୍ଟାଗ୍ରାମରେ ଅପ୍‌ଲୋଡ ହୋଇଥିବା ଭିଡିଓଟିରେ ଜଣେ ଯୁବତୀ ନଜର ଆସୁଛନ୍ତି। ଲେଟ୍ସ-ଗୋ' ଭିଜିଟ୍ ଧାମ ମେସେଜ୍ ଦିଆଯାଇ ଏହି ଭିଡିଓରେ ପୁରୀର ରେଳ ଷ୍ଟେସନ୍, ସମୁଦ୍ର, ସ୍ୱର୍ଗଦ୍ୱାର, ବଡ଼ଦାଣ୍ଡ ଭଳି ସ୍ଥାନ ଦୃଶ୍ୟମାନ ହେଉଛି। ଏହି ଭିଡିଓର ମଝିରେ ଶ୍ରୀମନ୍ଦିର ଭିତର ବେଢ଼ା, ମୁଖ୍ୟ ମନ୍ଦିର ଆଦି ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ଥିବା ବେଳେ କିପରି ଏତେ ଜାଗାର ଭିଡ଼ିଓ ଉତ୍ତୋଳନ କଲେ ଏବଂ କେହି କିପରି ଜାଣିପାରିଲେ ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଜି ବନକଲାଗି; ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

**ଦୁଇଦିନ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ**

**ପୁରୀ,୪।୩(ସମିସ):** ଫାଲଗୁନ ଶୁକ୍ଳ ଷଷ୍ଠୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ଗୁପ୍ତ ନୀତି ସମ୍ପନ୍ନ ହେବ। ଏଥିପାଇଁ ଦ୍ୱିପ୍ରହର ଧୂପ ସରିବା ପରେ ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଦତ୍ତମହାପାତ୍ର ସେବକମାନେ ପ୍ରାକୃତିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଅନ୍ୟପକ୍ଷରେ ଏହି ବନକଲାଗି ପାଇଁ ବୁଧବାର ଓ ଗୁରୁବାର ଦୁଇଦିନ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

■ ନାବାଳିକା ନିଖୋଜ ମାମଲାରେ ପୁଲିସର ନିଷ୍କ୍ରିୟତା

## ଭୁବନେଶ୍ୱର ଡିସିପିଙ୍କୁ ହାଜର ହେବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୪।୩(ସମିସ):** ଏକ ନାବାଳିକା ନିଖୋଜ ସଂକ୍ରାନ୍ତରେ ତାର ପିତାଙ୍କ ପକ୍ଷରୁ ରୁଜୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଭର୍ଚୁଆଲ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ଭୁବନେଶ୍ୱର ଡିସିପିଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ଘଟଣାରେ ପୁଲିସର ନିଷ୍କ୍ରିୟତା ସମ୍ପର୍କରେ ଡିସିପି ସ୍ପଷ୍ଟୀକରଣ ଦେବେ ବୋଲି ହାଇକୋର୍ଟ କହିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୨୪ଜୁନ୍୧୭ରୁ ସମ୍ପୃକ୍ତ ନାବାଳିକାଜଣଙ୍କ ନିଖୋଜ ହୋଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୁଲିସ୍ ଥରେ ମାତ୍ର ଚଢ଼ଉ କରି ଚୁପ୍ ବସିଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଫିଲ୍ମ ନିର୍ମାତାଙ୍କୁ ଟାଣୁଛି କୋରାପୁଟ**

# ଦେଓମାଳି ଆସିବେ ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା

**କୋରାପୁଟ, ୪।୩ (ସମିସ):** ଏକଦା ମାଓବାଦୀଙ୍କ ଗଡ଼ ଭାବେ ପରିଚିତ କୋରାପୁଟ ଜିଲ୍ଲା ବର୍ତ୍ତମାନ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ଆଗାମୀ ଦିନରେ ଦେଓମାଳିକୁ ସୁଟିଂ ପାଇଁ ଟଲିଉଡ୍ ଅଭିନେତା ସୁପରଷ୍ଟାର୍ ମହେଶ ବାବୁ, ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ଦକ୍ଷିଣ ଭାରତର ସୁପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା-ନିର୍ଦ୍ଦେଶକ ଏସ୍‌ଏସ୍. ରାଜାମୌଳି ଆସିବା ଏହାର ପ୍ରମାଣ। ଶ୍ରୀ ରାଜାମୌଳି ଦେଓମାଳିରେ ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି। ଚଳିତ ମାସ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଓମାଳିରେ ଫିଲ୍ମ ସୁଟିଂ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ଶ୍ରୀ ରାଜାମୌଳିଙ୍କୁ ଅନୁମତି ଦେଇଥିବା ଜଣାପଡ଼ିଛି। ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ଅଭିନୀତ ଉକ୍ତ ସିନେମା ଦେଓମାଳି ସମେତ ଜିଲ୍ଲାର ଆଉ କେତେକ ସ୍ଥାନରେ ସୁଟିଂ ହେବ ବୋଲି ଜଣାପଡ଼ିଛି।

ଦିନ ଥିଲା, କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା, ଲମତାପୁଟ, ନାରାୟଣପାଟଣା, ପଟ୍ଟାଙ୍ଗି, ନନ୍ଦପୁର, ସେମିଳିଗୁଡା ବ୍ଲକ ମାଓପ୍ରବଣ ଭାବେ ପରିଚିତ ହେଉଥିଲା।



କିନ୍ତୁ ଆଜି ସମୟ ବଦଳିବା ସହ ମାଓ ଅଧ୍ୟୁଷିତ ଅଞ୍ଚଳରେ ସାମଗ୍ରିକ ବିକାଶ ହୋଇଛି। ସାଧାରଣ ନାଗରିକ ନିର୍ଭୟରେ ସେହି ଅଞ୍ଚଳରେ ଚଳପ୍ରଚଳ କରି ପାରୁଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବାହିନୀ ଓ ରାଜ୍ୟ ପୁଲିସ ମାଓ ଦମନରେ ଉଲ୍ଲେଖନୀୟ ସଫଳତା ହାସଲ ପରେ ମାଓ ଅଧ୍ୟୁଷିତ ଅଞ୍ଚଳରେ ବର୍ତ୍ତମାନ ପର୍ଯ୍ୟଟନର ବିକାଶ ହୋଇଛି। ତେଣୁ ଏସବୁ ସ୍ଥାନ ଏବେ ଫିଲ୍ମ ନିର୍ମାତାମାନଙ୍କୁ ଆକର୍ଷିତ କରୁଛି।

■ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏସ୍‌ଏସ୍. ରାଜାମୌଳିଙ୍କୁ ଅନୁମତି
■ ମାସେ ବ୍ୟାପୀ ହେବ ସୁଟିଂ

ଗତ କିଛି ବର୍ଷ ହେବ ମାଛକୁଣ୍ଡ ନିକଟ ଡୁଡୁମା ଜଳପ୍ରପାତ, ନନ୍ଦପୁର ବ୍ଲକ ଅନ୍ତର୍ଗତ ରାଣୀ ଡୁଡୁମା, ପଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓମାଳି ପର୍ବତରେ ଅନେକ ତେଲୁଗୁ, ହିନ୍ଦୀ, ଓଡ଼ିଆ ସିନେମା ସୁଟିଂ ହୋଇଛି। ଜିଲ୍ଲାର ପର୍ଯ୍ୟଟନ ସ୍ଥଳଗୁଡ଼ିକ ମଧ୍ୟରେ ବର୍ତ୍ତମାନ ଦେଓମାଳିକୁ ରାଜ୍ୟ ଓ ରାଜ୍ୟ ବାହାରୁ ସର୍ବାଧିକ ପର୍ଯ୍ୟଟକ ଆସୁଥିବା ବେଳେ ଫିଲ୍ମ ନିର୍ମାତାମାନଙ୍କର ମଧ୍ୟ ଲାଇନ୍ ଲାଗିଛି।

## ଆଇଏଏସ ବିଷ୍ଣୁପଦଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

**କଟକ,୪। ୩(ସମିସ):** ସିବିଆଇ ଚଢ଼ଉ ମାମଲାରେ ଆଇଏଏସ ଅଫିସର ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗତ ଫେବୃଆରୀ ୨୫ରେ ହାଇକୋର୍ଟ ପ୍ରଦାନ କରିଥିବା ଅନ୍ତରୀଣ ସୁରକ୍ଷାକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି । ଫଳରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଶ୍ରୀ ସେଠୀ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ କୌଣସି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଶ୍ରୀ ସେଠୀ ଓ ତାଙ୍କ ପତ୍ନୀ ଓ ଝିଅଙ୍କ ପକ୍ଷରୁ ଦାୟର ରିଟ୍ ଆବେଦନର ଏକତ୍ର ଶୁଣାଣି କରି ଶୁଣାଣି କରି ଡ. ଜଷ୍ଟିସ୍ସ ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଏହି ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଥିବା ବେଳେ ଏହା ଉପରେ ପ୍ରତିଜବାବ ଦାଖଲ କରିବା ପାଇଁ ଆବେଦନକାରୀ ଅତିରିକ୍ତ ସମୟ ଲୋଡ଼ିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ପ୍ରତିଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ବରିଷ୍ଠ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ବାସଭବନରେ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲାରେ ସିବିଆଇ ଚଢ଼ଉ କରିଥିଲା। ତାଙ୍କ ବିରୋଧରେ ଏତଲା ନଥିବା ବେଳେ ସିବିଆଇ ଘରେ ଚଢ଼ଉକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

**ପଞ୍ଚାୟତିରାଜ ଦିବସ ପରିବର୍ତ୍ତନକୁ ନେଇ ବର୍ଷିଲା ବିଜେଡି**

# ଓଡ଼ିଶାର ଗୌରବକୁ କ୍ଷୁଣ୍ଣ କରିଛନ୍ତି ରାଜ୍ୟ ସରକାର



- ବିଜୁ ବାବୁଙ୍କ କୃତିକୁ ମଳିନ କରିବାକୁ ଅପଚେଷ୍ଟା
- ଦେଶକୁ ମାର୍ଗ ଦେଖାଇଥିଲା ବିଜୁ ପଟ୍ଟନାୟକଙ୍କ ପଦକ୍ଷେପ
- ମାର୍ଚ୍ଚ ୫ରେ ବିଜୁ ଜୟନ୍ତୀ, ୬ରେ ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର,୪।୩(ସମିସ): ଗତ ୩ ଦଶନ୍ଧି ଧରି ରାଜ୍ୟରେ ପଞ୍ଚାୟତିରାଜ ଦିବସ ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିବା ବେଳେ ଏହାକୁ ଏପ୍ରିଲ ୨୪ ତାରିଖରେ ପାଳନ କରିବା ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ। କଥା କଥାକେ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର ଓଡ଼ିଆ ଅସ୍ମିତା ଉପରେ କୁଠାରଘାତ କରିଛି ଓ ବିଜୁ ପଟ୍ଟନାୟକଙ୍କ କୃତୀକୁ ସୁଚିନ୍ତିତ ଉପାୟରେ ମଳିନ କରିବାକୁ ଅପଚେଷ୍ଟା ଚଳାଇଛି । ବିଜେପି ସରକାରଙ୍କ ଏହି ଅବିଚାର ପ୍ରତି ଓଡ଼ିଶାର ଜନସାଧାରଣ ବିଚାର କରିବେ । ମାର୍ଚ୍ଚ ୫ ତାରିଖରେ ବିଜେଡ଼ି ବିଜୁ ବାବୁଙ୍କ ଜୟନ୍ତୀ ରାଜ୍ୟବ୍ୟାପୀ ପାଳନ କରିବ ଓ ୬ ତାରିଖ ଦିନ ରାଜ୍ୟବ୍ୟାପୀ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ବିଜେଡ଼ି କହିଛି ।

ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡିଶା ଅଗ୍ରଣୀ ଭୂମିକା ନିର୍ବାହ କରିଛି। ୧୯୯୧ ମସିହାରେ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ଲକ୍ଷ୍ୟରେ ଜିଲ୍ଲାପରିଷଦ, ପଞ୍ଚାୟତିରାଜ ଓ ପଞ୍ଚାୟତ ସମିତି ଗଠନ ପାଇଁ ଓଡିଶା ବିଧାନସଭାରେ ବିଲ୍ ପାରିତ ହୋଇଥିଲା। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡିଶା ଅଗ୍ରଗାମୀ ଭୂମିକା ନିର୍ବାହ କରିଥିବା ବେଳେ ଏହାର ପରବର୍ଷ ଅର୍ଥାତ ୧୯୯୨ ମସିହାରେ, ଦେଶର ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଆଣି ଏହି ବ୍ୟବସ୍ଥାକୁ ପ୍ରାବଧାନ କରାଯାଇଥିଲା। ଏଥିରୁ ସ୍ପଷ୍ଟ ହୁଏ ଯେ, ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରି କ୍ଷମତାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଭଳି ଐତିହାସିକ କାର୍ଯ୍ୟ ବିଜୁ ପଟ୍ଟନାୟକଙ୍କ ଭଳି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କ ଯୋଗୁଁ ସମ୍ଭବ ହୋଇପାରିଥିଲା ବୋଲି ସେ କହିଛନ୍ତି।

ବିଜୁ ଜନତା ଦଳର ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ତୃତୀୟାଂଶ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ଓ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ବିଜୁ ପଟ୍ଟନାୟକଙ୍କ ପଦକ୍ଷେପ ପାଇଁ ଓଡିଶା ସାରା ଦେଶ ପାଇଁ ମାର୍ଗଦର୍ଶକ ସାଜିଥିଲା। ବାସ୍ତବିକ ଏହା ଥିଲା ଓଡ଼ିଆ ଅସ୍ମିତା। ଏହା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇପାରିଥିବାରୁ ବିଜୁ ବାବୁଙ୍କ ଜନ୍ମ ଦିବସରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ତତ୍କାଳୀନ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ନବେ ଦଶକରୁ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ରାଜ୍ୟ ସରକାରଙ୍କ ଦ୍ୱାରା ପାଳିତ ହୋଇଆସୁଛି। ଏହାର ୧୬ ବର୍ଷ ପରେ ଅର୍ଥାତ ୨୦୧୦ ମସିହା ଏପ୍ରିଲ ୨୪ ତାରିଖ ଦିନ କେନ୍ଦ୍ର ସରକାର ଏହି ଦିନଟିକୁ ଦେଶରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ନିଷ୍ପତ୍ତି ନେଇଥିଲେ। ମାତ୍ର ବର୍ତ୍ତମାନର ବିଜେପି ସରକାର ଏହି ନିଷ୍ପତ୍ତିକୁ ବଦଳେଇ ଦେଇ ଓଡ଼ିଶାର ଗୌରବକୁ କ୍ଷୁଣ୍ଣ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ବୋଲି ଶ୍ରୀ ଦାସବର୍ମା କହିଥିଲେ।

ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟ ସରକାର କ୍ଷମତାକୁ ଆସିବା ଦିନଠାରୁ, ବିଜୁ ପଟ୍ଟନାୟକଙ୍କ କୃତୀକୁ ସୁଚିନ୍ତିତ ଉପାୟରେ ମଳିନ କରିବାକୁ ଅପଚେଷ୍ଟା କରୁଛନ୍ତି। ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସମ୍ମାନଜନକ ଆନ୍ତର୍ଜାତୀୟ କଳିଙ୍ଗ ପୁରସ୍କାରକୁ କେନ୍ଦ୍ର ସରକାର ଅନୁଦାନ ଦେବାକୁ ମନା କରିଦେବା ପରେ, ଏହା ବନ୍ଦ ହେବାକୁ ଯାଉଛି। ଏହା ବିଜେଡିର ବିଧାୟକମାନେ ବିଧାନସଭାରେ ଉତ୍ଥାପନ କରିଥିଲେ ହେଁ ରାଜ୍ୟ ସରକାର ନିରବ ଅଛନ୍ତି। ବିଜୁ ବାବୁଙ୍କ ଜୟନ୍ତୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ସପ୍ତାହ ବ୍ୟାପୀ ଉଦ୍ୟୋକ୍ତା ସମ୍ମିଳନୀ ହୋଇଆସୁଥିଲା, ଯେଉଁଥିରେ ଉଦ୍ୟୋଗପତି ମାନେ ଯୋଗ ଦିଅନ୍ତି ଓ ସେମିନାର ଏବଂ କର୍ମଶାଳା ଇତ୍ୟାଦି ଆୟୋଜନ କରାଯାଇ ଆସୁଥିଲା। ତାକୁ ମଧ୍ୟ ଏ ବର୍ଷ ଆୟୋଜନ କରାଯାଉ ନାହିଁ। ରାଜ୍ୟ ବିଜେପି ସରକାରଙ୍କ ଏହି କାର୍ଯ୍ୟ ତାଙ୍କ ହୀନମନ୍ୟତାକୁ ଦର୍ଶାଉଛି। ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି ବୋଲି ଶ୍ରୀ ନାୟକ କହିଥିଲେ। ଏହି ଅବସରରେ ଦଳର ବରିଷ୍ଠ ମିଡ଼ିଆ ସଂଯୋଜକ ଶ୍ରୀ ପ୍ରତାପ ଜେନା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡିର ଶାନ୍ତିପୂର୍ଣ୍ଣ ଧାରଣା



ଭୁବନେଶ୍ୱର,୪।୩(ସମିସ): କ୍ଷମତାକୁ ଆସିବା ପରଠାରୁ ସୁଚିନ୍ତିତ ଉପାୟରେ ବିଜୁ ବାବୁଙ୍କ ସତ୍ତା ଲିଭାଇବା ପାଇଁ ହୀନ ଉଦ୍ୟମ ଚଳାଇଛନ୍ତି ରାଜ୍ୟ ବିଜେପି ସରକାର। ମାତ୍ର ଜନ ନାୟକ ବିଜୁ ବାବୁଙ୍କ କୃତୀକୁ ଲିଭାଇବା ସମ୍ଭବ ନୁହେଁ। ସରକାର ନିଜର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ତୁରନ୍ତ ବଦଳାଇ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ କରନ୍ତୁ ବୋଲି ବିଜେଡି ଦାବି କରିଛି। ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ ପ୍ରତିବାଦରେ ଆଜି ବିମାନବନ୍ଦର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ତଳେ ଶାନ୍ତିପୂର୍ଣ୍ଣ ଧାରଣା ସହ ଦେଇଛି। ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ଦଳର ମୁଖପାତ୍ର ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ମିହିର ରାୟ, ଇପ୍ସିତା ସାହୁ, ବିଜୟ ନାୟକ, ଦଳର ସମସ୍ତ କର୍ପୋରେଟର, ଦଳୀୟ କର୍ମକର୍ତ୍ତା, ଛାମୁଆ ସଂଗଠନର ପଦାଧିକାରୀ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।

ଦଳ ପକ୍ଷରୁ କୁହାଯାଇଛି ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ସରକାର ଯେପରି ଭାବେ ରାତି ଅଧିଆ ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ କଲେ ତାହା ନିନ୍ଦନୀୟ ଏବଂ ଦୁର୍ଭାଗ୍ୟପୂର୍ଣ୍ଣ। ଓଡିଆ ଅସ୍ମିତା କଥା କହୁଥିବା ବିଜେପି ସରକାର ଓଡିଆ ଅସ୍ମିତା ରକ୍ଷା କରିବାରେ ପଛଘୁଞ୍ଚା କାହିଁକି ଦେଉଛି ବୋଲି ବିଜେଡି ନେତୃତ୍ୱ ପ୍ରଶ୍ନ କରିଛନ୍ତି। ସରକାର ତ୍ରୁଟି ସଂଶୋଧନ କରି ଏପ୍ରିଲ ୨୪ ବଦଳରେ ମାର୍ଚ୍ଚ ୫ ତାରିଖ ଦିନ ବିଜୁ ବାବୁଙ୍କ ଜୟନ୍ତୀରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରନ୍ତୁ ବିଜେଡି ନେତାମାନେ ଦାବି କରିଛନ୍ତି ।

# ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନବୀନଙ୍କୁ ମୋହନଙ୍କ ଚିଠି

ଭୁବନେଶ୍ୱର,୪।୩(ସମିସ): ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମାର୍ଚ୍ଚ ୫ ତାରିଖ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେବାକୁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ନବୀନଙ୍କ ଗରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି।

# ୧୦ରେ ଜିଲ୍ଲାପାଳ ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୪।୩(ସମିସ): ଆସନ୍ତା ୧୦ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଅଫିସ୍ ଘେରଉ କରିବ କଂଗ୍ରେସ। ରାଜ୍ୟରେ ମହିଳା ହିଂସା ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି ବିରୋଧରେ କଂଗ୍ରେସ ଏହି ପ୍ରତିବାଦ କରିବ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି। ବାଲେଶ୍ୱରର ସୋର, ଢେଙ୍କାନାଳ,ସମ୍ବଲପୁର, ରାଉରକେଲା, ବଲାଙ୍ଗୀରର ଖଇରପାଲି, କୋରାପୁଟର ଲକ୍ଷ୍ମୀପୁର, ଭଦ୍ରକର ବେତଡ଼ା, ଦେଓଗଡ଼ ଓ ବରଗଡ଼ରେ ଧନୁଯାତ୍ରା ସମୟରେ ମହିଳାମାନଙ୍କ ପ୍ରତି ଗଣବଳାତ୍କାର ଘଟଣା ରାଜ୍ୟବାସୀଙ୍କ ଭିତରେ ଆଲୋଡନ ସୃଷ୍ଟି କରିଛି। ଯେଉଁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି। ସ୍କୁଲରେ ନାବାଳିକା ଗର୍ଭବତି ହେବା ଓ ସନ୍ତାନ ପ୍ରସବ କଲାଭଳି ଘଟଣା ମୋହନ ସରକାରଙ୍କ ଶାସନର ବିଫଳତାକୁ ପ୍ରମାଣିତ କରୁଛି। ଚିତ୍ରକୋଣ୍ଡା, ଚମ୍ପୁଆ, ବରୀ, ଲକ୍ଷ୍ମୀପୁର ଅଂଚଳରେ ଏଭଳି ସାଂଘାତିକ ଘଟଣା ଦୃଷ୍ଟିକୁ ଆସିଛି। ପଢ଼ିବାକୁ ଯାଇ ଏଭଳି ଅମାନୁଷିକ ଭାବେ ନିର୍ଯ୍ୟାତିତ ହେବା ମୋହନ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରିଛି। ରାଜ୍ୟରେ ଏଭଳି ବେଭିଚାର ଶାସନ ବିରୋଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ତାର ପ୍ରତିବାଦ ଜାରି ରଖିବ। ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ।

DADLS-103



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

OIPR -15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ସମ୍ପାଦକୀୟ



ପଶୁ ବଳି ବଦଳରେ ମଣିଷର ପଶୁତ୍ୱକୁ ବଳି ଦିଅ।
-ସତ୍ୟସାଇ ବାବା

ସକାଳ
THE SAKALA

## ସ୍ୱପ୍ନଦ୍ରଷ୍ଟାଙ୍କ ସମୃଦ୍ଧ ଓଡ଼ିଶା

ମହାତ୍ମା ଗାନ୍ଧୀ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ପରେ ବ୍ରିଟିଶ ଶାସନାଧୀନ ଭାରତବର୍ଷର ରାଜନୈତିକ ନେତୃତ୍ୱଙ୍କ ମଧ୍ୟରେ ବିଶ୍ୱବନ୍ଦ୍ୟ ହେବାର ଗୌରବ ଅର୍ଜନ କରିଥିବା ଏକମାତ୍ର ବ୍ୟକ୍ତିତ୍ୱ ହେଉଛନ୍ତି ବିଜୁ ପଟ୍ଟନାୟକ। ଏହି ଯୁଗପୁରୁଷଙ୍କ ବିଚାର ଓ ରାଜନୈତିକ ଦର୍ଶନ କେବଳ ଏକ 'ଆଦର୍ଶ' ନୁହେଁ ଏକ 'ବାଦ'(ଇଜିମ୍)ର ପ୍ରତୀକ। ସ୍ୱାଭାବିକ ଭାବେ 'ଶ୍ରେୟ', 'ସମ୍ମାନ', 'ଅଳଙ୍କାର', 'ପୁରସ୍କାର'ରୁ ବହୁଉର୍ଦ୍ଧ୍ୱରେ ଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ 'ସ୍ୱପ୍ନଦ୍ରଷ୍ଟା' ଭାବେ ଯେତିକି ଅନୁକରଣୀୟ 'ସ୍ୱପ୍ନସ୍ରଷ୍ଟା' ଭାବେ ତା'ଠାରୁ ଅଧିକ ବନ୍ଦନୀୟ। ବିଶେଷକରି ୨୦୩୬ରେ ବିକଶିତ ଓଡ଼ିଶାର ରୂପରେଖ ପ୍ରସ୍ତୁତ କଲା ବେଳେ 'ବିଜୁବାଦ'ର ଗୁରୁତ୍ୱ ଆହୁରି ପ୍ରାସଙ୍ଗିକ। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟରେ ଯେଉଁ ପାହାଚଗୁଡ଼ିକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଛି ସେଗୁଡ଼ିକ ବିଷୟରେ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ବିଜୁ ବାବୁ ବହୁପୂର୍ବରୁ ସୂଚାଇ ସାରିଥିଲେ। ତେଣୁ ସେହି ପାହାଚଗୁଡ଼ିକୁ ଉତ୍ତରଣ କଲା ବେଳେ ବିଜୁ ବାବୁ ସ୍ୱତଃସ୍ମରଣକୁ ଆସନ୍ତି। ଏହା ଅବଶ୍ୟ ଭିନ୍ନ କଥା ଯେ ସଂକୀର୍ଣ୍ଣ ରାଜନୈତିକ ମାନସିକତାରେ ବିଜୁବାବୁଙ୍କ ଆଦର୍ଶକୁ ଖର୍ବକାୟ କରିବାର ହୀନମନ୍ୟତା ଆରମ୍ଭ ହୋଇସାରିଛି। ପଞ୍ଚାୟତିରାଜ ବ୍ୟବସ୍ଥାର ଜାତୀୟ ବିଧାଣୀ ବିଜୁବାବୁଙ୍କୁ ତାଙ୍କ ଜନ୍ମଦିନରେ ହିଁ ସେହି ଶ୍ରେୟରୁ ବଞ୍ଚିତ କରାଯାଇଛି। ଓଡ଼ିଶାରୁ ଓଡ଼ିଆତ୍ୱକୁ ଭିନ୍ନ କରିବାର ଉଦ୍ୟମ ଯେଭଳି ହାସ୍ୟାସ୍ପଦ, ଓଡ଼ିଶାର ଜନଜୀବନରୁ 'ବିଜୁବାଦ'କୁ ବିଲୋପ କରିବାର ଚକ୍ରାନ୍ତ ତା'ଠାରୁ ଅଧିକ ନିନ୍ଦନୀୟ। ବରଂ 'ବିଜୁବାଦ'କୁ ହିଁ ପାଥେୟ ନ କରିବା ପର୍ଯ୍ୟନ୍ତ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିବ ନାହିଁ - ଏହି ଆପ୍ତବାକ୍ୟକୁ ରାଜ୍ୟର କ୍ଷମତାସୀନ ଦଳ ହେଜିବା ଦରକାର।

ବିଜୁବାବୁଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବାଳୀ ଏହି ଉଦ୍‌ଘୋଷଣା କରେ ଯେ ପ୍ରଗତି ରଥରେ ସାରଥିର ଭୂମିକା ନିର୍ବାହ କରିବାକୁ ହେଲେ ସ୍ୱପ୍ନ ଓ ଦୁଃସାହସ ଦରକାର। ଜୀବନ ଜିଇଁବାର



ଶ୍ରେଷ୍ଠ ଗୌରବ କେବଳ ରାଜନୈତିକ ଜୟ-ପରାଜୟତାରେ ସୀମିତ ନୁହେଁ। ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାକାର କରିବାକୁ ହେଲେ ଯୁବକମାନଙ୍କୁ ଯଥାର୍ଥ ଗୁରୁତ୍ୱ ଦେଇ ସେମାନଙ୍କୁ ସେନାପତି ଦାୟିତ୍ୱ ଦେବାକୁ ପଡ଼ିବ। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ ଯୁବଶକ୍ତି ନିଜ ସ୍ୱାର୍ଥଠାରୁ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ କାହାର ଦୟା କିମ୍ବା ଅନୁକମ୍ପାର ପାତ୍ର ନ ହୋଇ ନିଜ ଶକ୍ତି ଓ ବୁଦ୍ଧି ଉପଯୋଗ କରିବାକୁ ପଡ଼ିବ। ସେମାନେ ନିଜେ ନିଜ ଭିତରେ ଭରି ରଖିବାକୁ ପଡ଼ିବ ଅଖଣ୍ଡ ଭରସା ଓ ଆତ୍ମାଭିମାନ। ସେମାନଙ୍କ ଦକ୍ଷତା, ବୁଦ୍ଧିମତ୍ତା ହିଁ ଇତିହାସର ମୋଡ଼ ବଦଳାଇଦେବ। ବିଜୁବାବୁଙ୍କ ଏହି ମାର୍ମିକ ଉକ୍ତି ବିକଶିତ ଓଡ଼ିଶା ଲକ୍ଷ୍ୟ ପଥରେ ଏକ ଦିଗବାରେଣି। ଏହାକୁ ଅନୁସରଣ କଲେ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ସୁଗମ ହୋଇପାରିବ।

ଅଗଣିତ କୃତି ଓ କୀର୍ତ୍ତିର ଯଶସ୍ୱୀ ବିଶ୍ୱନାୟକ ବିଜୁବାବୁଙ୍କ ଦୃଷ୍ଟିକୋଣ ଥିଲା ଯିଏ ବୈମାନିକ ଭାବେ ମହାକାଶର ସୀମା ଚିରିବାର କ୍ଷମତା ରଖେ ସେ ସାଇକେଲ୍ ଚଢ଼ି ଗରିବଙ୍କ କଥା ଓ ବ୍ୟଥାକୁ ନିକଟରୁ ଦେଖି ଓ ଶୁଣିପାରିବାର ହୃଦୟବାନ ହେବା ଜରୁରୀ। ତେଣୁ ଓଡ଼ିଶା ଶିଳ୍ପାୟନର ସ୍ଥପତି ବିଜୁବାବୁ ସାମାଜିକ ଓ ପାରିବାରିକ ସଂସ୍କାର ପାଇଁ ସୁମନ ଝୋଡ଼ିଆଙ୍କ ପରି ଆଦିବାସୀ ମହିଳାଙ୍କୁ ପୁଲିସ ଅଧିକାରୀ କ୍ଷମତା ଦେଇଥିଲେ। ସମାବେଶୀ ବିକାଶର ଏହାଠାରୁ ବଡ଼ ଉଦାହରଣ ଏବଂ ବିକଶିତ ଓଡ଼ିଶା ଗଠନରେ ଏହାଠାରୁ ବଡ଼ ମାନଦଣ୍ଡ ଓ ଉଦାହରଣ ଆଉ କ'ଣ ହୋଇପାରେ। ବିଜୁବାବୁ କହୁଥିଲେ ଗରିବ ହୋଇ ଜନ୍ମହେବା ଏକ ଅପରାଧ ନୁହେଁ। ଖଣିଜ ସମ୍ପଦରେ ସମୃଦ୍ଧ ଏକ ରାଜ୍ୟରୁ ଦାରିଦ୍ର୍ୟ ହଟାଇବା ହିଁ ଗୌରବ। ଶିଳ୍ପପତିମାନେ ପ୍ରକୃତିଦତ୍ତ ସମ୍ପତ୍ତିର କେବଳ ମାର୍ଫତଦାର ମାତ୍ର - ଗାନ୍ଧିଜୀଙ୍କ ଏହି ଉକ୍ତିକୁ ବାସ୍ତବତାରେ ପରିଣତ କରିଥିଲେ ଶିଳ୍ପପତି ବିଜୁବାବୁ। ୧୯୬୧-୬୩ ର ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ଅନୁଭବ କରିଥିଲେ ଶିଳ୍ପ ହିଁ ସମୃଦ୍ଧିର କାରଣ। ସେତେବେଳେ ସେ ବିକଶିତ ଓଡ଼ିଶାର ଯେଉଁ ନକ୍ସା ଆଙ୍କିଥିଲେ ଆଜି ଛଅ ଦଶନ୍ଧି ପରେ ମଧ୍ୟ ଅନତିକ୍ରମଣୀୟ ହୋଇରହିଛି। ରାଜ୍ୟର ଜଣେ ଶାସନମୁଖ୍ୟ ଶିଳ୍ପପତିଙ୍କୁ ଯେଉଁ ଦୃଷ୍ଟିରେ ଦେଖିବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦରିଦ୍ର ଲୋକଟିକୁ ତା'ଠାରୁ ଅଧିକ ଭଲ ଦୃଷ୍ଟିରେ ଦେଖିବା ଆବଶ୍ୟକ। ବିଜୁବାବୁଙ୍କ ସମାବେଶୀ ବିକାଶମନ୍ତ୍ରର ଏହି କଳା ସମ୍ପ୍ରତି ରାଜନେତାମାନେ ଶିଖିଲେ ଓ ଆଦରି ନେଲେ ବିକଶିତ ଓଡ଼ିଶା ସ୍ୱପ୍ନ ଲକ୍ଷ୍ୟ ପୂରଣ ହେବ।

ଏବେ ଓଡ଼ିଆ ଅସ୍ମିତାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଏହି ପ୍ରସଙ୍ଗରେ ମଧ୍ୟ ବିଜୁବାବୁଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ସେ କହୁଥିଲେ ସରକାର ଯେଉଁ ଦଳର ହୁଅନ୍ତୁ ପଛକେ, ଓଡ଼ିଆ ଭାଷାର ବିକାଶ ପାଇଁ କେହି କୁଣ୍ଠିତ ହେବେ ନାହିଁ। କିନ୍ତୁ ଭାଷା ପ୍ରସଙ୍ଗକୁ ରାଜନୀତିର ଫୁଟବଲ୍ ଭଳି କରି ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳୁଛି। ଭାଷା ପାଇଁ ଅନ୍ୟକୁ ସମାଲୋଚନା କରିବା ବା ନିନ୍ଦା କରିବାର ମାନସିକତା ଅତ୍ୟନ୍ତ ଦୁଃଖଦାୟକ। ସେ କହୁଥିଲେ ଭାଷା ହିଁ ବିକାଶର ମାଧ୍ୟମ ହେବା ଉଚିତ।

'ସ୍ୱପ୍ନର-ଓଡ଼ିଶା' ବିଷୟରେ ବିଜୁବାବୁଙ୍କ ଉକ୍ତି ଥିଲା - 'ଓଡ଼ିଶାର ପ୍ରଗତି ସାଧିତ ହୋଇପାରିବ ସାମୂହିକ ଇଚ୍ଛାଶକ୍ତି ଓ ସଙ୍କଳ୍ପ ଦ୍ୱାରା। ମୁଁ ଆଶା କରୁଛି ମୋ ରାଜ୍ୟର ତରୁଣ ପିଢ଼ି ଭବିଷ୍ୟତରେ ପ୍ରକୃତିଦତ୍ତ ସମ୍ବଳକୁ ଠିକଣାଭାବେ କାମରେ ଲଗାନ୍ତୁ। ଏମିତି କଳକାରଖାନା ବସାନ୍ତୁ, ଯାହା ସମସ୍ତଙ୍କ ପାଇଁ ଐଶ୍ୱର୍ଯ୍ୟ ଆଣିଦେବ, ସମସ୍ତଙ୍କୁ ଜୀବିକା ଯୋଗାଇ ପାରିବ। ମୋ ସ୍ୱପ୍ନର ଓଡ଼ିଶାରେ ଜଣେ ହେଲେ ଚାଷୀର କ୍ଷେତ ଶୁଖିଲା ପଡ଼ିବ ନାହିଁ, ମହିଳା-ପୁରୁଷ ସମାନ କ୍ଷମତା ଓ ସୁଯୋଗର ଅଧିକାରୀ ହୋଇଥିବେ, ଜଣେ ହେଲେ ଶିଶୁ ଭୋକିଲା ନଥିବେ କିମ୍ବା ପୁଷ୍ଟିହୀନତାର ଶିକାର ହୋଇ ନ ଥିବେ। ମୋ ଓଡ଼ିଶାରେ ଥିବେ ଅନନ୍ୟ ପ୍ରତିଭାଶାଳୀ ଶ୍ରେଷ୍ଠ ଶିଳ୍ପୀ, ସ୍ଥପତି, ସଙ୍ଗୀତଜ୍ଞ, କବି, ଗଣିତଜ୍ଞ, ବୈଜ୍ଞାନିକ, ସାହିତ୍ୟିକ। ଆମେ ସମସ୍ତେ ମିଶି ଓଡ଼ିଶାକୁ ଏଭଳି ଗଢ଼ିତୋଳିବା ଯେମିତି ସାରା ପୃଥିବୀର ଲୋକେ କହିବେ ଯେ ଓଡ଼ିଶା ହେଉଛି ସେମାନଙ୍କ ସ୍ୱପ୍ନର ରାଜ୍ୟ।' ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ରାଜ୍ୟ ସରକାର ଓଡ଼ିଶାର ସାମାଜିକ-ରାଜନୈତିକ ଜନଜୀବନରେ ବିଜୁ ପ୍ରଭାବକୁ ବିଲୋପ ମାନସିକତା ପରିହାର କରି ପ୍ରଥମେ 'ବିଜୁବାଦ'ର ପାଠ ପଢ଼ନ୍ତୁ। କାରଣ ଏକ ଜନମଙ୍ଗଳ ରାଷ୍ଟ୍ରନୀତିରେ 'ବିଜୁବାଦ'ଠାରୁ ବଡ଼ ଶିକ୍ଷଣୀୟ ଓ ଅନୁକରଣୀୟ ମାନଦଣ୍ଡ ଆଉ କିଛି ହୋଇ ନ ପାରେ।

## ଅର୍ଦ୍ଧ-ଶତାବ୍ଦୀର ରାଜନୈତିକ ଇତିହାସରେ ବିଜୁ ପଟ୍ଟନାୟକ

ପ୍ରହଲାଦ କୁମାର ସିଂହ

'ଯଦି ଆମେ କୌଣସି କାର୍ଯ୍ୟକୁ ତ୍ରୁଟିଶୂନ୍ୟ ଭାବେ କରିବାକୁ ବସିବା, ଆମକୁ ଅନନ୍ତ କାଳ ପାଇଁ ଅପେକ୍ଷା କରିବାକୁ ହେବ। ଆମ ହାତରେ ସମୟ ନାହିଁ। ବିଗତ ବର୍ଷମାନଙ୍କରେ ଅନେକ କିଛି ସୁଯୋଗ ଆମର ହାତଛଡ଼ା ହୋଇଛି। ତେଣୁ ଆମକୁ ସଂକଳ୍ପ ନେବାକୁ ହେବ- ବିଜ୍ଞତା, ଦୂରଦୃଷ୍ଟି, କରୁଣା ଓ ଉତ୍ତମ ବୁଝାମଣାକୁ ପୁଞ୍ଜିକରି ଆମେ ଆମ ନିଜ ସମସ୍ୟା ସମାଧାନର ରାସ୍ତା ବାହାର କରିବା...। ... ଆମେ ମହାନ୍ ପରମ୍ପରାର ଦାୟାଦ। ମନୋଜ୍ଞ ଗିରିପୁଞ୍ଜ, ସୁନ୍ଦର ନଦୀଧାରା, ସୁଦୀର୍ଘ ବେଳାଭୂମି, ସମୃଦ୍ଧ ଅରଣ୍ୟ ସମ୍ପଦ ଓଡ଼ିଶାବାସୀଙ୍କ ପାଇଁ ଈଶ୍ୱରଙ୍କ ଉପହାର। ମୋ ରାଜ୍ୟବାସୀ, ମୋ ରାଜ୍ୟର ତରୁଣ ତରୁଣୀମାନେ ଆଗାମୀ ବର୍ଷମାନଙ୍କରେ ଏ ସବୁ ସମ୍ପଦର ବିନିଯୋଗ କରି ଏକ ସୁନ୍ଦର ଓଡ଼ିଶା ଗଠନ କରନ୍ତୁ।' ଏ ବକ୍ତବ୍ୟ ହେଉଛି ୧୯୯୩ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ।

ଅସମ୍ଭବକୁ ସମ୍ଭବ କରିବା ସଂକଳ୍ପ ନେଇ ଅନିଶ୍ଚିତତା ମଧ୍ୟରେ ନିଶ୍ଚିତତାକୁ ଖୋଜି ପାଇବା, ଅସୀମ ନୀଳ ଆକାଶରେ ସଫଳତାର ସ୍ୱପ୍ନ ଦେଖିବା, ଇତିହାସର ରୋମନ୍ଥନ କରି ଗୋଟାଏ ପୁରାତନ ଐତିହ୍ୟସମ୍ପନ୍ନ ଜାତିର ଦୀର୍ଘ ସୁଷୁପ୍ତିର ତନ୍ଦ୍ରା ତୁଟାଇବା ଏବଂ ସର୍ବୋପରି ଜୟ-ପରାଜୟକୁ ଖାତିର୍ ନ କରି କର୍ମଭୂମିରୁ ଯୁଦ୍ଧଭୂମି ପର୍ଯ୍ୟନ୍ତ ଯେ ସଂଗ୍ରାମ ଜାରି ରଖିଥିଲେ ସେ ହେଉଛନ୍ତି ଝଡ଼ର ଇଗଲ୍, ଧରଣୀର କୃଷ୍ଣସାର ଓ ମାଟିର ମୂର୍ତ୍ତିକାର ବିଜୁ ପଟ୍ଟନାୟକ। କିଏ ତାଙ୍କୁ ଅପବାଦରେ ପୋତି ପକାଇଲା କି ଆଉ କିଏ ତାଙ୍କୁ ପ୍ରବାଦ ପୁରୁଷ କହି ପ୍ରଶଂସା ଅଜାଡ଼ିଲା, ସେଥିରେ ତାଙ୍କର କିଛି ଯାଏଆସ ନ ଥିଲା। ଓଡ଼ିଶା ବାହାରେ କିନ୍ତୁ ସେ ଥିଲେ ଓଡ଼ିଆ ଜାତିର ପରିଚିତି। ତାଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ମାପିବାର ଧୃଷ୍ଟତା କରିବା ହେଉଛି ଅତଳ ସମୁଦ୍ର ଭିତରେ ବନ୍ଧ ବାନ୍ଧିବାକୁ ଯିବା ଭଳି।

ପ୍ରଚଣ୍ଡ ସ୍ୱାଭିମାନୀ ବିଜୁ ପଟ୍ଟନାୟକଙ୍କ କୃତି ଓ କୀର୍ତ୍ତି କେବଳ ଚୌଦ୍ୱାରର ଓଟିଏମ୍, କଳିଙ୍ଗ ଟ୍ୟୁବ୍ସ, କଳିଙ୍ଗ ରେଫ୍ରିଜରେସନ୍, କଳିଙ୍ଗ ଏୟାରୱେଜ୍, କଳିଙ୍ଗ ରିଫ୍ରାକ୍ଟରିଜ୍, ବଡ଼ବିଲ କଳିଙ୍ଗ ଆଇରନ୍ ୱାର୍କସ, କଳିଙ୍ଗ ସମ୍ବାଦପତ୍ର, ପାରାଦୀପ ବନ୍ଦର, ଏକ୍ସପ୍ରେସ୍ ହାଇୱେ, ଓଡ଼ିଶା ବିମାନ ପ୍ରଶିକ୍ଷଣ କେନ୍ଦ୍ର, ରିଜିଓନାଲ କଲେଜ୍ ଅଫ୍ ଏଜୁକେସନ୍, କଳିଙ୍ଗ ପୁରସ୍କାର, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ସୁନାବେଡ଼ାର ମିଗ୍ ବିମାନ କାରଖାନା, ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ, ତାଳଚେରର ତାପଜ ବିଦ୍ୟୁତ୍ କେନ୍ଦ୍ର, ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର, ରାଉରକେଲା ଇଞ୍ଜିନିୟରିଂ କଲେଜ, ବୁର୍ଲାର ମେଡିକାଲ ଓ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱରର ସୈନିକ ସ୍କୁଲ ଓ ଆଞ୍ଚଳିକ ଗବେଷଣା କେନ୍ଦ୍ର ଆଦିରେ ସୀମିତ ନୁହେଁ। ଇଣ୍ଡୋନେସିଆରୁ ସୋଭିଏତ୍ ରୁଷ, କାଶ୍ମୀରରୁ କାଶୀପୁର, ପେଶୱାରରୁ ସ୍ୱର୍ଗଦ୍ୱାର ଆଦି ବିଭିନ୍ନ ସ୍ଥାନରେ ସେ ଛାଡ଼ି ଯାଇଛନ୍ତି ତାଙ୍କର ଅଲିଭା ସ୍ମାରକୀ।

ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀ, ବିରୋଧୀ ଦଳ ନେତା, କେନ୍ଦ୍ରମନ୍ତ୍ରୀ, ଲୋକସଭା, ରାଜ୍ୟସଭା କି ରାଜ୍ୟ ବିଧାନସଭା ସଦସ୍ୟତା ଭିତରେ ସୀମିତ ନୁହେଁ। ଏହି ପଦପଦବୀ ସବୁ କେବଳ ତାଙ୍କ ଜୀବନର ପ୍ରାୟ ୫୧ବର୍ଷର ରାଜନୈତିକ ଯାତ୍ରାକାଳରେ ଗୋଟାଏ ଗୋଟାଏ ଚଟିଘର। ଜଣେ ଦୁର୍ଦ୍ଧର୍ଷ ବିମାନ ଚାଳକ ଭାବେ ସେ ଯେତିକି ଖ୍ୟାତି ଅର୍ଜନ କରିଥିଲେ ସ୍ୱାଧୀନତା ସଂଗ୍ରାମ କାଳରେ ବ୍ରିଟିଶ୍ ସରକାରୀ ଚାକିରିକୁ ଖାତିର୍ ନ କରି ସ୍ୱାଧୀନଚେତା ବିଜୁବାବୁ ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ୍ ଅଲ୍ଲୀ ଆଦି ସଂଗ୍ରାମୀମାନଙ୍କ ସହ ମିଶି ଯେପରି ଦୁଃସାହସିକ କାର୍ଯ୍ୟ କରି କାରାବରଣ କଲେ ତାହା ଅନ୍ୟ ଏକ ରୋମାଞ୍ଚକର ଅଧ୍ୟାୟ।

୧୯୪୬ରେ ବିଜୁବାବୁ ନିର୍ବାଚନୀ ରାଜନୀତି କ୍ଷେତ୍ରରେ ପାଦ ଥାପନ୍ତି ପଣ୍ଡିତ ଜବାହରଲାଲ ନେହରୁଙ୍କ ପରାମର୍ଶକ୍ରମେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଏହି ବର୍ଷ ହୋଇଥିବା ରାଜ୍ୟ ବିଧାନସଭାର ଦ୍ୱିତୀୟ ନିର୍ବାଚନରେ ସେ କେନ୍ଦ୍ର କଟକ ସଦର ନିର୍ବାଚନ ମଣ୍ଡଳୀରୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେବେଠାରୁ ୧୯୯୭ ଏପ୍ରିଲ ୧୭ ତାରିଖରେ ଇହଲୀଳା ସମ୍ବରଣ କରିବା ପର୍ଯ୍ୟନ୍ତ ସେ ନିର୍ବାଚନୀ ରାଜନୀତିରେ ଦୀର୍ଘ ୫୧ବର୍ଷ ଧରି ସକ୍ରିୟ ଥିଲେ। ୧୯୫୧-୫୨ରେ ଜଗନ୍ନାଥପ୍ରସାଦ, ୧୯୫୭ରେ ସୋରଡ଼ା ଓ ୧୯୬୧ରେ ସେ ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ବସ୍ତୁତଃ ବିପର୍ଯ୍ୟସ୍ତ କଂଗ୍ରେସ ସଂଗଠନକୁ ସଜାଡ଼ି ସେ ୧୯୬୧ରେ ରାଜ୍ୟରେ ପୁଣିଥରେ କଂଗ୍ରେସ ସରକାର ପ୍ରତିଷ୍ଠା କରିବାର ନେତୃତ୍ୱ ନେଇଥିଲେ ଏବଂ ସେଥିପାଇଁ ପଣ୍ଡିତ ଜବାହରଲାଲ ନେହରୁଙ୍କ ଆଗ୍ରହକ୍ରମେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିଥିଲେ।

୧୯୭୧ରେ ବିଜୁବାବୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ଓଡ଼ିଶାର ଆକର୍ଷଣ ତାଙ୍କୁ ଟାଣିବାରେ ସେ ଦିଲ୍ଲୀ ଛାଡ଼ି ରାଜନଗର ବିଧାନସଭା ଉପ-ନିର୍ବାଚନ ଲଢ଼ି ଜିଣିଥିଲେ। ୧୯୭୪ରେ ପୁଣିଥରେ ସେ ରାଜନଗରର ବିଧାୟକ ହୋଇଥିଲେ। ୧୯୮୦ରେ ପାଟକୁରା, ୧୯୮୫, ୧୯୯୦ ଓ ୧୯୯୫ରେ ସେ ଭୁବନେଶ୍ୱର ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୧୯୯୦ ବିଧାନସଭା ନିର୍ବାଚନରେ ତାଙ୍କ ନେତୃତ୍ୱରେ ଜନତା ଦଳ ବିଧାନସଭାରେ ରେକର୍ଡ ସଂଖ୍ୟକ ୧୨୩ ଆସନ ଅକ୍ତିଆର କରିଥିଲା। ଏଥର ପୁଣି ତାଙ୍କୁ ଦ୍ୱିତୀୟଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥିଲା।

ବିଜୁବାବୁ ୧୯୭୭ ମସିହାରେ ଜନତା ପାର୍ଟି ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ଜିଣି ମୋରାରାଜୀ ଦେଶାଇ ଓ ଚରଣ ସିଂହଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ପରବର୍ତ୍ତୀ ସମୟରେ ୧୯୮୦ ଓ ୧୯୮୪ରେ ମଧ୍ୟ ସେ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବି ଜିଣିଥିଲେ। ୧୯୯୬ରେ ସେ ଏକସଂଗେ ଆସିକା ଓ କଟକ ଲୋକସଭା ଆସନରୁ ମଧ୍ୟ ଜନତା ଦଳ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ତେବେ ଆସିକା ଆସନଟିକୁ ରଖି କଟକ ଲୋକସଭା ଓ ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫା ଦେବା ପରେ ସେଠାରେ ଉପ-ନିର୍ବାଚନ ହୋଇଥିଲା। ୧୯୮୪ରେ ଜିଣିଥିବା କେନ୍ଦ୍ରାପଡ଼ା ଲୋକସଭା ଆସନରୁ ଇସ୍ତଫା ଦେବା ପରେ ତାଙ୍କ ମନୋନୀତ ପ୍ରାର୍ଥୀ ଶରତ ଦେବ ଉପ-ନିର୍ବାଚନ ଜିଣିଥିଲେ। ସେହିପରି ୧୯୮୦ ମସିହାରେ ସେ ଜିଣିଥିବା ପାଟକୁରା ବିଧାନସଭା ଆସନରୁ ଇସ୍ତଫା ଦେବାରୁ ସେଠାରେ ତାଙ୍କ ମନୋନୀତ ପ୍ରାର୍ଥୀ ବିଜୟ ମହାପାତ୍ର ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

ନିର୍ବାଚନୀ ରାଜନୀତିରେ ୫୧ବର୍ଷ ଧରି ସକ୍ରିୟ ଥିବା ବିଜୁବାବୁ ମଧ୍ୟ ୬ଥର ବିଧାନସଭା ଓ ଥରେ ଲୋକସଭା ନିର୍ବାଚନ ହାରିଛନ୍ତି। କିନ୍ତୁ ଏଥିରେ ସେ ଭାଙ୍ଗିପଡ଼ି ନାହାନ୍ତି। ୧୯୬୧ରେ ଚୌଦ୍ୱାରରୁ ଜିଣିଥିବା ବେଳେ ଢେଙ୍କାନାଳରୁ ହାରିଥିଲେ। ୧୯୬୭ରେ ବି ପାଟକୁରା ବିଧାନସଭା କ୍ଷେତ୍ରରେ ତାଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଥିଲା। ୧୯୭୧ରେ ଭଞ୍ଜନଗର ଲୋକସଭା ସହିତ ଚୌଦ୍ୱାର, ଖୋର୍ଦ୍ଧା, ଭୁବନେଶ୍ୱର ଓ ଭଞ୍ଜନଗର ବିଧାନସଭା ଆସନରୁ ଲଢ଼ି ସେ ପରାସ୍ତ ହୋଇଥିଲେ। ଏହି ନିର୍ବାଚନରେ ତାଙ୍କ ଘନିଷ୍ଠତମ ସହଯୋଗୀ ପ୍ରହଲ୍ଲାଦ ମଲ୍ଲିକ ଉଭୟ ପଟ୍ଟାମୁଣ୍ଡାଇ ଓ ରାଜନଗର ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇଥିଲେ। ପ୍ରହଲ୍ଲାଦବାବୁ ପଟ୍ଟାମୁଣ୍ଡାଇ ଆସନଟି ରଖି ରାଜନଗର କ୍ଷେତ୍ରରୁ ଇସ୍ତଫା ଦେବା ପରେ ସେହି ଆସନରୁ ରେକର୍ଡ ସଂଖ୍ୟକ ବ୍ୟବଧାନରେ ବିଜୁବାବୁ ଉପ-ନିର୍ବାଚନ ଜିଣିଥିଲେ।

ଜୟ-ପରାଜୟକୁ ଖାତିର ନକରି ନିର୍ବାଚନ ସଂଗ୍ରାମରେ ସେ ସଶକ୍ତ ସେନାପତି ଭଳି ଲଢ଼େଇ କରୁଥିଲେ। ସେ ଯେମିତି ଝଡ଼ ସୃଷ୍ଟି କରୁଥିଲେ ସେମିତି ଝଡ଼ ଭିତରେ ଉଡ଼ିବାକୁ ପସନ୍ଦ କରୁଥିଲେ। ତାଙ୍କ ବିସ୍ତୀର୍ଣ୍ଣ ହୃଦୟରେ ସଂକୀର୍ଣ୍ଣତାର ସ୍ଥାନ ନଥିଲା। ଏବେ ନେଇ ନେଇ ନେତା ହେବାର ପରମ୍ପରା ସାରା ଦେଶରେ ଚାଲିଥିବା ବେଳେ ସେ ତାଙ୍କ ରାଜନୈତିକ ଜୀବନରେ ଦେଇ ଦେଇ ନିଃସ୍ୱ ହୋଇଯାଇଛନ୍ତି। ଏହା ବଦଳରେ କିନ୍ତୁ ସାଉଁଟିଛନ୍ତି ଅଜସ୍ର ଶ୍ରଦ୍ଧା, ସ୍ନେହ ଓ ସମ୍ମାନ। ନିର୍ବାଚନରେ ଜୟ-ପରାଜୟକୁ ହାଲୁକା ଭାବେ ଗ୍ରହଣ କରି ବିଜୁବାବୁ କହୁଥିଲେ, 'ନିର୍ବାଚନ ଗୋଟିଏ ଯୁଦ୍ଧ, ଏଥିରେ ହାର୍-ଜିତ୍ ରହିଛି, ଯୋଦ୍ଧା ଯୁଦ୍ଧରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତି ହୁଏ। ବିଜୟୀ ହେଲେ ଯଶସ୍ୱୀ ହୁଏ, ରାଜ୍ୟ ଲାଭ କରେ। ତେଣୁ ପରାଜୟ ପାଇଁ ଦୁଃଖ କରିବାର କାରଣ ନାହିଁ। ପ୍ରକୃତ ଯୋଦ୍ଧା ଲାଗି ଜିଣିବା-ହାରିବା ଉଭୟ ସମାନ।' ସ୍ୱାଧୀନତା ଆନ୍ଦୋଳନ ବେଳେ କାରାବରଣ କରିଥିବା ବିଜୁବାବୁ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ କରି ଜରୁରୀ ପରିସ୍ଥିତି ସମୟରେ ବି ସ୍ୱାଧୀନ ଭାରତରେ କାରାରୁଦ୍ଧ ହୋଇଛନ୍ତି। ତାଙ୍କ ସମୟରେ ରାଜ୍ୟରେ ବହୁ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଓଡ଼ିଶାର ହୃତଗୌରବ ଫେରାଇ ଆଣିବା ପାଇଁ ସେ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଯେଉଁ ଅଭିଯାନ ଚଳାଇଥିଲେ ତାହା ଏବେବି ସମ୍ପୂର୍ଣ୍ଣ ହୋଇନାହିଁ। ଏହି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ଓଡ଼ିଶାର ଯୁବଶକ୍ତି, ଛାତ୍ରଶକ୍ତି, ମାତୃଶକ୍ତି ଓ ବିଶେଷକରି ଶ୍ରମଜୀବୀ ଏବଂ ବୁଦ୍ଧିଜୀବୀମାନେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥର ଗଣ୍ଡିରୁ ବାହାରି ସ୍ୱାଭିମାନର ସହ ସଂକଳ୍ପବଦ୍ଧ ସଂଗ୍ରାମ ଚଳାଇଲେ ଓଡ଼ିଶା ପୁଣି ସମୃଦ୍ଧିର ନୂଆ ଇତିହାସ ଲେଖିପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଜାତୀୟ ଶିକ୍ଷାନୀତି ଓ କଳାସଂସ୍କୃତି ଶିକ୍ଷା

ରାଜକୁମାର ସାହୁ

ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଭାବେ 'ଜାତୀୟ ଶିକ୍ଷା ନୀତି-୨୦୨୦'ର ରୂପରେଖ ଶିଶୁର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା କେବଳ ଜ୍ଞାନଗତ ବିକାଶକୁ ଦୃଷ୍ଟିରେ ନ ରଖି ସାକ୍ଷରତା ଓ ସଂଖ୍ୟାଜ୍ଞାନ, ବିଶ୍ଳେଷଣାତ୍ମକ ଚିନ୍ତନ, ସମସ୍ୟା ସମାଧାନ ବାଟ ପ୍ରସ୍ତୁତି, ବୌଦ୍ଧିକ ସାମର୍ଥ୍ୟ, ସାମାଜିକ, ନୈତିକ ଓ ଆବେଗିକ ସ୍ୱଭାବର ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରିତ କରାଯାଇଛି। ଭାରତରେ ଏମିତି ମଣିଷକୁ ଏହି ଶିକ୍ଷାଦାନରୁ ସୃଷ୍ଟି କରିପାରିବା ଯେ କି ଉପଯୁକ୍ତ ଚିନ୍ତାଧାରା, କାର୍ଯ୍ୟ କରିବାର ସାମର୍ଥ୍ୟ, ଦୟା ଓ ଅନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ସ୍ୱଭାବ, ନୈତିକତା ଆଦିର ଗୁଣାଧିକାରୀ ହେବ।

ସହସ୍ର ବର୍ଷ ଧରି ଗଢ଼ି ଉଠିଥିବା ସଂସ୍କୃତିର ଗନ୍ତାଘର ହେଉଛି ଆମ ଭାରତ ମାଟି, ଯାହା ଦୂରଦୂରାନ୍ତରୁ ପର୍ଯ୍ୟଟକ ବା ଜ୍ଞାନ ପିପାସୁମାନଙ୍କୁ ଆକର୍ଷିତ କରେ। ଭାରତର ଗରିମାମୟ ସଂସ୍କୃତି, କଳା, ସ୍ଥାପତ୍ୟ ଆଦି ପର୍ଯ୍ୟଟନ ବିଭାଗର 'ଅବିଶ୍ୱସନୀୟ ଭାରତ'ସ୍ଲୋଗାନକୁ ପ୍ରତିପାଦିତ କରେ। ଭାରତୀୟ ସାଂସ୍କୃତିକ ବିଭବ ସମଗ୍ର ବିଶ୍ୱରେ ପରିଚୟ ଆଣିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ସୁଦୃଢ଼ୀକରଣରେ ମଧ୍ୟ ସାହାଯ୍ୟ କରେ। ଆଜିର ଶିଶୁଟି କାଲିର ନାଗରିକ। ଯେତେବେଳେ ଶିଶୁକୁ ଶୈକ୍ଷିକ ବିକାଶ ସହିତ କଳାସଂସ୍କୃତି, ପରମ୍ପରା, ଐତିହ୍ୟ ଆଦି ବିଷୟରେ ଅବଗତ ନ କରାଇଲେ ସେହି ଧାରାଟି ପ୍ରବହମାନ ହୋଇପାରିବ ନାହିଁ କି ଭାରତବର୍ଷର ସେହି ପୁରୁଣା ଜ୍ଞାନପରମ୍ପରା ଯାହାକି ସମଗ୍ର ବିଶ୍ୱକୁ ଆଜି ବାଟ ଦେଖାଇଛି, ତାହା ସଂରକ୍ଷିତ ହୋଇପାରିବନି।

ଭାରତରେ କ୍ଷେପଣାସ୍ତ୍ର ତିଆରିର ଜନକ ଅବଦୁଲ କାଲାମ ଭାରତବର୍ଷରେ ହିଁ କେଉଁ ଆଦିଯୁଗରେ ବ୍ରହ୍ମାସ୍ତ୍ର, ଆଗ୍ନେୟାସ୍ତ୍ର ଆଦି ପରି ମିଶାଇଲ୍‌ର ବ୍ୟବହାର ଥିଲା



ବୋଲି କହୁଥିଲେ। ଅଷ୍ଟମ ସୂଚୀରେ କେବଳ ୨୨ଟି ଭାଷା ସ୍ଥାନ ପାଇଥିଲେ ହେଁ ଅନେକ ଭାଷା ଏଯାବତ ଲୋକଙ୍କ ମୁଖରେ ପ୍ରଚଳିତ ଅଛି। ପିଲାମାନେ ମଧ୍ୟ ସେହି ଅଣସାମ୍ବିଧାନିକ ଭାଷାରେ ଶିଖୁଥିବା ଯୋଗୁଁ ବହିପାଠ ଓ ମୁଖନିଃସୃତ ବାଣୀର ଅନ୍ତର ଫଳରେ ଧାରଣାଗତ ପରିପ୍ରକାଶରେ ଅନେକ ଅସୁବିଧା ସୃଷ୍ଟିହୁଏ। ଉଦାହରଣସ୍ୱରୂପ, ପ୍ରସ୍ତୁତି ସ୍ତରରେ ଗୋଟିଏ ମନ୍ଦିର ଫଟୋକୁ ପିଲାଟି ନିଜ ସମ୍ବଲପୁରୀ-କୋଶଲି ଭାଷାରେ 'ଗୁଡ଼ି' ବୋଲି କହୁଥିବା ବେଳେ ତାକୁ ବହିରେ 'ମନ୍ଦିର' ଲେଖାଥିଲେ ଅପ୍ରୀତିକର ମନେ ହେଉଛି। ଜାତୀୟ ଶିକ୍ଷାନୀତି ୨୦୨୦ ସେହି ଅସମାନତାକୁ ହୃଦୟଙ୍ଗମ କରି ନିଜ ମାତୃଭାଷାରେ ଶିକ୍ଷା ପାଇଁ ପଦକ୍ଷେପ ନେଇ ପ୍ରଶଂସାଭାଜନ ହୋଇଛନ୍ତି।

ପ୍ରାରମ୍ଭିକସ୍ତରରେ ଭାଷାଶିକ୍ଷା କହିଲେ ସାଧାରଣତଃ ମାତୃଭାଷା ଶିକ୍ଷାକୁ ବୁଝାଯାଏ। ପ୍ରତ୍ୟକ ଭାଷା ସେହି ଅଞ୍ଚଳର କଳା ଓ ସଂସ୍କୃତି ସହିତ ଅଙ୍ଗାଅଙ୍ଗୀ ଜଡ଼ିତ। ଏଣୁ ସିଧାସଳଖ ଭାଷାଶିକ୍ଷାର ଅନ୍ତରାଳରେ କଳା ଓ ସଂସ୍କୃତିରେ ଭାଷା ଶିକ୍ଷଣର ଭିନ୍ନ ଦିଗ ରୂପେ ଶ୍ରବଣ, କଥନ, ପଠନ ଓ ଲିଖନ ଦକ୍ଷତାଗୁଡ଼ିକ ପିଲାଟି ପ୍ରସ୍ତୁତି ସ୍ତରରୁ ଶିଖିବାରେ ନିଜକୁ ସହଜ ଓ ସରଳ ମନେ କରିଥାଏ। ଏହା ତା'କୁ ଆନନ୍ଦଦାୟୀ ଓ ପାଠରେ ମନ ବଳାଇବାକୁ ଖୋରାକ ଯୋଗାଏ। ଶୈକ୍ଷିକ ଦିଗକୁ ଅବଲୋକନ କଲେ ପିଲାଟିର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ବିକାଶ ନିମନ୍ତେ ଭାଷା ଶିକ୍ଷଣ ଅନିବାର୍ଯ୍ୟ ଅଟେ। ଏହି ଭାଷା ଶିକ୍ଷଣରେ କଳା ଓ ସଂସ୍କୃତି ମାଧ୍ୟମରେ ଶିକ୍ଷାଦାନ କଲେ ପିଲାଟି ଖୁବଶୀଘ୍ର ଦକ୍ଷତାଗୁଡ଼ିକ ହାସଲ କରି ପାରିବ। ଅନ୍ୟପକ୍ଷରେ ଜାତୀୟ ଶିକ୍ଷା ନୀତି ୨୦୨୦ରେ ସାଂସ୍କୃତିକ ପରିଚୟ ଓ ସଚେତନତା ପାଇଁ ବୃଦ୍ଧି କରିବା ସହିତ ଶିଶୁର ସୃଜନଶୀଳତାକୁ ଦୃଷ୍ଟି ଦିଆଯାଇଛି।

ଆଜି ପର୍ଯ୍ୟନ୍ତ କଳାଶିକ୍ଷା ଯଥା ସାହିତ୍ୟ, ନାଟକ, ସଙ୍ଗୀତ ଆଦିକୁ ସହପାଠ୍ୟ ବିଷୟ ଅନ୍ତର୍ଭୁକ୍ତ ହୋଇଥିବା ଯୋଗୁଁ ବେଳେବେଳେ ତାହା ଶିକ୍ଷା ଦିଆଯାଉଛି ଏବଂ ବିଭିନ୍ନ ସ୍ତରରେ ପ୍ରତିଯୋଗିତା ଆୟୋଜନ କରି ପ୍ରତିଭାଧାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି। କିନ୍ତୁ ପ୍ରକାଶଯୋଗ୍ୟ ଯେ ଆଜି ପର୍ଯ୍ୟନ୍ତ ପାଠ୍ୟକ୍ରମରେ ନିର୍ଦ୍ଦିଷ୍ଟ ବିଷୟ ସ୍ଥାନିତ ହୋଇନାହିଁ କି ସେ ବିଷୟରେ ଶିକ୍ଷକଙ୍କ ତାଲିମ ବା ପାଠ୍ୟଖସଡ଼ାର ବ୍ୟବସ୍ଥା ନାହିଁ। କେବଳ ଶହେରୁ ଊର୍ଦ୍ଧ୍ୱ ଶିଶୁ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟର (କଳାଶିକ୍ଷକ) ନିଯୁକ୍ତି ଦେଇ ଅନ୍ୟ ସ୍କୁଲର ପିଲାଙ୍କୁ କଳାଶିକ୍ଷାରେ ଉପେକ୍ଷା କରାଯାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

କଳା ଓ ସଂସ୍କୃତି ଜରିଆରେ ଶିକ୍ଷା ଦେଲେ ଶିଶୁ ବୋଧଗମ୍ୟତା ତ୍ୱରାନ୍ୱିତ ହେଉଥିବା ବେଳେ ମା' ମାଟିର କଳାସଂସ୍କୃତି ପ୍ରତି ଭାବାବେଗ ଉଦ୍‌ଗୀରଣ ହେବା ସହ ତା'କୁ ଗ୍ରହଣ କରି ଭବିଷ୍ୟତରେ ତା' ପ୍ରତିଭାରେ ପ୍ରତିଫଳିତ କରିପାରିବ। କୌଣସି କଳା, ପରମ୍ପରା, ସଂସ୍କୃତି ଆଦିକୁ କେବଳ ଗବେଷଣାରେ ଆମେ ବଞ୍ଚାଇପାରିବା ନାହିଁ। ଏହା କେବଳ ଆଜିର ନମନୀୟ ଶିଶୁମାନଙ୍କ ଦ୍ୱାରା ହିଁ ସମ୍ଭବ ହେବ। ପ୍ରାରମ୍ଭିକ ସ୍ତରରୁ କଳା ଓ ସଂସ୍କୃତି ଶିକ୍ଷାଦାନ ପାଇଁ ପାଠ୍ୟଖସଡ଼ା, ତାଲିମ୍ ପ୍ରାପ୍ତ କଳାଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ତଥା ଏହାକୁ ପାଠ୍ୟକ୍ରମ ସହ ସମ୍ବନ୍ଧିତ କରି ମୂଲ୍ୟାୟନ ହିଁ ଜାତୀୟ ଶିକ୍ଷା ନୀତି ୨୦୨୦ କୁ ସାଫଲ୍ୟ କରିବ।

ଢୋଲବନ୍ଧ(ବରଗଡ଼), ମୋ: ୯୩୪୮୯୮୩୨୩୮

## ବଡ଼ଦାଣ୍ଡରେ ମାଉସୀ ମାଆ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀରାମଚନ୍ଦ୍ରଙ୍କ ବନବାସ ଏବଂ ତଦ୍‌ଜନିତ ଦୁଃଖରେ ଦଶରଥ ପ୍ରାଣ ହରେଇବା ସମୟରେ ଭରତ ଓ ଶତ୍ରୁଘ୍ନ ମାମୁ ଘରେ ଥିଲେ। ଦୁହେଁ ଅଯୋଧ୍ୟା ଫେରିବା ପରେ ଭରତ ଜାଣିବାକୁ ପାଇଲେ ଯେ ତାଙ୍କ ମାଆ ତାଙ୍କୁ ରାଜା କରିବା ପାଇଁ ଭାଇଙ୍କୁ ବନବାସରେ ପଠେଇ ଦେଲେ ଏବଂ ସେହି ଦୁଃଖରେ ପିତା ପ୍ରାଣତ୍ୟାଗ କଲେ। ତେଣୁ ସେ ଅତ୍ୟନ୍ତ କଠୋର ଭାଷାରେ ମାଆଙ୍କୁ ଝିଙ୍ଗାସିଲେ - 'ତୁ ରାଜମାତା ହେବା ପାଇଁ ଏପରି ଚକ୍ରାନ୍ତ କରିଛୁ ନା ମାଆ? ଏବେ ମୋର ନିଷ୍ପତ୍ତି ଶୁଣ। ମୁଁ ରାଜସିଂହାସନରେ ବସିବି ନାହିଁ। ତୋ ଚକ୍ରାନ୍ତର ଦଣ୍ଡ ସ୍ୱରୂପ ମୁଁ ତୋତେ ବର୍ତ୍ତମାନଠାରୁ ମାଆ ବୋଲି ସମ୍ବୋଧନ କରିବି ନାହିଁ ଓ ତୋର ମୁହଁ ଚାହିଁବି ନାହିଁ। ଏହା ତ୍ରିବାର ସତ୍ୟ।' ଏ କଥା ଶୁଣି ମାତା କୈକେୟୀ ମର୍ମାହତା ହେଲେ।

ଚଉଦ ବର୍ଷ ପରେ ରାମଚନ୍ଦ୍ର ରାବଣ ବଧ କରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟାକୁ ଫେରିଲେ। ସେ ତ ଅନ୍ତର୍ଯାମୀ। ତେଣୁ ବନବାସରୁ ଫେରିବା ପରେ ପ୍ରଥମେ ଯାଇ ମାତା କୈକେୟୀଙ୍କୁ ପ୍ରଣାମ କରି ତାଙ୍କର ଆଶୀର୍ବାଦ ଭିକ୍ଷା କଲେ। ଅଭିଷେକ ପରେ ପ୍ରଥମେ ମାତା କୈକେୟୀଙ୍କୁ ପ୍ରଣାମ କରି ତାଙ୍କର ଆଶୀର୍ବାଦ କାମନା କଲେ। ଛଳଛଳ ଆଖିରେ ମାତା ତାଙ୍କୁ କୁଣ୍ଢେଇ ଧରି କହିଲେ, 'ପୁତ୍ର! ଆଜି ତୋର ଅଭିଷେକରେ ଅନ୍ୟମାନଙ୍କ ଅପେକ୍ଷା ମୁଁ ବେଶୀ ଖୁସି। ସେହି ଖୁସିରେ ଆଜି ମୁଁ ତୋତେ କିଛି ମାଗିବାକୁ ମନସ୍ଥ କରିଛି।' 'କୁହନ୍ତୁ ମାତା! ମୋତେ ଆପଣ ଆଦେଶ କରନ୍ତୁ। ମୁଁ ତୁମ ପାଇଁ ମୋର ପ୍ରାଣ ମଧ୍ୟ ଦାନ କରିବାକୁ ପ୍ରସ୍ତୁତ ଅଛି। ସେଥିପାଇଁ ମୁଁ ସତ୍ୟ କରି କହୁଛି। ଆପଣ ବିନା ସଂକୋଚରେ ଆପଣଙ୍କ ଇଚ୍ଛା ପ୍ରକଟ କରନ୍ତୁ।' - ଶ୍ରୀରାମଙ୍କ ଏହି ଉତ୍ତର ପରେ କୈକେୟୀ କହିଲ, 'ଗତ ଚଉଦ ବର୍ଷ ହେଲା ଭରତଠାରୁ ମୁଁ ମାଆ ଡାକ ଶୁଣି ନାହିଁ। ଯାହାକୁ ଜନ୍ମ ଦେଇଥିଲି ସେ ଯଦି ମାଆ ବୋଲି ନ ଡାକିଲା ମୁଁ ବଞ୍ଚି ରହିବାର କୌଣସି ଉଦ୍ଦେଶ୍ୟ ଦେଖୁ ନାହିଁ। ସେ ମୋତେ ଥରୁଟିଏ ମାଆ ଡାକିବା ପାଇଁ ତା'କୁ ଆଦେଶ ଦେ ବାପା!' ଶ୍ରୀରାମଚନ୍ଦ୍ର ଭରତଙ୍କୁ ଡାକି ମାଆଙ୍କୁ ସମ୍ବୋଧନ କରି କ୍ଷମା ମାଗିବାକୁ ଆଦେଶ ଦେଲେ। ରାଜା ହିସାବରେ ତାହା ଥିଲା ତାଙ୍କର ପ୍ରଥମ ଆଦେଶ। କିନ୍ତୁ ବିନମ୍ରତାର ସହ ଭାଇଙ୍କ ଆଦେଶ ପ୍ରତ୍ୟାଖାନ କଲେ ଭରତ। ଭରତଙ୍କ ଉତ୍ତର ଥିଲା - 'ଆମେ ସମସ୍ତେ ବିଖ୍ୟାତ ରଘୁବଂଶର ଦାୟାଦ। ସତ୍ୟରକ୍ଷା କରିବା ପାଇଁ ଆମ ବଂଶର ପ୍ରସିଦ୍ଧି ରହିଛି। ଆମର ସ୍ୱର୍ଗବାସୀ ପୂଜ୍ୟ ପିତା ସତ୍ୟ ରକ୍ଷା କରି ଆପଣଙ୍କୁ ବନବାସରେ ପଠେଇଲେ ଏବଂ ପିତାଙ୍କ ସତ୍ୟ ରକ୍ଷା କରି ଆପଣ ରାଜ ସିଂହାସନର ମୋହ ତ୍ୟାଗ କରି ବନଗମନ କଲେ। ମୁଁ ମଧ୍ୟ ମାତାଙ୍କ ମୁହଁ ଚାହିଁବି ନାହିଁ ବୋଲି ସତ୍ୟ କରିଛି। ମୋତେ ମୋର ସତ୍ୟ ରକ୍ଷା କରିବାକୁ ଦିଅନ୍ତୁ। ନଚେତ୍ ଆପଣଙ୍କ ଆଦେଶ ଅବମାନନା ଅପରାଧରେ ମୋତେ ମୃତ୍ୟୁଦଣ୍ଡ ଦିଅନ୍ତୁ।'

ଭରତଙ୍କ କଥା ଶୁଣି ରାମଚନ୍ଦ୍ର ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ। କିଛି ସମୟ ଚିନ୍ତା କରି ମାତା କୈକେୟୀଙ୍କୁ କହିଲେ, ମାତା! ମୁଁ କ'ଣ ତୁମର ପୁଅ ନୁହେଁ? ଲକ୍ଷ୍ମଣ ଓ ଶତ୍ରୁଘ୍ନ କ'ଣ ତୁମର ପୁଅ ନୁହନ୍ତି? ଆମେ ତିନିଜଣ ତୁମକୁ ମାତା ସ୍ଥାନରେ ରଖି ତୁମର ପାଦ ପୂଜା କରିବୁ। ଦ୍ୱାପର ଯୁଗରେ ମୁଁ କୃଷ୍ଣ ରୂପେ ଦେବକୀଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିବି। ସେତେବେଳେ ତୁମେ ନନ୍ଦରାଣୀ ଯଶୋଦା ରୂପେ ଜନ୍ମଗ୍ରହଣ କରିଥିବ। ମୁଁ ଜନ୍ମ ହେବା ପରେ ପରେ ତୁମ ପାଖକୁ ଯାଇ ତୁମ କୋଳରେ ଲାଳିତପାଳିତ ହେବି। ମୋର ଜନ୍ମିତ ମାଆଠାରୁ ଅଧିକ ଗୁରୁତ୍ୱ ଦେବି। କଳିଯୁଗରେ ମୁଁ ନୀଳାଚଳରେ ଦାରୁବ୍ରହ୍ମ ରୂପେ ଆରାଧିତ ହେବି। ସେତେବେଳେ ତୁମେ ବଡ଼ଦାଣ୍ଡରେ 'ମାଉସୀ ମାଆ' ରୂପେ ଆରାଧିତା ହେବ। ବର୍ଷରେ ଥରେ ମୁଁ ଘୋଷଯାତ୍ରାରେ ଗୁଣ୍ଡିଚା ମନ୍ଦିର ଯାତ୍ରା କରିବି। ଫେରିବା ବେଳେ ମୁଁ ତୁମକୁ ଦର୍ଶନ ପ୍ରଣାମ କରି ତୁମ ହାତ ତିଆରି ପୋଡ଼ପିଠା ଖାଇବି।'

କଳିଯୁଗରେ ମାତା କୈକେୟୀ ପୁରୀ ବଡ଼ଦାଣ୍ଡରେ ଅର୍ଦ୍ଧଶୋଷିନୀ ନାମ ଧାରଣ କରି ଆରାଧିତା ହେଉଛନ୍ତି। ମାଳିନୀ ନଦୀ କୂଳରେ କେଉଁକାଳରୁ ସେ ଖମ୍ବଦେବୀ ରୂପେ ପୂଜା ପାଉଥିଲେ। ଖମ୍ବ ଉପରେ ମାତା ସୁଭଦ୍ରାଙ୍କ ମୁଖପରି ଏକ ମୁଖା ସ୍ଥାପନା କରା ଯାଇଛି। ଏହି ଦେବୀ ଦଇତାମାନଙ୍କର ଇଷ୍ଟ ଦେବୀ ଓ ମାଆରୂପେ ଜଣା ଯାଆନ୍ତି। ଦଇତାମାନେ ସମ୍ପର୍କରେ ଜଗନ୍ନାଥଙ୍କ କୁଟୁମ୍ବୀ ହୋଇ ଥିବାରୁ ସେମାନଙ୍କର ମାଆ ତାଙ୍କର ମାଉସୀ ମାଆ ହେଲେ। ବାହୁଡ଼ା ଯାତ୍ରା ସମୟରେ ମହାପ୍ରଭୁ ଫଳଭାର ସହ ମାଉସା ମାଆଙ୍କୁ ସଂଖୋଳନ୍ତି ଏବଂ ତାଙ୍କ ହାତ ତିଆରି ପୋଡପିଠା ଖାଇ ତୃପ୍ତ ହୁଅନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I.E. BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


ପ୍ରଖ୍ୟାତ ଜନନାୟକ,
କୋଟି ଓଡିଆଙ୍କ ମଉଡମଣୀ ,
ପ୍ରବାଦ ପୁରୁଷ
ବିଜୁ ବାବୁଙ୍କ ଜନ୍ମଜୟନ୍ତୀରେ
ଗଭୀର ଶ୍ରଦ୍ଧାଞ୍ଜଳି
ପ୍ରଣବ ପ୍ରକାଶ ଦାସ

# ବେଆଇନ ବାଲି ଗାଡ଼ି ଧକ୍କାରେ ଷଣ୍ଢ ଗୁରୁତର

ମଞ୍ଜୁରୀ ରୋଡ, ୪।୩(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ନିକଟସ୍ଥ ନାଆମୀଠାରେ ଏକ ବେଆଇନ ବାଲି ଗାଡ଼ି ଧକ୍କାରେ ଗୋଟିଏ ଷଣ୍ଢ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୋଟିଏ ଟ୍ରାକ୍ଟର ନିକଟ ବୈତରଣୀ ନଦୀରୁ ବେଆଇନ ବାଲି ବୋଝେଇ କରି ଛଣ୍ଡିଆ ଅଭିମୁଖେ ଯାଉଥିବା ବେଳେ ଷଣ୍ଢଟିକୁ ଧକ୍କା ଦେଇଥିଲା। ବାଲିଗାଡ଼ି ଧକ୍କାରେ ଷଣ୍ଢର ମେରୁଦଣ୍ଡ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଯୁବକ ଷଣ୍ଢକୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଛନ୍ତି। ପୂର୍ତ୍ତ ବିଭାଗ ରାସ୍ତା ଦେଇ ଦୈନିକ ଶହଶହ ଟ୍ରିପ ବାଲି ବେଆଇନ ଭାବେ ଚାଲାଣ ହେଉଛି। ବାଲି ଗାଡ଼ିଗୁଡ଼ିକ ଅତି ବେପରୁଆ ଭାବେ ଦ୍ରୁତ ଗତିରେ ଯାଉଥିବା ବେଳେ ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗତ ଦୁଇ ମାସ ମଧ୍ୟରେ ଏମିତି ଦୁର୍ଘଟଣା ଘଟି ଚାରି-୫ ଜଣ ବାଇକ ଆରୋହୀ ଆହତ ହୋଇଛନ୍ତି। ଏହା ଉପରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଅସୁରାଳି, ୪।୩(ସମିସ): ଧୂଷୁରୀ ଥାନାଞ୍ଚଳରେ ଜଣେ ୭ ବର୍ଷର ନାବାଳିକା ସହ ଦୁଷ୍କର୍ମ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା' ଏନେଇ ଥାନାରେ ମିଥୁନ ଦାସ (୨୦) ନାମରେ ଏତଲା ଦେଲା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକାକୁ ଟ୍ୟୁସନ୍ କରିବାକୁ ଅଭିଯୁକ୍ତ ମିଥୁନ ଏକ ଘରକୁ ନେଇଯାଇଥିଲା। ସାଥୀରେ ନାବାଳିକାର ୫ ବର୍ଷର ସାନଭାଇ ଥିଲା ବେଳେ ତାକୁ ପାଣି ଆଣିବାକୁ ପଠାଇ ଦେଇ ଅଭିଯୁକ୍ତ ଯୁବକ ଜଣକ ନୃଶଂଶ କାର୍ଯ୍ୟ କରିଥିଲା। ଏହାସହ ନାବାଳିକାକୁ ଜୀବନରୁ ମାରି ଦେଇ ନଈକୁ ଫିଙ୍ଗି ଦେବ ବୋଲି ଧମକ ଦେଇଥିଲା। ବାଳିକାର ପିତା ସେଠାରେ ପରେ ପହଞ୍ଚି ଉଲଗ୍ନ ଅବସ୍ଥାରେ ଝିଅକୁ ଦେଖି ହତବାକ ହୋଇ ଯାଇଥିଲେ। ସେହି ଯୁବକ ଧକ୍କା ମାରି ଘଟଣାସ୍ଥଳରୁ ଖସି ଯାଇଥିଲା। ମଙ୍ଗଳବାର ନାବାଳିକାର ପିତାମାତା ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଥାନା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାର ଡାକ୍ତରୀ ମାଇନା କରାଯାଇଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ବିଷୟରେ ଧୂଷୁରୀ ଥାନାଧିକାରୀ ଶାନ୍ତନୁ ଜେନା କହିଛନ୍ତି, ତଦନ୍ତ ଚାଲିଛି, ଖୁବ ଶୀଘ୍ର ଦୋଷୀକୁ ଗିରଫ କରାଯିବ।





































# ସ୍ମାର୍ଟ ଫୋନ୍ ଯୁଗରେ ବି ରେଡିଓକୁ ସାଥୀ କରିଛନ୍ତି ଗୋବିନ୍ଦ ବାବା

ଧାମନଗର, ୪।୩(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ବରହମପୁର ଅଞ୍ଚଳର ଗୋବିନ୍ଦଚନ୍ଦ୍ର ନନ୍ଦି। ଗୋବିନ୍ଦ ବାବା ନାମରେ ପରିଚିତ ୭୬ ବର୍ଷୀୟ ବୃଦ୍ଧଙ୍କ ଜୀବନ କାହାଣୀ ବେଶ୍ ରୋଚକ ତଥା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏକଦା ଜନଜୀବନରେ ରେଡ଼ିଓର ଆଦର ଢେର ଥିଲା। ଖବର ଠାରୁ ଆଧ୍ୟାତ୍ମିକତା, ମନୋରଞ୍ଜନ ଏବଂ ଯୋଗାଯୋଗ ଭଳି କ୍ଷେତ୍ରରେ ଏହାର ଗୁରୁତ୍ୱ ବାରି ହୋଇ ପଡୁଥିଲା। ସମୟକ୍ରମେ ରେଡ଼ିଓ ତାର ପୂର୍ବ ଉପସ୍ଥିତ ଅନେକାଂଶରେ ହରେଇ ବସିଛି। ସ୍ମାର୍ଟ ଫୋନ ଟେଲିଭିଜନ ଓ ରେଡିଓର ସ୍ଥାନ ନେଇଛି। ହେଲେ ଏବେବି ଆମ ସମାଜରେ ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଦୀର୍ଘ ଦିନ ଧରି ରେଡିଓକୁ ସାଥୀ କରିଛନ୍ତି। ଏମିତି ଜଣେ ନିଆରା ମଣିଷ ହେଉଛନ୍ତି ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ବରହମପୁର ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ନନ୍ଦି।



ଗୋବିନ୍ଦ ବାବା ନାମରେ ପରିଚିତ। ଏକଦା ଓଡ଼ିଆ ଯାତ୍ରାର ଲୋକପ୍ରିୟ ନାଟ୍ୟାନୁଷ୍ଠାନ ଶ୍ରୀଦୁର୍ଗା ଅପେରାର ପ୍ରତିଷ୍ଠାତା ପୁରୁଷୋତ୍ତମ ନନ୍ଦୀଙ୍କ ବଡ଼ ପୁଅ। ଜଣେ ବିବିଧ କଳା ପ୍ରତିଭାର ଅଧିକାରୀ ହେଉଛନ୍ତି ଗୋବିନ୍ଦ। ପତ୍ନୀଙ୍କ ପରଲୋକ ପରେ ତାଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା। ସେ ରାମାନନ୍ଦ ଦୀକ୍ଷା ଗ୍ରହଣ କରି ସନ୍ୟାସ ଜୀବନକୁ ଆଦରି ନେଇଥିଲେ। ଯୁବାବସ୍ଥାରୁ ରେଡ଼ିଓକୁ ଅତି ଆପଣାର ସାଥୀ କରିଥିବା ଗୋବିନ୍ଦ ସନ୍ୟାସ ହେବା ପରେ ମଧ୍ୟ ଏହାକୁ ଛାଡି ପାରିନାହାନ୍ତି। ସବୁବେଳେ ତାଙ୍କ ସହିତ ରେଡିଓର ଉପସ୍ଥିତି ଦେଖିବାକୁ ମିଳେ। ବୟସର ଅପରାହ୍ନରେ ପହଞ୍ଚିଥିବା ଗୋବିନ୍ଦ ବାବା ଦୈନିକ ଭଜନ କୀର୍ତ୍ତନ ପ୍ରବଚନ ଆଦି ଭକ୍ତି ମାର୍ଗ ଆଧ୍ୟାତ୍ମିକ କାର୍ଯ୍ୟରେ ଜଡିତ ରହୁଛନ୍ତି। ଏସବୁ କାର୍ଯ୍ୟ କରୁଥିବା ବେଳେ ସେ କିନ୍ତୁ ତାଙ୍କ ପ୍ରିୟ ରେଡ଼ିଓକୁ ପାସୋରି ଯାଇ ନଥାନ୍ତି।

ପ୍ରାୟ ୫୦ଟି ଭଜନ ଜଣାଣ ଲେଖିଥିବା ଗୋବିନ୍ଦ ବାବା ରେଡିଓ ସମ୍ପର୍କରେ କହିଛନ୍ତି ଯେ ରେଡିଓ ତାଙ୍କ ପାଇଁ ନିର୍ଭରଯୋଗ୍ୟ ସାଥୀଟିଏ। ୧୯୭୮ ମସିହାରୁ ରେଡ଼ିଓ ଧରିଛନ୍ତି। ଏହା ଭିତରେ ୧୭ଟି ରେଡ଼ିଓ ବଦଳିଗଲାଣି କିନ୍ତୁ ଛାଡି ପାରିନାହାନ୍ତି। ସେ କହନ୍ତି, ରେଡ଼ିଓରେ ଯାହା ପ୍ରସାରଣ ହୁଏ ତାହା ଅତ୍ୟନ୍ତ ଉପାଦେୟ। ଏଥିରୁ ସବୁ ଭଲ କଥା ଶୁଣିବାକୁ ମିଳେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନକି ବାତ କାର୍ଯ୍ୟକ୍ରମ ଆରମ୍ଭ ପରେ ତାଙ୍କର ରେଡ଼ିଓ ପ୍ରତି ଆହୁରି ଭଲପାଇବା ବଢ଼ି ଯାଇଛି।

ଗୋବିନ୍ଦ ଦଶମ ଫେଲ ହୋଇଛନ୍ତି ହେଲେ ତାଙ୍କ ଅକ୍ଷର ଏତେ ସୁନ୍ଦର ନ ଦେଖିଲେ ବିଶ୍ୱାସ ମଧ୍ୟ କରିହେବନି। ଏଇ ସୁନ୍ଦର ଅକ୍ଷର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ସେ ଅର୍ଥରାଶି ମଧ୍ୟ ପାଇଛନ୍ତି। ଭଙ୍ଗା କୁଡିଆରେ ଅତି ଦୟନୀୟ ଅବସ୍ଥାରେ ଗୋବିନ୍ଦ ବୟସର ଅପରାହ୍ନରେ ଜୀବନ ବିତାଉଛନ୍ତି। ଯଦି ସରକାରୀ ସ୍ତରରେ ଗୋବିନ୍ଦଙ୍କୁ କିଛି ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାନ୍ତା ସେ ନିଶ୍ଚୟ ନିଜ ଭିତରେ ଥିବା କଳାକୁ ଆହୁରି ପ୍ରସ୍ଫୁଟିତ କରିପାରେନ୍ତେ। ଏ ଡିଜିଟାଲ ଯୁଗରେ ପିଲାଠାରୁ ବୟସ୍କ ଲୋକଙ୍କ ପାଖରେ ଜୋଡା ଜୋଡା ମୋବାଇଲ ଫଳରେ ଆଉ କେହି କାହାକୁ ସମୟ ଦେଉଛି ନା ସମ୍ପର୍କ ନିବିଡ଼ ହେଉଛି। ଆଜିର ସମାଜରେ ଗୋବିନ୍ଦଙ୍କ ଏ ରେଡିଓ ନିଶା ଧାମନଗର ଅଞ୍ଚଳରେ ତାଙ୍କୁ ବେଶ୍ ଲୋକପ୍ରିୟତା ଆଣିଦେଇଥିବା ବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ମଧ୍ୟ ସାଜିଛନ୍ତି।

# ମରାମତି ହେଲା ଧାମନଗର-ଫଳପୁର ରାସ୍ତାର ନାଳ

ଦୋବଲ, ୪।୩(ସମିସ): ଗୃହ ଓ ରାସ୍ତା ନିର୍ମାଣ ବିଭାଗ ଅଧୀନସ୍ଥ ଧାମନଗର ବଜାରରୁ ୧୦୦ ମିଟର ଦୂର ଧାମନଗର-ଫଳପୁର ରାସ୍ତାରେ ଏକ ବଡ଼ ନାଳ ସୃଷ୍ଟି ହୋଇଥିଲା। ଏନେଇ ଜନସାଧାରଣ ଯାତାୟାତରେ ବିଭିନ୍ନ ଅସୁବିଧା ଭୋଗୁଥିବା ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାର କିଛି ଦିନ ପରେ ମଙ୍ଗଳବାର ବିଭାଗୀୟ ଅଧିକାରୀ ଉକ୍ତ ନାଳକୁ ମରାମତି କରିଥିବା ଦେଖାଯାଇଛି। ଏନେଇ ସ୍ଥାନୀୟ ଲୋକେ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।



ସୂଚନାଯୋଗ୍ୟ, ଧାମନଗର ଏନଏସିର ୯ ନମ୍ବର ୱାର୍ଡର ବର୍ଷାଜଳ ନିଷ୍କାସନ ପାଇଁ ଉକ୍ତ ରାସ୍ତା କଡ଼ରେ ଡ୍ରେନ କରାଯାଇଥିଲା। ସେହି ରାସ୍ତାକୁ ତାଡ଼ି ଦିଆଯାଇ ପାଇପ ବସା ଯାଇଥିଲା; ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ପାଇପଟି ନଷ୍ଟ ହୋଇଯିବାରୁ ସେହି ରାସ୍ତାରେ ବିରାଟ ନାଳ ସୃଷ୍ଟି ହୋଇ ଦୈନିକ ଶହ ଶହ ଲୋକ ଆହତ ହେଉଥିଲେ। ଏପରିକି ଧାମନଗର ପଞ୍ଚାୟତସମିତିର ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ମଲିକ ବିଭାଗୀୟ ଅଧିକାରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିକଟରେ ରାସ୍ତା ମରାମତି ପାଇଁ ଦାବି କରିଥିଲେ।



# ଶଗଡ଼ ଗାଡ଼ିରେ ବିଦା ହେଲେ ବରକନ୍ୟା

ଗାଜିଆବାଦ,୪।୩(ଏଜେନ୍ସି): ଆଜିକାଲିର ମହାଆଡମ୍ବର ବିବାହ ଉତ୍ସବରେ ବିପୁଳ ଅର୍ଥ ବ୍ୟୟ କରାଯିବା ସହିତ ଅନାବଶ୍ୟକ ଖର୍ଚ୍ଚ ମଧ ବଢି ଚାଲିଥିବା ଦେଖାଯାଉଛି । ବିବାହ ଉତ୍ସବକୁ ଭବ୍ୟ କରିବା ଉଦ୍ଦେଶ୍ୟରେ ପାଣି ଭଳି ଟଙ୍କା ଖର୍ଚ୍ଚ କରିବା ଏକ ନିୟମିତ ଧାରା ପାଲଟିଯାଇଛି । ବିବାହକୁ ସ୍ମରଣୀୟ ରଖିବା ପାଇଁ କେଉଁଠି ବର ଘୋଡା ଗାଡିରେ ଆସୁଛି ତ' ଅନ୍ୟ କେଉଁଠି କନ୍ୟାକୁ ନେବା ଲାଗି ହେଲିକପ୍ଟର ପହଞ୍ଚୁଛି । କିନ୍ତୁ ନିକଟରେ ଉତ୍ତର ପ୍ରଦେଶର ଗାଜିଆବାଦରେ ହୋଇଥିବା ବିବାହ ନିଆରା ନଜିର ସୃଷ୍ଟି କରିଛି । ଏଠାରେ ଏକ ଶଗଡ ଗାଡ଼ିରେ ବରକନ୍ୟା ବିଦା ହୋଇଛନ୍ତି । ବରକୁ କନ୍ୟା ଘର ପକ୍ଷରୁ ଯୌତୁକ ଭାବେ ୧୧ ହଜାର ଚାରା ଦିଆଯାଇଛି । କେବଳ ସେତିକି ନୁହେଁ ବିବାହ ସମୟରେ ହାତଗଣ୍ଠି ପଡ଼ିବା ସମୟରେ ବର- କନ୍ୟା ସାତ ସଂକଳ୍ପ ପରିବର୍ତ୍ତେ ୧୦ଟି ସଂକଳ୍ପ ନେଇଥିବା ଜଣାପଡ଼ିଛି । ଏଭଳି ବିଷୟ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଛି । ମିଳିଥିବା



ଖବର ଅନୁସାରେ ଗାଜିଆବାଦର ରାୟସପୁର ଗାଁର ପରିବେଶ କର୍ମୀ ସୁରବିନ୍ଦର କିଷାନଙ୍କ ବିବାହ ପ୍ରିୟା ଚୌଧୁରୀଙ୍କ ସହ ହୋଇଥିଲା ।

**ଯୌତୁକରେ ୧୧ ହଜାର ଚାରା**

ସେମାନଙ୍କର ବିବାହ ନିମନ୍ତ୍ରଣ କାର୍ଡ ଏବଂ ସେଥିରେ ଲେଖାଯାଇଥିବା ୧୦ଟି ପ୍ରତିଜ୍ଞା ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହେବା ସହିତ ଅନେକ ଏହାକୁ ପ୍ରଶଂସା କରିବାକୁ ପଛାଇ ନଥିଲେ । ଏହାବ୍ୟତୀତ ବିବାହ ସମୟରେ ବହୁ ଭିନ୍ନ ରୀତିନୀତି ଅନୁଷ୍ଠିତ ହୋଇଥିଲା ଯାହା ପାରମ୍ପରିକ ରୀତିନୀତି ଠାରୁ ଭିନ୍ନ ଥିଲା । ସୁରବିନ୍ଦର ତାଙ୍କ ବିବାହକୁ ସ୍ମରଣୀୟ ରଖିବାକୁ ଭିନ୍ନ ପନ୍ଥା ଆପଣେଇ ଥିଲେ । ବିବାହ ଉତ୍ସବରେ ଏହି ପଦକ୍ଷେପକୁ ପରିବେଶ ସୁରକ୍ଷା ଦିଗରେ ଏକ ପଦକ୍ଷେପ ବୋଲି ବିବେଚନା କରାଯାଉଛି ।



# ସ୍କୁଲରେ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇପାରିବନି ମୋବାଇଲ ଫୋନ୍: ହାଇକୋର୍ଟ

ନୂଆଦିଲ୍ଲୀ,୪।୩(ଏଜେନ୍ସି): ସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ମାର୍ଟଫୋନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇପାରିବନି ଏବଂ ଏହା ଅନାବଶ୍ୟକ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି । ଏହି ପ୍ରସଙ୍ଗ ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ଅନୁପ ଜୟରାମ ଭାମ୍ଭାନୀ କହିଛନ୍ତି ଯେ, ଗତ କିଛି ବର୍ଷ ମଧ୍ୟରେ ଶିକ୍ଷା ଏବଂ ଏଥିସହିତ ଜଡ଼ିତ ସମ୍ବନ୍ଧିତ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଅନେକ ପରିବର୍ତ୍ତନ ଆଣିଛି । ଏହାକୁ ଦୃଷ୍ଟି ଦେଇ ବିଚାର କଲେ ସ୍କୁଲରେ ସ୍ମାର୍ଟଫୋନ ଉପରେ ସମ୍ପୂର୍ଣ୍ଣ ନିଷେଧ କରିବାର କୌଣସି ଆବଶ୍ୟକତା ନାହିଁ । କୋର୍ଟ ଆହୁରି କହିଛନ୍ତି ଯେ ସ୍ମାର୍ଟଫୋନ୍ ବ୍ୟବହାର ଦ୍ୱାରା ଅଭିଭାବକଙ୍କ ସହ ସେମାନଙ୍କ ପିଲାମାନଙ୍କ ସମନ୍ୱୟ ରକ୍ଷା କରାଯାଇପାରୁଛି । ଏହାବ୍ୟତୀତ ଅନେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦିଗକୁ ମଧ୍ୟ ନିଶ୍ଚିତ କରାଯାଇପାରୁଛି । ତେବେ ମୋବାଇଲ ଫୋନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପରିବର୍ତ୍ତେ ଏସଓପି ଜାରି କରାଯାଇ ପାରେ ବୋଲି ହାଇକୋର୍ଟ କହିଛନ୍ତି ।

# ସିଂହ ଛୁଆକୁ କୋଳରେ ଧରିଲେ ପ୍ରଧାନମନ୍ତ୍ରୀ



ଜାମନଗର,୪।୩(ଏଜେନ୍ସି): ଗୁଜରାଟର ଜାମନଗର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ର ସହିତ ପୁନର୍ବାସ ଏବଂ ସଂରକ୍ଷଣ କେନ୍ଦ୍ରର ଉଦଘାଟନ କରିଛନ୍ତି । 'ବନତାରା' ନାମରେ ନାମିତ ହୋଇଥିବା ଏହି ବନ୍ୟପ୍ରାଣୀ କେନ୍ଦ୍ରରେ ୨ ହଜାରରୁ ଅଧିକ ପ୍ରଜାତି ଏବଂ ଦେଢ଼ ଲକ୍ଷରୁ ଅଧିକ ଉଦ୍ଧାର ହୋଇଥିବା ବିଲୁପ୍ତ ଓ ସଙ୍କଟରେ ଥିବା ପ୍ରାଣୀଙ୍କ ଆବାସସ୍ଥଳ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ସିଂହ ଛୁଆକୁ କୋଳରେ ଧରି କ୍ଷୀର ପିଆଉଥିଲା ବେଳେ ଏହାର ଏକ ଭିଡିଓ ଭାଇରାଲ ହୋଇଛି । ବନତାରା କେନ୍ଦ୍ରରେ ମୋଦୀ କିଛି ସମୟ କାଟିଥିଲା ବେଳେ ଏହି ସମୟରେ ସିଂହ, ଧଳା ସିଂହ, ଚିତାବାଘ ଏବଂ ଅନ୍ୟାନ୍ୟ ପ୍ରଜାତିର ଜୀବ ଛୁଆଙ୍କ ସହିତ ଖେଳୁଥିବାର ଦେଖିବାକୁ ମିଳିଛି । ମୋଦୀ ଯେଉଁ ସିଂହ ଛୁଆକୁ କ୍ଷୀର ପିଆଇଥିଲେ ତାହା ବନତାରା ପ୍ରାଣୀ କେନ୍ଦ୍ରରେ ଜନ୍ମ ହୋଇଥିଲା । ସିଂହ ଛୁଆଟିର ମାଆକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭାନତାରାକୁ ଅଣାଯାଇଥିଲା । ଏହି ଅବସରରେ ମୋଦୀ ବନତାରା ବନ୍ୟପ୍ରାଣୀ ହସ୍ପିଟାଲ ପରିଦର୍ଶନ କରିବା ସହିତ ସେଠାରେ ବନ୍ୟପ୍ରାଣୀଙ୍କ ଚିକିତ୍ସା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରାଣୀ ହସ୍ପିଟାଲରେ ଏମଆରଆଇ ଠାରୁ ଆରମ୍ଭ କରି ସିଟି ସ୍କାନ, ଆଇସିୟୁ ଇତ୍ୟାଦିର ବ୍ୟବସ୍ଥା ଅଛି । ଏହାସହିତ ହୃଦରୋଗ, ମୂତ୍ର ବିଭାଗ ,ଆନାସ୍ଥେସିଆ, ଏଣ୍ଡୋସ୍କୋପି ଏବଂ ଦନ୍ତ ଚିକିତ୍ସା ଆଦି ବିଭାଗ ରହିଛି ।

# ସରପଞ୍ଚ ହତ୍ୟାକାଣ୍ଡ ନେଇ ମହାରାଷ୍ଟ୍ର ସ୍ତବ୍ଧ

ମୁମ୍ବାଇ,୪।୩(ଏଜେନ୍ସି): ମହାରାଷ୍ଟ୍ରରେ ୨୦୨୪ରେ ବିଡ୍‌ରେ ଜଣେ ସରପଞ୍ଚଙ୍କୁ ହତ୍ୟା କରାଯାଇଥିଲା ବେଳେ ଏହି ଘଟଣାରେ ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେଙ୍କୁ ଶେଷରେ ଇସ୍ତଫା ଦେବାକୁ ପଡ଼ିଛି । ଗତବର୍ଷ ଡିସେମ୍ବର ମାସରେ ବିଡ୍ ସରପଞ୍ଚ ସନ୍ତୋଷ ଦେଶମୁଖଙ୍କ ହତ୍ୟା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହି ଘଟଣା ପଛରେ ଧନଞ୍ଜୟଙ୍କ ଘନିଷ୍ଠ ସହଯୋଗୀ ବାଲ୍ମୀକ କରାଦଙ୍କ ପ୍ରଚ୍ଛନ୍ନ ହାତ ଥିବା କୁହାଯାଇଥିଲା ବେଳେ ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ବେଳକୁ ବେଳ ଏହି ହତ୍ୟାକାଣ୍ଡକୁ ନେଇ ବିବାଦ ତେଜିଥିଲା ବେଳେ ପ୍ରାୟ ଦୁଇମାସ ପରେ ମନ୍ତ୍ରୀ ପଦରୁ ଧନଞ୍ଜୟ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ହାତରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍‌ଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇ ଦେଇଥିଲା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରହଣ କରି ନେଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, ବିଡ୍‌ର ମାସାଯୋଗ ଗାଁର ସରପଞ୍ଚ ସନ୍ତୋଷ ଦେଶମୁଖଙ୍କୁ ୨୦୨୪ ଡିସେମ୍ବର ୯ରେ ହତ୍ୟା କରାଯାଇଥିଲା । ହତ୍ୟା କରାଯିବା ପୂର୍ବରୁ ତାଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ନିର୍ଯାତନା ଦିଆଯାଇଥିଲା । ୪୫ ବର୍ଷୀୟ ସନ୍ତୋଷ ସ୍ଥାନୀୟ ଅଞ୍ଚଳର ଏକ ୱିଣ୍ଡ ମିଲ ଏନର୍ଜି ଫାର୍ମରୁ ବଟି ଆଦାୟ ପାଇଁ ହୋଇଥିବା ଷଡ଼ଯନ୍ତ୍ରକୁ ରୋକିବାକୁ ଚେଷ୍ଟା କରିଥିବାରୁ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ମୁମ୍ବାଇର ଗ୍ରୀନ ଏନର୍ଜି କମ୍ପାନୀ ଅଭାଡା ପକ୍ଷରୁ ମାସାଯୋଗ ଗାଁରେ ଏକ ପବନକଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା । ଫଳରେ ବିଡ୍ ଏବଂ ଏହାର ଆଖପାଖ ଜିଲ୍ଲାର ଆର୍ଥିକ ସ୍ଥିତିରେ

**ହତ୍ୟା ଅଭିଯୁକ୍ତ ମନ୍ତ୍ରୀଙ୍କ ସହଯୋଗୀ**

**ଇସ୍ତଫା ଦେଲେ ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ**

ସୁଧାର ଆସିଥିଲା । କିନ୍ତୁ ସ୍ଥାନୀୟ ଗୁଣ୍ଡା ଏବଂ ଅପରାଧୀମାନେ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ । ସେମାନେ ବଟି ମାଗିବା ସହ ଅପହରଣ ଭଳି କାଣ୍ଡ ଘଟାଇଥିଲେ । ସନ୍ତୋଷ ଦେଶମୁଖଙ୍କ ହତ୍ୟାର ୬ ମାସ ପୂର୍ବରୁ ଅର୍ଥାତ ମେ' ମାସରେ ବିଡ୍‌ରେ ଅପରାଧିକ ନେଟୱର୍କ ଚଳାଉଥିବା ସୁଦର୍ଶନ ଗୁଲେ ଅଭାଡାର ଜଣେ ପ୍ରୋଜେକ୍ଟ ଅଫିସର ସୁନୀଲ ସିନ୍ଦେଙ୍କୁ ଅପହରଣ କରିଥିଲେ । ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ



ବିଷ୍ଣୁ ଚାଟେ ଅଭାଡା ଅଧିକାରୀମାନଙ୍କୁ ମୁଣ୍ଡେ ଓ ତାଙ୍କ ଘନିଷ୍ଠ ସହଯୋଗୀ ବାଲ୍ମୀକଙ୍କ ପ୍ରରୋଚନାରେ ଫୋନ କରିଥିଲେ ଓ ୨ କୋଟି ଟଙ୍କା ମାଗିଥିଲେ । ଯଦି ଟଙ୍କା ନ ମିଳେ ତେବେ କମ୍ପାନୀ ବନ୍ଦ କରି ଦିଆଯିବ ବୋଲି ଧମକ ଦେଇଥିଲେ । ଏ ସମ୍ପର୍କରେ ସରପଞ୍ଚ ସନ୍ତୋଷ ଦେଶମୁଖ ଅବଗତ ହେବା ପରେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ନେଇ କିଛି ପଦକ୍ଷେପ ନେବାକୁ ଅଣ୍ଟା ଭିଡିଥିଲେ । ଏଥିପାଇଁ ସେ ସିଧାସଳଖ ସୁଦର୍ଶନ ଗୁଲେଙ୍କ ସହ ଲଢ଼େଇ ଆରମ୍ଭ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ସୁଚିନ୍ତିତ ଉପାୟରେ ଅତ୍ୟନ୍ତ ଜଘନ୍ୟ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାଲ୍ମୀକ କରାଦ ଏନସିପି(ଅଜିତ) ନେତା ତଥା ମହାଯୁତି ସରକାରରେ ମନ୍ତ୍ରୀ ଥିବା ଧନଞ୍ଜୟ ମୁଣ୍ଡେଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି ଜଣାପଡ଼ିବା ପରେ ଧନଞ୍ଜୟଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବିରୋଧୀ ଦାବି କରିଥିଲେ । ଏହି ଘଟଣାରେ ରାଜ୍ୟ ସିଆଇଡି ପକ୍ଷରୁ ୧୨୦୦ ପୃଷ୍ଠା ସମ୍ବଳିତ ଚାର୍ଜସିଟ୍ ଦାଖଲ ହେବା ପରେ ମୁଖ୍ୟମନ୍ତ୍ରୀ ଦେବନ୍ଦ୍ରେ ଫଡନଭିସ ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ । ଏହାପରେ ମଙ୍ଗଳବାର ମନ୍ତ୍ରୀ ପଦରୁ ଧନଞ୍ଜୟ ଇସ୍ତଫା ଦେଇଛନ୍ତି ।

# ୟୁକ୍ରେନକୁ ସହାୟତା ବନ୍ଦକଲେ ଟ୍ରମ୍ପ

## ନାଟୋ, ଜାତିସଂଘରୁ ଓହରିବାକୁ ଧମକ



ନୂଆଦିଲ୍ଲୀ,୪।୩(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପ୍ରସଙ୍ଗରେ ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ମଧ୍ୟରେ ହୋଇଥିବା ଉଚବାଚ ଆଲୋଚନା ଭୂ-ରାଜବୀତିକୁ ସରଗରମ କରିଛି । ଗୋଟିଏ ପକ୍ଷରେ ୟୁକ୍ରେନକୁ ଆମେରିକା ରାଜକୋଷରୁ ବିଲିୟନ ବିଲିୟନ ଡଲାରର ସହାୟତାକୁ ନେଇ ରାଷ୍ଟ୍ରପତି ଜେଲେଁସ୍କି ଆମେରିକା ପ୍ରତି ଅକୃତଜ୍ଞ ରହିବା ଘଟଣାରେ ଟ୍ରମ୍ପଙ୍କ ତିରସ୍କାରର ପାତ୍ର ହୋଇଥିଲା ବେଳେ ଅନ୍ୟପକ୍ଷରେ ଜେଲେଁସ୍କିଙ୍କୁ ୟୁରୋପୀୟ ସଂଘର ବହୁ ପ୍ରମୁଖ ରାଷ୍ଟ୍ରଙ୍କ ସମର୍ଥନ ଆମେରିକା-ୟୁରୋପ ବିବାଦକୁ ତୀବ୍ର କରିଛି । ବିଶେଷକରି ନିକଟରେ ଲଣ୍ଡନରେ ଅନୁଷ୍ଠିତ ୟୁରୋପୀୟ ସଂଘ ସମ୍ମିଳନୀରେ ଜେଲେଁସ୍କିଙ୍କୁ ସମର୍ଥନ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆକ୍ରୋଶକୁ ଆହୁରି ତୀବ୍ର କରିଛି । ଜେଲେଁସ୍କି ଆମେରିକା ଛାଡିବା ପରେ ବ୍ରିଟେନରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ପ୍ରଧାନମନ୍ତ୍ରୀ କେର୍

**ଆମେରିକା- ୟୁରୋପୀୟ ସଂଘ ମୁହାଁମୁହିଁ**

ଷ୍ଟାର୍ମର ଭବ୍ୟ ସ୍ୱାଗତ କରିବା ସହିତ ତାଙ୍କ ପ୍ରତି ବ୍ରିଟେନର ଦୃଢ ସମର୍ଥନ ରହିଛି ବୋଲି କହିଥିଲେ । କେବଳ ସେତିକି ନୁହେଁ, ଏହି ସମୟରେ ୟୁକ୍ରେନକୁ ୨ ବିଲିୟନ ପାଉଣ୍ଡର ଋଣ ସହାୟତା ଦେବାକୁ ମଧ୍ୟ ଷ୍ଟାର୍ମର ଘୋଷଣା କରିଛନ୍ତି । କେବଳ ବ୍ରିଟେନ ନୁହେଁ, ଫ୍ରାନ୍ସ , ଜର୍ମାନୀ ,ଇଟାଲୀ ଏବଂ ପୋଲାଣ୍ଡ ଭଳି ୟୁରୋପୀୟ ସଂଘର ଅନ୍ୟ ବହୁ ପ୍ରମୁଖ ରାଷ୍ଟ୍ର ମଧ୍ୟ ପରୋକ୍ଷରେ ଜେଲେଁସ୍କିଙ୍କୁ ସମର୍ଥନ କରିବା ସହିତ ୟୁକ୍ରେନକୁ ସହାୟତା ଦେବାକୁ ଭରସା ଦେଇଛନ୍ତି । କିନ୍ତୁ ଏହି ବିଷୟକୁ ନେଇ ଟ୍ରମ୍ପ ବଡ଼ ପ୍ରଶ୍ନ ଉଠାଇଛନ୍ତି । ଯେଉଁଠି ୟୁରୋପୀୟ ରାଷ୍ଟ୍ର ଜେଲେଁସ୍କିଙ୍କୁ ଋଣ ଆକାରରେ ଅର୍ଥ ସହାୟତା ଦେଉଛନ୍ତି ସେଠାରେ ଆମେରିକା ୩୦୦ ବିଲିୟନ ଡଲାରରୁ ଅଧିକ ଅର୍ଥ ୟୁକ୍ରେନକୁ ଦାନ କରିଛି । ଆମେରିକା ଦେଇଥିବା ଅର୍ଥକୁ ୟୁକ୍ରେନ କାହିଁକି ଋଣ ବୋଲି ବିଚାର କରିବ ନାହିଁ ଏବଂ ଏହାକୁ ପରିଶୋଧ ପାଇଁ ଉପାୟ ଚିନ୍ତା କରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ପରିମାଣର ଅର୍ଥ ପରିଶୋଧ ପାଇଁ ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନରୁ ଖଣିଜ ସମ୍ପଦ ଉଠାଇବାକୁ ପ୍ରସ୍ତାବ ଦେଇଥିଲା ବେଳେ ଏଥିପାଇଁ ବୁଝାମଣା ହୋଇପାରି ନାହିଁ । ଯାହାକୁ ନେଇ ଟ୍ରମ୍ପ ଆହୁରି କ୍ଷୁବ୍ଧ ହେବା ସହିତ ୟୁକ୍ରେନକୁ ସମସ୍ତ ସେନା ସହାୟତା ଉପରେ ରୋକ୍ ଲଗାଇଛନ୍ତି । କେବଳ ସେତିକି ନୁହେଁ, ୟୁରୋପୀୟ ରାଷ୍ଟ୍ରମାନେ ୟୁକ୍ରେନ ପ୍ରତି ଦେଖାଉଥିବା ସହୃଦୟତାକୁ ନେଇ ମଧ୍ୟ ଟ୍ରମ୍ପଙ୍କ ରାଗ ଦ୍ୱିଗୁଣିତ ହୋଇଛି । ଯାହାକୁ ନେଇ ସେ ନାଟୋରୁ ଓହରିଯବାକୁ ମଧ୍ୟ ଧମକ ଦେଇଛନ୍ତି । ଏପରିକି ଜାତିସଂଘରୁ ମଧ୍ୟ ଆମେରିକା ଓହରିଯିବ ବୋଲି ଟ୍ରମ୍ପ କଡ଼ାବାଣୀ ଶୁଣାଇଛନ୍ତି । ତେବେ ଜେଲେଁସ୍କିଙ୍କୁ ନେଇ ଏବେ ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଏହି ବିବାଦ ରୁଷିଆ ପାଇଁ ରୋଚକ ସ୍ଥିତି ଆଣିଛି । ରୁଷ ରାଷ୍ଟ୍ରପତି ପୁଟିନ ସାଂପ୍ରତିକ ସ୍ଥିତିରେ ଚୁପ୍ ରହି ମଜା ନେଉଥିବା ଆନ୍ତର୍ଜାତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ଗୋଟିଏ ପକ୍ଷରେ ୟୁକ୍ରେନଙ୍କୁ ନେଇ 'ମେକ୍ ଆମେରିକା ଗ୍ରେଟ୍ ଏଗେନ(ମାଗା)' ସମର୍ଥକମାନେ ଟ୍ରମ୍ପଙ୍କୁ ସମର୍ଥନ କରିଥିଲା ବେଳେ ବ୍ରିଟେନ ଏବଂ ଫ୍ରାନ୍ସ ଭଳି ୟୁରୋପୀୟ ରାଷ୍ଟ୍ର ୟୁକ୍ରେନକୁ ସହାୟତା କରିବାକୁ ଆଗେଇବା ଘଟଣା ଉଭୟ ପକ୍ଷ ମଧ୍ୟରେ ବିବାଦର କାରଣ ହୋଇଛି ।

**ଆଜି ଯୁଗ୍ମ କଂଗ୍ରେସକୁ ସମ୍ବୋଧିତ କରିବେ ଟ୍ରମ୍ପ**

# କାନାଡା, ମେକ୍ସିକୋ ଏବଂ ଚୀନ୍ ଉପରେ ଲାଗିଲା ଟାରିଫ୍

ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଆସନ୍ତାକାଲି ଆମେରିକାର ଯୁଗ୍ମ କଂଗ୍ରେସକୁ ସମ୍ବୋଧିତ କରିବାକୁ ଯାଉଛନ୍ତି । ଏହି ସମୟରେ ସେ ୟୁକ୍ରେନ ପ୍ରସଙ୍ଗରେ ଆଉ କିଛି ବଡ଼ ପଦକ୍ଷେପ ନେଇପାରନ୍ତି ବୋଲି କୁହାଯାଉଥିଲାବେଳେ ପୂର୍ବରୁ କାନାଡା ,ମେକ୍ସିକୋ ଏବଂ ଚୀନ୍ ଉପରେ ବର୍ଦ୍ଧିତ ଟାରିଫ ଲାଗୁ କରିବାକୁ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ ସେ ସମ୍ପର୍କରେ ଗୃହକୁ ଅବଗତ କରିବେ । ଯଦିଓ ଗତ ମାସରୁ ଏହିସବୁ ରାଷ୍ଟ୍ରମାନଙ୍କ ବିରୋଧରେ ଟାରିଫ ଲାଗୁ ହେବାର କାର୍ଯ୍ୟକ୍ରମ ରହିଥିଲା ଏହାକୁ ମାସକ ପାଇଁ ସ୍ଥଗିତ ରଖାଯାଇଥିଲା । ତେବେ ଏ ସମ୍ପର୍କରେ ଟ୍ରମ୍ପ ଆସନ୍ତାକାଲି କଂଗ୍ରେସରେ ଘୋଷଣା କରିବା ସହିତ ଏହା ଲାଗୁ ହେବାକୁ ଯାଉଛି । ଫଳରେ ଟାରିଫକୁ ନେଇ ବୈଶ୍ୱିକ ସ୍ତରରେ ପୁଣି ନୂଆ ବିବାଦ ମୁଣ୍ଡ ଟେକିପାରେ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ କାନାଡା ଏବହ ମେକ୍ସିକୋ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇଥିଲା ବେଳେ ଚୀନ୍ ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଘୋଷଣା କରିଥିଲେ ।

**ପୁଣି ଏକ ଜୀବନ ନେଲା ଗୁଗଲ ମ୍ୟାପ୍**

# ୩୦ ଫୁଟ୍ ଡ୍ରେନ ତଳକୁ ଖସି ଷ୍ଟେସନ ମାଷ୍ଟରଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୪।୩(ଏଜେନ୍ସି): ଗୁଗଲ ମ୍ୟାପ୍‌କୁ ବ୍ରବହାର କରି ପୂର୍ବରୁ ଅନେକ ଲୋକ ବିପଦରେ ପଡ଼ିବା ସହିତ ମୃତ୍ୟୁର ଶିକାର ହୋଇଥିଲା ବେଳେ ପୁଣି ସେଭଳି ଏକ ଖବର ସାମ୍ନାକୁ ଆସିଛି । ଗ୍ରେଟର ନୋଏଡାରେ ଗୁଗୁଲ୍ ମ୍ୟାପ୍ ଯୋଗୁଁ ଏକ ଦୁର୍ଘଟଣାରେ ଜଣେ ଷ୍ଟେସନ ମାଷ୍ଟରଙ୍କ ଜୀବନ ଯାଇଛି । ମିଳିଥିବା ଖବର ଅନୁସାରେ ଦିଲ୍ଲୀର ମଣ୍ଡାଭାଲି ଅଞ୍ଚଳରେ ରହୁଥିବା ଏବଂ ମାନେସରରେ ଷ୍ଟେସନ ମାଷ୍ଟର ଭାବେ କାର୍ଯ୍ୟ କରୁଥିବା ଭାରତ ଭଟ୍ଟି ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ । ଏହି ଉତ୍ସବ ଯେଉଁ ସ୍ଥାନରେ ହେଉଥିଲା ସେ ରାସ୍ତା ଭାରତଙ୍କୁ ଜଣା ନଥିଲା । ତେଣୁ ସେ ଗୁଗୁଲ୍ ମ୍ୟାପକୁ ବ୍ୟବହାର କରି ରାସ୍ତା ନିର୍ଣ୍ଣୟ କରି ଆଗକୁ ବଢିଥିଲେ । ଗୁଗୁଲ ମ୍ୟାପ ଯେଉଁ ଆଡକୁ ନିର୍ଦ୍ଦେଶ କରୁଥିଲା ଭାରତ ସେହି ରାସ୍ତା ଦେଇଇ ଆଗକୁ ମାଡ଼ି ଚାଲିଥିଲେ । କିନ୍ତୁ କିଛି ବାଟ ଯିବା ପରେ ରାସ୍ତା ଶେଷ ହୋଇଯାଇଥିଲା ଏବଂ ସାମ୍ନାରେ ଏକ ଗଭୀର ଡ୍ରେନ ଥିଲା । ଯାହାକୁ ଷ୍ଟେସନ ମାଷ୍ଟର ଜାଣି ପାରି ନଥିଲେ । ସେ ଯେମିତି ଆଗକୁ ବଢ଼ିଥିଲେ ଗାଡ଼ିଟି ସିଧା ୩୦ଫୁଟର ଗଭୀର ଡ୍ରେନ ଭିତରେ ପଶି ଯାଇଥିଲା । ସ୍ଥାନୀୟ ଲୋକମାନେ ଘଟଣା ବିଷୟରେ ପୁଲିସକୁ ସୂଚନା ଦେଇଥିଲେ ।ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୁଲିସ ଷ୍ଟେସନ ଇନଚାର୍ଜ ତାଙ୍କ କନଷ୍ଟେବଲଙ୍କ ସହ ଷ୍ଟେସନ ମାଷ୍ଟରଙ୍କୁ ଡ୍ରେନ ଭିତରୁ ବାହାର କରିବାକୁ କଠିନ ପରିଶ୍ରମ କରିଥିଲେ । ଉଦ୍ଧାର ପରେ ଭାରତଙ୍କୁ ହସ୍ପିଟାଲ ନିଆଯାଇଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଅଶୋଭନୀୟ ଟିପ୍ପଣୀ ଠାରୁ ଦୁରେଇ ରୁହ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୪।୩ (ଏଜେନ୍ସି): କୌଣସି ବ୍ୟକ୍ତିଙ୍କ ପ୍ରତି ଯଦି କେହି ପାକିସ୍ତାନୀ କିମ୍ବା ମିଆଁ-ତିଆଁ ବୋଲି ସମ୍ବୋଧନ କରି ଟିକା ଟିପ୍ପଣୀ କରନ୍ତି ତେବେ ତାହାକୁ ଅପରାଧ ଭାବେ ବିବେଚନା କରାଯାଇପାରିବ ନାହିଁ । କାରଣ ଏହା ଧାର୍ମିକ ଭାବନାକୁ କୁଠାରଘାତ କରେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ତେବେ କାହା ପ୍ରତି ଏଭଳି ଟିପ୍ପଣୀ ନିଶ୍ଚିତ ଭାବେ ଖରାପ । କାହା ପ୍ରତି ଏଭଳି ତାଚ୍ଛଲ୍ୟ ଟିପ୍ପଣୀ କରାଯିବା ଦ୍ୱାରା ମନୋଭାବ ଖରାପ ହୋଇଥାଏ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ମଙ୍ଗଳବାର ଏଭଳି ଏକ ପ୍ରସଙ୍ଗରେ ଜଷ୍ଟିସ୍ ବିଭି ନାଗରତ୍ନ ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଏହା କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଜଣେ ସରକାରୀ କର୍ମଚାରୀଙ୍କୁ 'ପାକିସ୍ତାନୀ' ବୋଲି କହିବା ଅଭିଯୋଗରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଶେଷରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ଏହାର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ ଯେ, କାହାକୁ 'ପାକିସ୍ତାନୀ' ବୋଲି ସମ୍ବୋଧନ କରିବା କିମ୍ବା ତାଙ୍କୁ 'ମିଆଁ-ତିଆଁ' ବୋଲି ଡାକିବା ଆଇପିସି ଧାରା ୨୯୮ ଅନୁସାରେ ଧାର୍ମିକ ଭାବନାକୁ ଆଘାତ ଦେବା ଭଳି ଅପରାଧ ଭାବରେ ବିବେଚନା କରାଯିବ ନାହିଁ । କିନ୍ତୁ ଜଣେ ବ୍ୟକ୍ତିଙ୍କୁ ଏଭଳି ତାଚ୍ଛଲ୍ୟ କରିବା କହିବା ନିଶ୍ଚିତ ଭାବେ ଏକ ଖରାପ ମାନସିକତା । , ବ୍ୟକ୍ତିଙ୍କୁ ଏଭଳି ତାସ୍ଛଲ୍ୟ କରି କହିବା, ଖରାପ । ହେଲେ ଏହା ସୂଚନାଦାତାଙ୍କ ଧାର୍ମିକ ଭାବନାକୁ ଆଘାତ ଦେବା ପରି ନୁହେଁ । ଏହି ମାମଲା ଝାଡ଼ଖଣ୍ଡର ଜଣେ ଉର୍ଦ୍ଦୁ ଅନୁବାଦକ ଏବଂ କିରାଣିଙ୍କ ଦ୍ୱାରା ରୁଜୁ କରାଯାଇଥିଲା । ସୂଚନା ଅଧିକାର ଆଇନ ଅଧୀନରେ ହରିନନ୍ଦନ ସିଂ ନାମକ ଜଣେ ବ୍ୟକ୍ତି କିଛି ତଥ୍ୟ ମାଗିଥିଲା ବେଳେ ସେଥିରେ ହେରାଫେରି କରାଯାଇଥିବା ଅଭିଯୋଗ ଆଣି ହରନନ୍ଦନ ସଂପୃକ୍ତ ଅନୁବାଦକଙ୍କ ପ୍ରତି ପାକିସ୍ତାନୀ ଟିପ୍ପଣୀ କରିଥିଲେ ।

# ବିହାର ବିଧାନସଭାରେ 'ମୋ ବାପା, ତୁମ ବାପା'

ପାଟନା,୪।୩(ଏଜେନ୍ସି): ବିହାର ବିଧାନସଭା ନୀତୀଶ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଚୂଡ଼ାନ୍ତ ବଜେଟ ଉପସ୍ଥାପନ କରାଯାଇଥିଲା ବେଳେ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି । ବିଶେଷକରି ରାଜ୍ୟର ବିକାଶଧାରାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଦେଖାଯାଇଛି । ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିଲା ବେଳେ ଏହା ପୂର୍ବରୁ ନୀତୀଶ କୁମାର ମଙ୍ଗଳବାର ବିଧାନସଭାରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରି ବର୍ଷିଛନ୍ତି । ସେ ତେଜସ୍ୱୀ ଯାଦବଙ୍କୁ ଟାର୍ଗେଟ୍ କରି ପୂର୍ବରୁ ବିହାରରେ କ'ଣ ଥିଲା ବୋଲି ପ୍ରଶ୍ନ କରିବା ସହିତ ମୁଁ ଆପଣଙ୍କ ପିତା(ଲାଲୁ)ଙ୍କୁ ବି ଗଢିଥିଲି ବୋଲି କହିଛନ୍ତି । କିନ୍ତୁ ତେଜସ୍ୱୀ ଦୁଇ ଦୁଇଥର ଗଡ଼ବଡ଼ କରିଥିବାରୁ ତାଙ୍କ ହଟାଇ ଦିଆଯାଇଥିଲା ବୋଲି



ନୀତୀଶ କହିଛନ୍ତି । ନୀତୀଶ କହିଛନ୍ତି, ଆମେ ବିହାରରେ ସବୁ ବର୍ଗର ଉନ୍ନତି ଏବଂ ବିକାଶପାଇଁ କାର୍ଯ୍ୟ ଜାରି ରଖିଛୁ । ଡାକ୍ତରଖାନା ଠାରୁ ଆରମ୍ଭ କରି ରାସ୍ତା ନିର୍ମାଣ କରିଛୁ ଏବଂ ଲୋକଙ୍କ ଆୟ ବୃଦ୍ଧି ପାଇଁ ବି ଯୋଜନା କାର୍ଯ୍ୟକାରୀ କରିଛୁ । ଏବେ ୪ ଘଣ୍ଟା ମଧ୍ୟରେ ବିହାରର ଯେକୌଣସି ପ୍ରାନ୍ତରୁ ପାଟନାରେ ପହଞ୍ଚିବା ସମ୍ଭବ ହେଉଛି । ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ସୁରକ୍ଷାକର୍ମୀଙ୍କ ସଂଖ୍ୟା ମଧ୍ୟ ବଢାଇଛୁ ବୋଲି ନୀତୀଶ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ, ବଜେଟ୍ ଉପସ୍ଥାପନ ବେଳେ ବିରୋଧୀ ନେତା ତେଜସ୍ୱୀ ନିଜ ସରକାରର ସଫଳତାକୁ ନେଇ ବାଃ ବାଃ ନେବାକୁ ଚାହିଁଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ନୀତୀଶ ତେଜସ୍ୱୀଙ୍କ ବୟାନକୁ ନେଇ ବର୍ଷିବା ଆରମ୍ଭ କରିଦେଇଥିଲେ । କେବଳ ନୀତୀଶ କୁମାର ନୁହନ୍ତି, ଉପମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ସମ୍ରାଟ ଚୌଧୁରୀଙ୍କୁ ନେଇ ମଧ୍ୟ ତେଜସ୍ୱୀ ବର୍ଷିଥିଲେ । ଉଭୟ ନେତା ପରସ୍ପରଙ୍କ ବାପାଙ୍କୁ ନେଇ ଟିକା ଟିପ୍ପଣୀ କରିଥିଲା ବେଳେ ଗୃହରେ ଅଜବ ସ୍ଥିତି ଦେଖିବାକୁ ମିଳିଥିଲା ।

# ୧୧ ଦିନ ପରେ ବି ଟନେଲରୁ ବାହାରିନାହାନ୍ତି ୮ କର୍ମଚାରୀ

ହାଇଦରାବାଦ,୪।୩(ଏଜେନ୍ସି): ତେଲଙ୍ଗାନରେ ଏକ ନିର୍ମାଣାଧୀନ ଟନେଲ ତଳେ ୮ କମ୍ପାନୀ କର୍ମଚାରୀ ଫସିଯାଇଥିବା ଘଟଣାକୁ ଇତିମଧ୍ୟରେ ୧୧ ଦିନ ବିତିଛି । ସେମାନଙ୍କୁ ଉଦ୍ଧାର କରିବା ଲାଗି ଲଗାତର ପ୍ରୟାସ ଜାରି ରହିଥିଲେ ମଧ୍ୟ ଏହା ସମ୍ଭବ ହୋଇପାରି ନାହିଁ । ବିଭିନ୍ନ ସ୍ଥାନରୁ ବିଶେଷଜ୍ଞମାନେ ଘଟଣାସ୍ଥଳକୁ ଯାଇ ସବୁ କୌଶଳ ଏବଂ ତରିକା ଉପଯୋଗ କରିଛନ୍ତି । କିନ୍ତୁ ମାଟି ତଳୁ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଇପାରି ନାହିଁ । ଏହାମଧ୍ୟରେ କ୍ଷତିଗ୍ରସ୍ତ ହୋଇଥିବା କନଭେୟର ବେଲ୍ଟକୁ ମଙ୍ଗଳବାର ଚାଲୁ କରାଯାଇଛି । ଏହାଦ୍ୱାରା ପ୍ରତି ଘଣ୍ଟାରେ ୮୦୦ ଟନ୍ ପଙ୍କ କଢାଯାଇପାରିବ । ଫଳରେ ଭିତରକୁ ଯାଇ ଫସି ରହିଥିବା ଲୋକମାନଙ୍କ ସନ୍ଧାନ ନିଆଯାଇପାରିବ ବୋଲି ଆଶା ଉଦ୍ରେକ ହୋଇଛି ।

## ହଦଗଡ଼ ଜଙ୍ଗଲରୁ ଜନବସତିକୁ ପଶିଲା ଦନ୍ତା

# ଦିନରେ ଜିଲ୍ଲାସାରା ବୁଲିଲା; ସନ୍ଧ୍ୟାରେ ବାଲିପୋଖରୀ ନାଳକୂଳ

**ଭଦ୍ରକ, ୪ା୩(ସମିସ)**

ମାନୁନି ଦନ୍ତା ହାତୀ। ଭଦ୍ରକ ଜିଲ୍ଲାର ଏ ବ୍ଲକରୁ ସେ ବ୍ଲକ ଜନବସତି ଅଞ୍ଚଳରେ ବୁଲୁଛି। କେମିତି ପୁଣି ଜଙ୍ଗଲକୁ ତାକୁ ନେଇ ନୟାନ୍ତ ହେଲେଣି ବନ କର୍ମଚାରୀ ଓ ପୁଲିସ। ଭୟ ଓ ଆତଙ୍କରେ ବିଭିନ୍ନ ପଞ୍ଚାୟତବାସୀ। ଜିଲ୍ଲା ଉପକଣ୍ଠ ହଦଗଡ଼ ଜଙ୍ଗଲରୁ ବାଟବଣା ହୋଇ ମଙ୍ଗଳବାର ସକାଳୁ ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକରେ ଭଦ୍ରକ- ଆନନ୍ଦପୁର ରାସ୍ତାରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ପରେ ବନ ବିଭାଗ କର୍ମଚାରୀ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଅମାନିଆ ଦନ୍ତା ଜଙ୍ଗଲ ଆଡ଼କୁ ନଯାଇ ଜିଲ୍ଲାର ବିଭିନ୍ନ ଜନବସତିରେ ଆତଙ୍କ ଖେଳାଇଛି। ବିଭିନ୍ନ ପଞ୍ଚାୟତ ଦେଇ ଆଗକୁ ଆଗ ମାଡି ଚାଲିଛି ଦନ୍ତା। ବନ ବିଭାଗ କର୍ମଚାରୀ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା ସହ ହାତୀ ପଛେ ପଛେ ଚାଲିଛନ୍ତି। ହାତୀର ଗତିପଥ ବଦଳାଇବାକୁ ଯେତେ ଚେଷ୍ଟା କଲେବି ତାହା ସମ୍ଭବ ହୋଇପାରିନାହିଁ। ଅନ୍ୟପଟେ ଦନ୍ତାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି ଲୋକେ।



**ବନ୍ତ/ଆଗରପଡ଼ା:** ରାଜ୍ୟ ରାଜପଥରେ ଗଜରାଜ୍। ନାକେଦମ୍ ହେଲେଣି ବନ ବିଭାଗ କର୍ମଚାରୀ ଏବଂ ପୁଲିସ। କେନ୍ଦୁଝର ଜିଲ୍ଲାରୁ ୫୩ନଂ ରାଜ୍ୟ ରାଜପଥ ଦେଇ ଭଦ୍ରକ ପଟୁକୁ ଯାଉଛି ହାତୀଟି। ଗୋଠଛଡ଼ା ଦନ୍ତା ହାତୀଟି କପିଳାସ ଜଙ୍ଗଲରୁ ଆସି କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବେଶ କରିଥିବା ବେଳେ ରାତ୍ରିରୁ ହାଟଡିହି ବ୍ଲକ ସଡ଼ା ଓ ପରେ ବନ୍ତ ବ୍ଲକ ଅଡାଳପଙ୍ଗ ଦେଇ ନିମାପଡ଼ା ଅଞ୍ଚଳକୁ ପ୍ରବେଶ କରିଛି। ବନ ବିଭାଗ ଏବଂ ପୁଲିସ କର୍ମଚାରୀ ହାତୀଟିକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ହାତୀଟି ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ଦେଇ ଭଦ୍ରକ ହାସିନପୁର ନିକଟରୁ ରାମକୃଷ୍ଣପୁର ଗାଁକୁ ପ୍ରବେଶ କରିଛି। ହଦଗଡ଼ ଓ ଭଦ୍ରକ ବନବିଭାଗ କର୍ମଚାରୀ ସମ୍ପୂର୍ଣ୍ଣ ନଜର ରଖିଥିବା ସୂଚନା ମିଳିଛି।

**ଭଣ୍ଡାରିପୋଖରୀ/ବାରିକପୁର:** ଭଣ୍ଡାରିପୋଖରୀର ଗଳିକନ୍ଦିରେ ଗୋଠଛଡ଼ା ଦନ୍ତାହାତୀ ଇତସ୍ତତଃ ହୋଇ ବୁଲୁଛି। ବନ୍ତ ଅତିକ୍ରମ କରି ଭଣ୍ଡାରିପୋଖରୀ ଅଞ୍ଚଳରେ ପ୍ରବେଶ କରିଥିଲା ବୋଲି ଭଦ୍ରକ ବନଖଣ୍ଡ ଜିଲ୍ଲା ଅଧିକାରୀ ସୌଭାଗ୍ୟ ସାହୁ ସୂଚନା ଦେଇଛନ୍ତି। ନଗୁଆଁ, ଦକ୍ଷିଣବାଡ ପଞ୍ଚାୟତ ଆଦି ବିଭିନ୍ନ ଗ୍ରାମରେ ହାତୀଟି ଘୂରି ବୁଲିଥିଲା। ଭଣ୍ଡାରିପୋଖରୀ ବ୍ଲକ ଛକ, ବଜାର, ହାଇଲେବୁଲ କେନାଲ ଦେଇ ଏଣେତେଣେ ବୁଲୁଥିବା ଜଣାଯାଇଛି। ହାତୀଟି ବିଭିନ୍ନ ଆଡେ ଯାଉଥିଲେ ମଧ୍ୟ କାହାର କିଛି ଅନିଷ୍ଟ କରୁ ନଥିବା ଜଣାଯାଇଛି। ବନ ଧାମନଗର ବନଖଣ୍ଡ ରେଞ୍ଜର ସୁଷମା ସାହୁ, ଆଗରପଡା ବନପାଳ ବସନ୍ତ ମାଝୀ, ଭଣ୍ଡାରିପୋଖରୀ ବନପାଳ କୃଷ୍ଣଚନ୍ଦ୍ର ବାସ୍କେ ଓ ଅନ୍ୟ କର୍ମଚାରୀମାନେ ହାତୀକୁ ସୁରକ୍ଷା ଦେବା ସହ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସତର୍କ କରାଉଛନ୍ତି। ନୁଗୁଆଁ ଦେଇ ହାତୀଟି ଦିନତମାମ ହାଟଡିହି, ବଣସାହି, ମେଡିକାଲ ଛକ, ବ୍ଲକ ଛକ, ତହସିଲ କାର୍ଯ୍ୟାଳୟ ନିକଟରେ ବୁଲାବୁଲି କରିବା ପରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ କିଛି ସମୟ ମଧ୍ୟ ଚାଲିଥିଲା। ପରେ ପାର୍ବତୀ ଘାଟ ଦେଇ ସନ୍ଧ୍ୟା ୭ଟା ସୁଦ୍ଧା ଗଜରାଜ ବାଲିପୋଖରୀ ପଞ୍ଚାୟତ ନାଳକୂଳ ଗାଁଠାରେ ପହଞ୍ଚିଥିବା ଜଣାପଡିଛି। ହାତୀର ଗତି ମଧ୍ୟ କମି ଯାଇଛି। ଶହଶହ ଲୋକ ମଧ୍ୟ ରୁଣ୍ଡ ହୋଇଛନ୍ତି। ନିକଟସ୍ଥ ବୈତରଣୀ ନଦୀ ପାରିହୋଇ ହାତୀ ଯାଜପୁର ଜିଲ୍ଲାକୁ ଯାଇପାରେ ବୋଲି ଅନୁମାନ କରାଯାଉଛି। ଏଠାରେ ସୂଚିତ ଯେ ଗତବର୍ଷ ନଭେମ୍ବରରେ ମଧ୍ୟ ଗୋଟିଏ ହାତୀ ହଦଗଡ ଡ୍ୟାମରୁ ଆସି ଏହି ବ୍ଲକ ଦେଇ ଯାଜପୁର ଜିଲ୍ଲା ଦଶରଥପୁରଠାରେ ପହଞ୍ଚିଥିଲା। ସେଠାରେ ବନ ବିଭାଗ ହାତୀଟିକୁ ଟ୍ରାଙ୍କୁଲାଇଜ କରି ଆୟତ୍ତକୁ ଆଣିଥିଲା। ଏହି ହାତୀଟିକୁ ଧାମନଗର ବନାଞ୍ଚଳ ଅଧିକାରିଣୀଙ୍କ ନେତୃତ୍ୱରେ କର୍ମଚାରୀମାନେ କେବଳ ଏହା ପଛରେ ଦିନସାରା ବୁଲୁଛନ୍ତି।









## କମୁନି କୋଇଲା ଚୋରାଚାଲାଣ

**ତିହିଡି, ୪ା୩(ସମିସ):** ଚୋରା କୋଇଲା ବେପାର ଏବେ ଚିନ୍ତାର କାରଣ ପାଲଟିଛି। ଧାମରାରୁ ଆସୁଥିବା ଚଳନ୍ତା ଟ୍ରେନରୁ ଦୁର୍ବୃତ୍ତମାନେ କୋଇଲା କାଢ଼ି ମାଲେମାଲ ହେଉଥିବା ବେଳେ ସାଧାରଣ ଜନଜୀବନକୁ ଏହା ପ୍ରଭାବିତ କରୁଛି। ଚୋରା କୋଇଲାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ମାସେ ତଳେ ନୂଆ କରି ଦାୟିତ୍ୱ ନେଇଥିବା ଭଦ୍ରକ ଏସ୍‌ପି କୋଇଲା ଚୋରଙ୍କୁ ଗୋଡେଇ ଗୋଡେଇ ବାନ୍ଧୁଥିଲେ। କିଛି ଦିନ ପାଇଁ ଚରା ଚାଲାଣ ଥମିଥିଲା। ଏବେ ପୁଣି ପୂର୍ବ ଅବସ୍ଥାକୁ ଫେରିଆସିଲାଣି କାରବାର। ଦିନରେ ଚଳନ୍ତା ଟ୍ରେନରୁ କୋଇଲାକୁ ବାହାର କରାଯାଉଛି ନୂଆନନ୍ଦ, ପାଳିଆ, ଜିଝାରପୁର, କନ୍ଦପୁର ରେଳଧାରଣାରୁ। ଆଉ ଚୋରା କୋଇଲା ପାହାଡ଼ କରି ବହୁ ସଂଗଠିତ ରାକେଟ ଏହା ପଛରେ ରହିଛି। ତିହିଡି ଦେଇ ଯାଇଥିବା ଧାମରା ରେଳପଥ ବିଭିନ୍ନ ସ୍ଥାନ ଜମା କରି ରଖାଯାଉଛି କୋଇଲା। ରାତିରେ ୧୬ ଚକିଆ, ୧୨ ଚକିଆ ଟ୍ରକରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଏପରିକି ରାଜ୍ୟ ବାହାରକୁ ଚାଲାଣ କରାଯାଉଛି ଚୋରା କୋଇଲା। କୁଜିନେତାଙ୍କଠାରୁ ଆରମ୍ଭ କରି ପ୍ରଭାବଶାଳୀ ନେତା ଓ କିଛି ଅସାଧୁ ପୁଲିସ କର୍ମଚାରୀ ଚୋରା କୋଇଲା ମାଫିଆଙ୍କ ସହ ସାମିଲ ରହି ଏହି କାର୍ଯ୍ୟ ଚଳାଇଛନ୍ତି। ପୀରହାଟ ଥାନାଞ୍ଚଳରେ ନିକଟରେ କୋଇଲା ମାଫିଆଙ୍କୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଏବେବି ଅଭିଯୁକ୍ତକୁ ଧରିପାରିନି ପୀରହାଟ ପୁଲିସ। ଏପଟେ ତିହିଡି ଥାନାଞ୍ଚଳରେ କୋଇଲା ପାହାଡ଼ ଠିଆ ହେଲାଣି। କୋଇଲା ମାଫିଆମାନେ କୋଟି କୋଟି ଟଙ୍କା ବେପାର କରୁଥିବା ଅଭିଯୋଗ ହୋଇଛି। ନାମକୁ ମାତ୍ର କାଁ ଭାଁ ଚଢ଼ଉ ଚାଲିଛି। ଏହି ବେପାର ରେ ସାମିଲ ଯୁବକମାନେ ବିଭିନ୍ନ ଅପରାଧ ଭିଆଇବା ସହ ନିଶାସକ୍ତ ରହି ବହୁ ଆଇନ ବହିର୍ଭୂତ କାର୍ଯ୍ୟ କରି ଚାଲିଛନ୍ତି। ଧୀରେ, ଧୀରେ ଏହି ଚୋରା କୋଇଲା ବ୍ୟବସାୟ କାୟା ବିସ୍ତାର କରିଚାଲିଛି। ତିହିଡି ଥାନାଠାରୁ ମାତ୍ର ୭ କିଲ ମିଟର ଦୂରରେ ପାହାଡ଼ ପରି ରଖା ଯାଇଛି ଚୋରା କୋଇଲା; ଯାହାକି ପୋଲିସ ନଜରେ ନ ପଡିବା ଆଶ୍ଚର୍ଯ୍ୟ ଲାଗୁଛି। ତିହିଡି ଓ ପୀରହାଟ ଅଞ୍ଚଳରେ ଚୋରା କୋଇଲା କାରବାର ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ଏହା ଉପରେ ରୋକ ଲଗାନଗଲେ ଆଗକୁ ଅନେକ ବଡ ଧରଣର ଅପରାଧିକ କାର୍ଯ୍ୟ ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



## ଆର୍‌ଏମ୍‌ସିରେ ଅଗ୍ନିକାଣ୍ଡ; ଜଳିଗଲା ୩ ଗୋଦାମ





**ଭଦ୍ରକ,୪ା୩(ସମିସ):** ଭଦ୍ରକ-ଚାନ୍ଦବାଲି ରାସ୍ତାକଡ଼ରେ ଥିବା ଆର୍‌ଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏହା ଏତେ ଭୟାବହ ଥିଲା ଯେ ୩ଟି ବଡ଼ ବ୍ୟବସାୟିକ ଗୋଦାମ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ନିଆଁ ପ୍ରଥମେ କ୍ୟାମ୍ପସରେ ଥିବା ବିସ୍କୁଟ, କୁର୍‌କୁରେ ଗୋଦାମ ଘରେ ଲାଗିଥିଲା। ପରେ ପରେ ନିକଟସ୍ଥ ଏକ ପ୍ଲାଷ୍ଟିକ ଚେୟାର ଗୋଦାମ ଘରେ ନିଆଁ ଲାଗିଥିଲା। ବିସ୍କୁଟ ଗୋଦାମ, କୁର୍‌କୁରେ ଗୋଦାମ ଓ ପରେ ପରେ ପ୍ଲାଷ୍ଟିକ ଗୋଦାମକୁ ନିଆଁ ବ୍ୟାପିବା ସହ ଧୂଆଁମୟ ପରିବେଶ ସୃଷ୍ଟି କରିଥିଲା। ଭଦ୍ରକ ଅଗ୍ନିଶମ ବାହିନୀର ୩ଟି ନିଆଁ ଲିଭା ଗାଡ଼ି ସହ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଅଧିକ ଦୋକାନକୁ ବ୍ୟାପିବା ପୂର୍ବରୁ ଦୋକାନୀମାନେ ସେମାନଙ୍କ ଜିନିଷପତ୍ରକୁ ବାହାର କରି ନେଇଥିଲେ; ତଥାପି ଲକ୍ଷାଧିକ ଟଙ୍କା ମୂଲ୍ୟରେ ସାମଗ୍ରୀ ନଷ୍ଟ ହୋଇଥିବା ଆକଳନ କରାଯାଇଛି। ନିଆଁ ଲିଭାଇବା ବେଳେ ଜଣେ ଅଗ୍ନିଶମ ବାହିନୀ କର୍ମଚାରୀ ଆହତ ହୋଇଥିଲେ। ଶେଷରେ ନିଆଁକୁ ଅଗ୍ନିଶମ ବାହିନୀ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ ବୋଲି ଆରଏମସି କର୍ମଚାରୀ ରଞ୍ଜିତ ଲେଙ୍କା ଓ ସେକ ଫିରୋଜ ପ୍ରମୁଖ ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଏହି ଅଗ୍ନିକାଣ୍ଡର ସଠିକ କାରଣ ସ୍ପଷ୍ଟ ନଥିବା ବେଳେ ସର୍ଟ ସର୍କିଟ ବୋଲି ସନ୍ଦେହ କରାଯାଉଛି। ପ୍ରାୟ ୪୦ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା ବେସରକାରୀ ଭାବେ ଆକଳନ କରାଯାଇଛି।

## ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ଭଦ୍ରକ, ୪ା୩(ସମିସ):** ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ 'ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ' ରଖାଯାଇଛି। ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସମସ୍ତ ଅଂଶୀଦାର ଯଥା ବ୍ୟାଙ୍କ, ଏଫଏଲସି ଓ ସିଏଫଏଲ୍ ମିଳିତ ସହଯୋଗରେ ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରୁଛି। ଗତ ସପ୍ତାହରେ ଭଦ୍ରକ ଜିଲ୍ଲାର ବହୁଦରଡ଼ାରେ ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହିଣୀ, କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀ ବର୍ଗର ପ୍ରାୟ ୭୫ ଜଣ ଅଂଶଗ୍ରହଣ କରିଥିଲେ। ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ ପ୍ରଦୀପ ସେଠୀ (ଏଲଡିଓ) ଅଂଶଗ୍ରହଣକାରୀଙ୍କୁ ମାଇକ୍ରୋ ସେଭିଂ, ମାସିକ ବ୍ୟୟ ବଜେଟ୍, ଜରୁରିକାଳୀନ ଯୋଜନା, ବିବିଧତା ଏବଂ ରିସ୍କ ପରିଚାଳନା, ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇଏମଆଇ ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ, ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଅମ୍ବୁଡ୍ସମାନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଭଦ୍ରକ ଏଲ୍‌ଡିଏମ୍ ନାଗେଶ୍ୱର ରାୟ ଏବଂ ସିସିଏଫ୍‌ଏଲ୍ ଭଦ୍ରକ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଦୁର୍ଘଟଣାରେ ଯୁବକ ମୃତ



**ଧାମନଗର, ୪ା୩(ସମିସ):** ଭଦ୍ରକରୁ ଘରକୁ ଫେରୁଥିବା ବେଳେ ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଦ୍ମପୋଖୋରୀ ଗାଁର ଦିବାକର ସାହୁଙ୍କ ବଡ଼ପୁଅ ମନୋଜ(୨୫)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସକାଳ ସମୟରେ ଭଦ୍ରକ ଯାଇଥିଲେ। ଅପରାହ୍ଣ ସମୟରେ ବାଇକରେ ଫେରୁଥିବା ବେଳେ ଗେଲପୁର ଛକ ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ତୁରନ୍ତ ସ୍ଥାନୀୟ ଲୋକ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବିଜେଡିନେତା ଡାକ୍ତର ସଞ୍ଜୟ ଦାସ, ସମିତିସଭ୍ୟ ସୁଦୀପ୍ତ ଖଟୁଆ, ସରପଞ୍ଚ ପ୍ରତିନିଧି କପିଳେନ୍ଦ୍ର ବଳ, କାଉନସିଲର ଉତ୍ତମ ମହାନ୍ତି, ଧାମନଗର ସେବା ସମବାୟ ସମିତି ସଭାପତି ଗୌତମ ମହାନ୍ତି, ଉମାକାନ୍ତ ସ୍ୱାଇଁ, ବିଜେପି ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ବିଜୟ ଖଟୁଆ, ବାବାଜୀ ପରିଡ଼ାଙ୍କ ସହ ବହୁ ଦଳୀୟ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଓ ଗ୍ରାମର ଶତାଧିକ ଲୋକେ ଶୋଭାଯାତ୍ରାରେ ସନ୍ଧ୍ୟାରେ ପହଞ୍ଚିଥିଲେ। ଗ୍ରାମ ମଶାଣିରେ ଶେଷକୃତ୍ୟ ସଂପନ୍ନ ହୋଇଛି।

## ମାର୍ଚ୍ଚ ୨୯ରେ ଭଦ୍ରକ ଓକିଲ ସଂଘର ନିର୍ବାଚନ

**ଭଦ୍ରକ,୪ା୩(ସମିସ):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପରିଚାଳିତ ଆଇନଜୀବୀମାନଙ୍କ ପାଇଁ ଗୋଟିଏ ଦିନରେ ଅର୍ଥାତ ଆସନ୍ତା ମାର୍ଚ୍ଚ ମାସ ୨୯ ତାରିଖ ଶନିବାର ନିର୍ବାଚନ ଅନୁଷ୍ଠିତ ହେବ। ସେଦିନ ସକାଳ ସାଢେ ୭ଟାରୁ ନିର୍ବାଚନ ଅନୁଷ୍ଠିତ ହୋଇ ଅପରାହ୍ନ ୩ଟାରେ ଶେଷ ହେବା ପରେ ସେହିଦିନ ୪ଟାରୁ ଗଣତି ପରେ ଫଳ ପ୍ରକାଶିତ ହେବ। ଏଥିପାଇଁ ଆସନ୍ତା ୫ ତାରିଖରୁ ୭ ତାରିଖ ଯାଏ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନପତ୍ର ଦାଖଲ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ମାର୍ଚ୍ଚ ୮ ତାରିଖରେ ପ୍ରାର୍ଥୀମାନଙ୍କର ପଦ ଅନୁଯାୟୀ ନାମ ପ୍ରକାଶନ ହେବ ଓ ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୧୦ ତାରିଖରେ ଯାଞ୍ଚ ପରବର୍ତ୍ତୀ ତାଲିକା ପ୍ରକାଶିତ ହେବ। ସେହିପରି ୧୨ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ୧୩ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ ବୋଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକଶିତ ହୋଇଛି।

ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶିତ

ଓଡ଼ିଶା ଆଇନଜୀବୀ ପରିଷଦ ରାଜ୍ୟତମାମ ଓକିଲମାନଙ୍କର ସର୍ବୋଚ୍ଚ ନୀତିନିୟନ୍ତ୍ରକ ସ୍ୱୟଂଶାସିତ ପରିଷଦ। କିଛି ବର୍ଷ ହେବ ନିର୍ଦ୍ଦେଶମତେ, ରାଜ୍ୟତମାମ ସମସ୍ତ ଓକିଲ ସଂଘ ପାଇଁ ମାର୍ଚ୍ଚ ଶେଷ ଶନିବାର ଗୋଟିଏ ଦିନରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଭଦ୍ରକ ଜିଲ୍ଲାରେ ଭଦ୍ରକ, ବାସୁଦେବପୁର ଓ ଚାନ୍ଦବାଲି ୩ଟି ଓକିଲ ସଂଘ ତାଲିକାଭୁକ୍ତ ରହିଛି। ତେବେ ଧାମନଗର ଓକିଲ ସଂଘ ପ୍ରତିଷ୍ଠିତ ହୋଇ କାର୍ଯ୍ୟ କରୁଥିଲେ ମଧ୍ୟ ତାହା ଆଇନଜୀବୀ ପରିଷଦର ସ୍ୱୀକୃତି ପାଇଁ ନାହିଁ। ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ଚଳିତ ବର୍ଷ ଭଦ୍ରକର ଓକିଲ ସଙ୍ଘରେ ୯୮୪ ଜଣ, ବାସୁଦେବପୁର ଓକିଲ ସଙ୍ଘରେ ୯୦ ଜଣ ଓ ଚାନ୍ଦବାଲି ଓକିଲ ସଙ୍ଘରେ ୫୫ ଜଣ ଯୋଗ୍ୟ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଭଦ୍ରକ ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଅଧିବକ୍ତା ସନ୍ତୋଷ ନାୟକଙ୍କୁ ନିଯୁକ୍ତି କରାଯାଇଛି। ସେହିଭଳି ସହ ନିର୍ବାଚନ ଅଧିକାରୀ ଭାବେ, ଆଇନଜୀବୀ ନାରାୟଣଚନ୍ଦ୍ର ମହାନ୍ତି, ହରିହର ଧଳ, ସରୋଜ ତପନ ଦାସ, ଲଲାଟେନ୍ଦୁ ଦୀକ୍ଷିତ, ଅତିସ ବେହେରା, ଜ୍ୟୋତିରଞ୍ଜନ ବେହୁରା, ଜୀତେନ୍ଦ୍ର ପଣ୍ଡା, ଅଂଜୁବାଳା ରାଉତ ଓ କୋ ଅର୍ଡିନେଟର ଭାବେ ପବନ ଶର୍ମାଙ୍କୁ ନିଯୁକ୍ତି କରାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ ଆସନ୍ତା ମାର୍ଚ୍ଚ ୨ ତାରିଖରେ ଭଦ୍ରକ ଟାଉନ ହଲରେ ହେବ। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ନ୍ୟାୟାଧୀଶମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

## ଫେରିଲେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ



**ଭଦ୍ରକ, ୪ା୩(ସମିସ):** ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭଦ୍ରକ ଜିଲ୍ଲାରୁ ନାସିକ, ସିରିଡ଼ିକୁ ୫ ଦିନିଆ ତୀର୍ଥଯାତ୍ରାରେ ଯାଇଥିବା ୧୧୬ ଜଣ ବରିଷ୍ଠ ନାଗରିକ ତୀର୍ଥସ୍ଥଳୀ ଭ୍ରମଣ ପରେ ନିରାପଦରେ ଓ ଖୁସିରେ ମାର୍ଚ୍ଚ ୪ ତାରିଖ ସଂଧ୍ୟାରେ ଆସି ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଭଦ୍ରକ ଜିଲ୍ଲାପାଳ ଦିଳୀପ ରାଉତରାଏ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲା ପର୍ଯ୍ୟଟନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି ଯାତ୍ରାକୁ ସଫଳ ଓ ନିରାପଦ କରାଇବାରେ ବିଶେଷ ଭୂମିକା ତୁଲାଇଥିଲେ। ୪ଜଣ ଏସକର୍ଟ ତିହିଡ଼ି ବ୍ଲକର ପିଇଓ ଦୀନବନ୍ଧୁ ମହାନ୍ତି, ବନ୍ତ ବ୍ଲକର ବିଏସ୍‌ଏସ୍‌ଓ ପ୍ରକାଶ ସାହୁ, ଭଦ୍ରକ ବ୍ଲକର ବିଏସ୍‌ଏସ୍‌ଓ ସୌମ୍ୟଜିତ୍ ବେହେରା, ଜିଲ୍ଲା ପ୍ଲାନିଂ କାର୍ଯ୍ୟାଳୟର ଫାଇନାସ୍ ଏକସପର୍ଟ ଭଗବାନ ବାରିକ ପ୍ରମୁଖଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଜଣାଇଥିଲେ। ଗତ ଫେବୃୟାରୀ ୨୬ ତାରିଖରେ ଜିଲ୍ଲା କାର୍ଯ୍ୟାଳୟରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମକୁ ଜିଲ୍ଲାପାଳ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଶୁଭାରମ୍ଭ କରିଥିଲେ। ଡ଼େପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ପରିଚାଳନା ସଂକ୍ରାନ୍ତ ପରାମର୍ଶ ଦେଇଥିଲେ। ବିଭାଗୀୟ କର୍ମଚାରୀ ହେମନ୍ତ ପ୍ରଧାନଙ୍କ ନେତୃତ୍ୱରେ ବାଲେଶ୍ୱର ରେଳଷ୍ଟେସନରୁ ବସ ଯୋଗେ ଭଦ୍ରକକୁ ଅଣାଯାଇ ସମସ୍ତ ତୀର୍ଥଯାତ୍ରୀଙ୍କୁ ବ୍ଲକ ପ୍ରଶାସନ ଜରିଆରେ ଘରକୁ ପ୍ରତ୍ୟାଗମନ ବ୍ୟବସ୍ଥା କରାଯାଇଛି।

**ବନ୍ୟା ପରେ ଅଲୋଡ଼ା**

## ଖରା-କାକରରେ ନଷ୍ଟ ହେଉଛି ପାୱାର ବୋଟ୍

**ଦୋବଲ, ୪ା୩(ସମିସ)**

ବୈତରଣୀ, କୋଚିଲା, ଗେଙ୍ଗୁଟି, ସାଳନ୍ଦୀ ଆଦି ନଦୀର ବନ୍ୟା ଦ୍ୱାରା ଧାମନଗର ବ୍ଲକରେ ବ୍ୟାପକ କ୍ଷତି ହୁଏ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ପାଇଁ ଓସଡମା ପକ୍ଷରୁ ଧାମନଗର ବ୍ଲକକୁ ୧୦ଟି ପାୱାର ବୋଟ ଯୋଗାଇ ଦିଆଯାଇଛି। ବନ୍ୟା ବେଳେ ବିପନ୍ନଙ୍କ ନିକଟରେ ସରକାରୀ ସହାୟତା ଓ ବନ୍ୟାବିପନ୍ନଙ୍କୁ ଉଦ୍ଧାର ପାଇଁ ଉକ୍ତ ବୋଟ ବ୍ୟବହାର କରାଯିବ। ଉକ୍ତ ବୋଟ ଏବେ ରକ୍ଷଣାବେକ୍ଷଣା ଅଭାବରୁ ନଷ୍ଟ ହେବାକୁ ବସିଲାଣି। ୧୦ଟି ବୋଟ ମଧ୍ୟରୁ ୫ଟି ବୋଟ ଅଚଳ। ସୂଚନାଯୋଗ୍ୟ, ଏଥିପାଇଁ ଚୁକ୍ତିଭିତ୍ତିକ ୬ ମାସ ପାଇଁ ୧୮ ଜଣ ଖଲାସୀଙ୍କୁ ରଖାଯାଇ ସେମାନଙ୍କୁ ମାସିକ ୧୧ ହଜାର ଟଙ୍କା ଦରମା ଦିଆଯାଉଛି। ଜଣେ ସ୍ଥାୟୀ କର୍ମଚାରୀ ସରକାରୀ ଭାବେ ୨୦ ହଜାରରୁ ଅଧିକ ଟଙ୍କା ଦରମା ନେଉଛନ୍ତି। ଖରା ବର୍ଷାରେ ନଷ୍ଟ ହେଉଥିବା ବୋଟକୁ ନଜର ଦିଆଯାଉନାହିଁ। ଏଣେ ସରକାରୀ ବାବୁ ବ୍ଲକରେ ବଡ଼ବାବୁ ଓ ବିଡିଓଙ୍କ ବୋଲ ହାକ କରି ସମୟ ଯାଉଥିବାରୁ ଏଥିପାଇଁ ସମୟ ଦେଉନାହାନ୍ତି। ଏ ଦିଗରେ ଧାମନଗର ବିଡିଓ ବନବିହାରି ଦିନ୍ଦା 'ବର୍ଷ ଶେଷରେ ଓସଡମା ପକ୍ଷରୁ ମରାମତି କରାଯାଇଥାଏ ଅଧିକ କିଛି କହିପାରିବି ନାହିଁ' ବୋଲି କଥାକୁ ଏଡ଼ାଇ ଦେଇଛନ୍ତି। ଅନ୍ୟପକ୍ଷରେ, ବୋଟ ଦାୟିତ୍ୱରେ ଥିବା କର୍ମଚାରୀ ପରେଶ ପାଇକରାୟ କହିଛନ୍ତି ଯେ ୧୦ଟି ବୋଟ ମଧ୍ୟରୁ ୭ଟି ବ୍ଲକର ଓ ୩ଟି ଧାମନଗର ତହସିଲର। କିଛି ଖରାପ ଅଛି। ବଡ଼ ବୋଟଗୁଡ଼ିକ ବ୍ୟବହାର ହୋଇ ପାରୁନାହିଁ। ବନ୍ୟା ସରିବା ପରେ ଜୁନ ମାସ ପୂର୍ବରୁ ଭଦ୍ରକ ଜରୁରିକାଳୀନ ବିଭାଗକୁ ବୋଟ ମରାମତି ପାଇଁ କୁହାଯାଇଥାଏ। ପରେ ଏସଆରସି ଟେଣ୍ଡର ମାଧ୍ୟମରେ ଉକ୍ତ ବୋଟ ମରାମତି କରି ଥାଆନ୍ତି। ହେଲେ ମରାମତି ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ଯଦି ବନ୍ୟା ସରିବା ପରେ ବୋଟଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ରଖାଯାଇ ଥାଆନ୍ତା ତେବେ ସରକାରୀ ତହବିଲରୁ ମରାମତି ପାଇଁ ଏତେ ଟଙ୍କା ଖର୍ଚ୍ଚ ହୁଅନ୍ତା ନାହିଁ। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।





## ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣର କଚ୍ଛପଗତି

# କଣ୍ଟ ପୂରିଲା; ଶେଷ ହେଲାନି କାମ





**କବାଟବନ୍ଧ, ୪।୩ (ସମିସ)**

ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରୁ ଡୁବୁରୀ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଶେଷ ହୋଇପାରୁନି। ଏହି ସମ୍ପ୍ରସାରଣ କାମକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ଅଭିଯୋଗ, ଆନ୍ଦୋଳନ ଓ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଗାମୀ ଫେବୃଆରୀ ମାସ ମଧ୍ୟରେ ରାସ୍ତା ଓ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ସାରିବାକୁ ଗତ ଡିସେମ୍ବର ୯ ତାରିଖରେ କଣ୍ଟ ଦେଇଥିଲେ। କଣ୍ଟ ପୂରିଲା, ମାତ୍ର ରାସ୍ତା କାମ ସରିବା ତ ଦୂରର କଥା ଆଖିକୁ ଦେଖାଗଲା ଭଳି ଅଗ୍ରଗତି ହୋଇପାରିଲାନାହିଁ। ଜନସାଧାରଣଙ୍କୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି କେବଳ ଧର୍ମକୁ ଆଖିଠାର ଭଳି ମନେ ହୋଇଛି। ରାଜପଥ କର୍ତ୍ତୃପକ୍ଷ ଆନ୍ଦୋଳନ ଚାପରେ ରାଜପଥ କାମକୁ ସାମାନ୍ୟ ଭାବେ ଅଗ୍ରଗତି କରିଥିବା ଅନୁଭବ ହେଉଛି।

ଗତ ଡିସେମ୍ବର ୯ ତାରିଖରେ ସଚେତନ ନାଗରିକ ମଞ୍ଚ ଆହ୍ୱାନ କ୍ରମେ ବ୍ରାହ୍ମଣୀ ବ୍ରିଜ ନିକଟରେ ଧର୍ମଶାଳା ବ୍ଲକ ସମେତ ସୁକିନ୍ଦା ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି, କଲେଜ ଛାତ୍ରଛାତ୍ରୀ, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର, ସ୍ୱେଚ୍ଛାସେବୀ ସଂଗଠନ ଓ ଜନସାଧାରଣ ଆନ୍ଦୋଳନରେ ସାମିଲ ହୋଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦାବି ଜଣାଇବା ସହିତ ଜାତୀୟ ରାଜପଥ ମଧ୍ୟ ଅବରୋଧ କରିଥିଲେ। ପ୍ରାୟ ୮ ଘଣ୍ଟାର ଅବରୋଧ ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଚାର ବିମର୍ଶ କରି ସମୟ ନେଇ ରାସ୍ତା କାମକୁ ଫେବୃଆରୀ ଓ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟକୁ ଜୁନ ମାସ ସୁଦ୍ଧା ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ପାଖାପାଖି ୮୦ ଦିନ ବିତିଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ମୁତାବକ ରାସ୍ତା କାମର ସେମିତି କୌଣସି ଅଗ୍ରଗତି ହେଉଥିବା ମନେ ହେଉନି। ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା କାମ ସାରିବା ପାଇଁ ସେହିଦିନ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ଏକ ଯୋଜନା ଥିଲା ବୋଲି ଶୁଣିବାକୁ ମିଳୁଛି।

ଅନ୍ୟପକ୍ଷରେ ରାସ୍ତା କାର୍ଯ୍ୟର ଦୈନିକ ଅଗ୍ରଗତିର ସମୀକ୍ଷା କରିବା ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ସେସବୁ ଏକ ଧୂଆଁବାଣ ଓ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ମିଥ୍ୟା ଥିଲା ବୋଲି ପ୍ରମାଣିତ ହୋଇଗଲା। ବର୍ତ୍ତମାନର ରାସ୍ତା କାମର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଉଛି, ଗତ ଅଢେଇ ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ରାସ୍ତା କାମର ୧୦ ପ୍ରତିଶତ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଯଦି ଏଭଳି କଚ୍ଛପ ଗତିରେ ରାସ୍ତା କାମ ଆଗେଇ ଚାଲେ, ତେବେ ଆଗାମୀ ୫ ବର୍ଷ ମଧ୍ୟରେ ରାସ୍ତା କାମ ସରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ମୋତେ ଯେତେ ମାଠିବୁ ମାଠେ, ମୁଁ ସେହି ଦରପୋଡ଼ା କାଠ ନ୍ୟାୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପିଠିଆ ବଳଦ ପରି କାମ ଚଳାଇଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯଦି କାମକୁ ଯଥାସମ୍ଭବ ତ୍ୱରାନ୍ୱିତ ନ କରନ୍ତି, ତେବେ ଏ ଅଞ୍ଚଳର ଜନସାଧାରଣ ନୀରବରେ ବସି ଜୀବନ ହାନି ଦେଖିପାରିବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ପରେ ଏହି ରାଜପଥରେ ୨୦ରୁ ଅଧିକ ଦୁର୍ଘଟଣା ଘଟି ସାରିଥିବାବେଳେ ଏକାଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଏଣେ ଆନ୍ଦୋଳନ ସମୟରେ ଯୋଗଦେଇଥିବା ଧର୍ମଶାଳାର ବିଧାୟକ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାମ ସାରିବା ପାଇଁ କଡ଼ା ଚେତାବନୀ ଶୁଣାଇବା ସହ ଆବଶ୍ୟକ ସ୍ଥଳେ କଣ୍ଟ୍ରାକ୍ଟର ପରିବର୍ତ୍ତନ କରାଯିବ ବୋଲି ଚରମବାଣୀ ଶୁଣାଇ ଥିଲେ। ବର୍ତ୍ତମାନ ସମୟରେ ବିଧାୟକ ତାଙ୍କ ଚରମବାଣୀକୁ ତୁରନ୍ତ କାର୍ଯ୍ୟରେ ପରିଣତ କଲେ ରାସ୍ତା କାମ ଯଥାସମ୍ଭବ ତ୍ୱରାନ୍ୱିତ ହେବା ସହ ରାଜପଥ ଉପରେ ନିରୀହ ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିବା ସହିତ ଆଶା ପ୍ରକଟ କରିଛନ୍ତି। ସେପଟେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିକଟରେ ଅନୁଷ୍ଠିତ ଦିଶା ବୈଠକରେ ଖୁବଶୀଘ୍ର କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

## ମମତା ଗୃହ ନିର୍ମାଣରେ ହସ୍ତକ୍ଷେପକୁ ନେଇ ଅସନ୍ତୋଷ

**ପ୍ରୀତିପୁର, ୪।୩ (ସମିସ):** ବିଞ୍ଝାରପୁର ବ୍ଲକର ଟିଣା ପଞ୍ଚାୟତରେ ମମତା ଗୃହ ନିର୍ମାଣରେ ଅଯଥା ହସ୍ତକ୍ଷେପ ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି। ବିଗତ ସରକାରଙ୍କ ସମୟରେ ଟିଣା ପଞ୍ଚାୟତର ଶିଶିରଣା ଗ୍ରାମରେ ଏକ ମମତା ଗୃହ ନିର୍ମାଣ ପାଇଁ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ୫ଲକ୍ଷ ଚାଳିଶ ହଜାର ଟଙ୍କା ବ୍ୟୟ ଆକଳନ କରାଯାଇଥିଲା। ପ୍ରକଳ୍ପଟି ଡିପାର୍ଟମେଣ୍ଟ ଦ୍ୱାରା କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଥିଲା। ତଦନୁଯାୟୀ ପଞ୍ଚାୟତରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା। ଗତ ଫେବୃଆରୀ ମାସରେ କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ ଏହି ଗୃହ ନିର୍ମାଣ ପାଇଁ ଆବଶ୍ୟକ ବାଲି, ଗୋଡ଼ି ଓ ଲୁହାରଡ ଓ ସିମେଣ୍ଟ ସଂଗ୍ରହ କରାଯାଇ ସରକାରୀ ନୀତି ନିୟମ ସହିତ ପ୍ରଶାସନର ଅନୁମତି କ୍ରମେ ଶିଶିରଣା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି ସଂଲଗ୍ନ ସ୍ଥାନ ଉପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସମୟରେ ଏକ ଗୋଷ୍ଠୀ ଉକ୍ତ ନିର୍ମାଣକାର୍ଯ୍ୟକୁ ବିରୋଧ କରିଥିଲେ ଏବଂ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏଭଳି ମିଥ୍ୟା ଅଭିଯୋଗ ଫଳରେ ଉକ୍ତ ପ୍ରକଳ୍ପ କାମ ପଛେଇ ଯାଇଛି। ଯାହାକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହୋଇଛି।

## କଲେଜ ଛାତ୍ରୀ ମୃତ୍ୟୁକୁ ନେଇ ବଢୁଛି ସସ୍‌ପେନ୍ସ

**ଯାଜପୁର, ୪।୩(ସମିସ):** ପାଣିକୋଇଲି କଲେଜର ଯୁକ୍ତ ଦୁଇ ବିଜ୍ଞାନର ମେଧାବୀ ଛାତ୍ରୀ ଅନୀତା ସାହୁ(୧୭)ଙ୍କ ରହସ୍ୟମୟ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୫ ଦିନ ବିତିଗଲାଣି। କିନ୍ତୁ ତାଙ୍କ ମୃତ୍ୟୁର କୌଣସି ରହସ୍ୟ ଉନ୍ମୋଚନ ହୋଇପାରିନାହିଁ କିମ୍ବା କେହି ଏହାର ଉନ୍ମୋଚନ କରିବାକୁ ସତେ ଯେମିତି ଇଚ୍ଛା ପ୍ରକାଶ କରୁନାହାଁନ୍ତି। ଛାତ୍ରୀ ଜଣକ ନାବାଳିକା ଏବଂ ଜଣେ ଅଭାବୀ ପରିବାରର ଝିଅ ହୋଇଥିବାରୁ ତାଙ୍କ ମୃତ୍ୟୁପଛର କାରଣକୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି। ଗତ ଫେବୃଆରୀ ମାସ ୨୮ ତାରିଖ ଦିନ ସେ କଲେଜରୁ ପରୀକ୍ଷା ଦେଇ ଘରକୁ ଯାଇ ବିଳମ୍ବିତ ରାତ୍ରିରେ ତାଙ୍କର ହଠାତ୍ ମୃତ୍ୟୁ ହେଲା ବୋଲି କୁହାଯାଉଛି। ତାର ପରଦିନ ପୁଲିସକୁ କୌଣସି ସୂଚନା ନ ଦେଇ ସ୍ଥାନୀୟ ପଡୋଶୀଙ୍କ ସହାୟତାରେ ଶବ ସଂସ୍କାର କରିଦିଆଗଲା। ପଡୋଶୀଙ୍କ କହିବା ଅନୁଯାୟୀ ଏହା ଏକ ଆତ୍ମହତ୍ୟା। ତେବେ ଏଠି ପ୍ରଶ୍ନ ଉଠୁଛି ଏହି ଆତ୍ମହତ୍ୟା ପାଇଁ କିଏ ଦାୟୀ? କାହିଁକି ପରିବାର ଲୋକେ ଏ ସମ୍ପର୍କରେ ପୁଲିସକୁ ସୂଚନା ନଦେଇ ଶବ ବ୍ୟବଚ୍ଛେଦ ନ କରି ଶବ ସଂସ୍କାର କଲେ। କିନ୍ତୁ ଏହି ମୃତ୍ୟୁକୁ ନେଇ ନାନା କଥା ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ବିଳମ୍ବିତ ରାତ୍ରିରେ ଅନୀତାଙ୍କ ମୃତ୍ୟୁ ଖବର ପାଇ ଜନୈକ ଶିକ୍ଷକ ତାଙ୍କ କରଦା ପଞ୍ଚାୟତ ରାଣୀଗଡ଼ା ସ୍ଥିତ ଘରକୁ ଯାଇ ସମସ୍ତ ପ୍ରକାର ଚାପ ପ୍ରୟୋଗ କରିବା ସହିତ ମାମଲାର ରଫାଦଫା କରିଥିବା ଚର୍ଚ୍ଚା ହେଉଛି। ସାମାଜିକ ଗଣମାଧ୍ୟମ ସମେତ ବିଭିନ୍ନ ଗଣମାଧ୍ୟମରେ ଅନୀତାଙ୍କ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଆଲୋଚନା ହେଉଥିବା ବେଳେ ପୋଲିସ କିମ୍ବା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ନିଜ ଆଡୁ କାହିଁକି ମାମଲା କରାଯାଉନି ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

## ସାଧୁ ଗୌରେଶ୍ୱର ମହାବିଦ୍ୟାଳୟରେ ପାଠଚକ୍ର




**ମଙ୍ଗଳପୁର, ୪।୩(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ 'ସାମଗ୍ରିକ ବ୍ୟବସାୟ ପାଇଁ ଦକ୍ଷତା ବ୍ୟବଧାନ ପୂରଣ ସମ୍ବର୍ଦ୍ଧିତ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ର ଏହାକୁ ଉଦଘାଟନ କରିବା ସହିତ ପରିବର୍ତ୍ତିତ ବ୍ୟବସାୟର ଧାରା ଓ ଏହାର ସହନୀୟତା ନିମିତ୍ତ ଆବଶ୍ୟକୀୟ ଦକ୍ଷତା ବିକାଶ ଉପରେ ନିଜର ମତ ପ୍ରକାଶ କରିଥିଲେ। ଉକ୍ତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ନଲେଜ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏବଂ ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଠାରେ ଅବସ୍ଥାପିତ ଟାଟା ଷ୍ଟିଲର ସିନିଅର ରେଜିଷ୍ଟ୍ରାର ଡ. ପ୍ରଶାନ୍ତ ଦାସ ଯୋଗଦେଇ ଦକ୍ଷତା ବିକାଶ, ଏହାର ଅନ୍ତରର କାରଣ, ନିରାକରଣ ଏବଂ ଏଥିରେ ବ୍ୟବସାୟ, ସରକାର, ଶିକ୍ଷାନୁଷ୍ଠାନର ଭୂମିକା ଇତ୍ୟାଦି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ରୂପେ କଣ୍ଟାବଣିଆ, ଯାଜପୁରରେ ଅବସ୍ଥାପିତ ଆଇବ୍ରେନ ଶିକ୍ଷାନୁଷ୍ଠାନ ସଂସ୍ଥାର ସଂସ୍ଥାପକ ପ୍ରତାପ ଜେ.ଦାସ ଏବଂ ନିଯୁକ୍ତି ଭାରତର ସଂସ୍ଥାପକ ସରୋଜକାନ୍ତ ବେହେରା, ଦକ୍ଷତା ଓ ନିଯୁକ୍ତି ଉପରେ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହାପରେ ନିଯୁକ୍ତି ଭାରତ ନାମକ ଏକ ୱେବ ପୋର୍ଟାଲ ଉନ୍ମୋଚନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ସୁଧାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ରର ସଂଯୋଜକ ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭାଗର ଅନ୍ୟତମ ଅଧ୍ୟାପକ ଗଜେନ୍ଦ୍ର କୁମାର ଦାସ, ସୌମ୍ୟବ୍ରତ ନାୟକ, ରିୟାସତ ଖାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଧରିତ୍ରୀ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ର ଶେଷରେ ଟାଟା ଷ୍ଟିଲ ତରଫରୁ ମହାବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ନିମନ୍ତେ ସାକ୍ଷାତକାର ପରୀକ୍ଷା କରାଯାଇଥିଲା।

## ଆଦିବାସୀ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ, ଜଣେ ଗିରଫ

**କବାଟବନ୍ଧ, ୪।୩(ସମିସ):** ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଗହ୍ମାରିଆ ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଜେନାପୁର ପୁଲିସ ଜଣେ ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଜଣଙ୍କ ସୁକିନ୍ଦା ବ୍ଲକ କାଳିଆପାଣି ଥାନା ଅନ୍ତର୍ଗତକଣ୍ଟାବିନ୍ଧି ଗ୍ରାମର ସ୍ୱର୍ଗତ ବସନ୍ତ ମହାରଣାଙ୍କ ପୁଅ ରଞ୍ଜନ ମହାରଣା (୨୫)। ସୂଚନା ମୁତାବକ ରଞ୍ଜନ ଗତ ୧୫ ଦିନ ତଳେ ନାବାଳିକା ଜଣଙ୍କୁ ଅପହରଣ କରି ନେଇ ଦୁଷ୍କର୍ମ କରିଥିଲା। ନାବାଳିକା ପରିବାର ଲୋକେ ଏକଥା ଜାଣିବା ପରେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ପୁଲିସ ନାବାଳିକାର ଗାଁ ନିକଟରେ ଚଢ଼ଉ କରି ସମ୍ପୃକ୍ତ ଯୁବକକୁ ଗିରଫ କରିଥିଲେ। ଗିରଫ ପରେ ଉଭୟ ନାବାଳିକା ଓ ସମ୍ପୃକ୍ତ ଯୁବକଙ୍କ ଡାକ୍ତରୀ ମାଇନା ଧର୍ମଶାଳା ମେଡ଼ିକାଲରେ କରାଯାଇଛି। ଏ ନେଇ ଜେନାପୁର ଥାନାରେ କେସ ନମ୍ବର ୮୭/୨୫ ରେ ଏକ ମାମଲା ରୁଜୁ କରି ୧୩୭(୨), ୬୪(୨)(ଏମ୍), ୬୫ ବି ଏନ ଏସ, ଆରଡବ୍ଲୁ ଏସ ୬ ପୋକ୍ସ ଆକ୍ଟ ଆରଡବ୍ଲୁ ଏସ ୩(୧)(ଆର)(ଏସ)/୩ (୨) (ଭି) ଏସସି ଆଣ୍ଡ ଏସଟି ଆକ୍ଟରେ ଗିରଫ କରାଯାଇଛି। ରଞ୍ଜନକୁ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରିଣୀ ନିରୂପମା ଜେନା ସୂଚନା ଦେଇଛନ୍ତି।

## କପିଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ମଙ୍ଗଳପୁର, ୪।୩ (ସମିସ ):** ଦଶରଥପୁର ବ୍ଲକ ବଡଳାଙ୍ଗ ଗ୍ରାମସ୍ଥ କପିଳେଶ୍ୱର ମହାଦେବଙ୍କ ପୀଠରେ ଷଷ୍ଠ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ଶନିବାର ସକାଳୁ ଆରମ୍ଭ ହୋଇ ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ତ୍ରିଦିବସୀୟ ଯଜ୍ଞରେ ଉତ୍କଳ ପାତ୍ର ଓ ମାନସୀ ଦାସ କର୍ତ୍ତାର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋହିତ ଦ୍ୱାରିକା ତ୍ରିପାଠୀଙ୍କ ନେତୃତ୍ୱର ଅନୁଷ୍ଠିତ ଏହି ଯଜ୍ଞରେ ମନ୍ଦିର ମୁଖ୍ୟ ପୂଜକ ସନ୍ତୋଷ ପତି, ଭାବଗ୍ରାହୀ ପଣ୍ଡା ପ୍ରମୁଖ ସହଯୋଗ କରିଥଲେ। ପ୍ରତ୍ୟେହ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉକି, ପ୍ରତିବର୍ଷ ମାର୍ଚ୍ଚ ମାସ ଆରମ୍ଭର ପ୍ରଥମ ଦିନରୁ ଏହି ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି।

## ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ



**ସିଂହପୁର, ୪।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରତିଷ୍ଠିତ ବ୍ୟବସାୟୀ ମନୋରଞ୍ଜନ ବେଉରିଆ ପ୍ରମୁଖ ଯୋଗଦେଇ ୧୨୯ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଏସ୍‌ଏମ୍‌ସି କମିଟିର ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଶିକ୍ଷା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ପ୍ରୀତିପୁର ୩।୩ (ସମିସ):** ବିଞ୍ଝାରପୁର ବ୍ଲକର ବିତନାସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷା କର୍ମଚାରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଗ୍ରନ୍ଥାଗାର ସହାୟକ ଜଗନ୍ନାଥ ଦାଶ ଅବସର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସରଞ୍ଜନ ଲେଙ୍କାଙ୍କ ସଭାପତିତ୍ୱରେ ତଥା ଅଧ୍ୟାପକ ଜ୍ଞାନରଞ୍ଜନ ଧଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶୈକ୍ଷିକ ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ହୋଇଥିଲେ। ବିଦାୟୀ ଗ୍ରନ୍ଥାଗାର ସହାୟକ ଜଗନ୍ନାଥ ଦାଶଙ୍କର ସେବା, ତ୍ୟାଗ ଓ କର୍ତ୍ତବ୍ୟ ନିଷ୍ଠା ସମ୍ପର୍କରେ ଅଧ୍ୟାପକ ଓ କର୍ମଚାରୀମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସରଞ୍ଜନ ଲେଙ୍କା ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ମା' ପଳାଶବୁଢ଼ୀ ପୀଠରେ ଶତ ଚଣ୍ଡୀପାଠ ଯଜ୍ଞ ଉତ୍ସବ

**ଧର୍ମଶାଳା, ୪।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୂଆଗାଁ ସ୍ଥିତ ମା' ପଳାଶବୁଢୀ ପୀଠରେ ୬ଷ୍ଠ ବାର୍ଷିକୀ ଶତ ଚଣ୍ଡୀପାଠ ଯଜ୍ଞ ମହୋତ୍ସବ ସୋମବାର ଠାରୁ ଆରମ୍ଭ ହୋଇ ୩ୟ ଦିନରେ ପହଞ୍ଚିଛି। ୯ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ମା'ଙ୍କର ପୂଜା, ସୂର୍ଯ୍ୟ ପୂଜା, ଗୋ-ପୂଜା, ନବକନ୍ୟା ପୂଜା ଓ ଚଣ୍ଡୀପାଠ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ସଂଧ୍ୟା କାର୍ଯ୍ୟକ୍ରମରେ ଭଜନ, କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଯଜ୍ଞ ମହୋତ୍ସବର ଆସନ୍ତା ୧୦ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି କମିଟିର ଆବାହକ ପ୍ରକାଶ କୁମାର ନାୟକ କହିଛନ୍ତି।

## ସଙ୍ଗୀତଜ୍ଞ ମଣିସୂତାରଙ୍କ ପରଲୋକ

**ପ୍ରିତିପୁର, ୪।୩(ସମିସ):** ବିଶିଷ୍ଟ ସଙ୍ଗୀତଜ୍ଞ ମଣି ସୂତାରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ପ୍ରକାଶ ଯେ ବିଶିଷ୍ଟ ସଙ୍ଗୀତଜ୍ଞ ମଣି ସୂତାର ବିଞ୍ଝାରପୁର ବ୍ଲକର ଉତରଙ୍ଗ ପଞ୍ଚାୟତ ଅଧୀନ ସାଇଁକୂଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବିଞ୍ଝାରପୁର ସତ୍‌ସଙ୍ଗ ବିହାର ସଭାପତି ସହପ୍ରତି ଋତ୍ୱିକ ଡ. ବିଜୟ କୁମାର ନାୟକ, ରତନଲାଲ ଭୂୟାଁ, ଭିକାରୀ ଚରଣ ନାୟକ, ଦ୍ୟୁତିଦିବ୍ୟ ଦାସ, ବଳରାମ ସାହୁ, ରବିନାରାୟଣ ସାହୁ, ପ୍ରଶାନ୍ତ କୁମାର ସାହୁ, ସ୍ୱାଧୀନ କୁମାର ଦାଶ, ସୁକାନ୍ତ ପଣ୍ଡା, ଅଭିମନ୍ୟୁ ପ୍ରଧାନ ଓ ବିଜୟ ପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ସ୍କୁଟିରୁ ପଡ଼ି ସ୍ୱାସ୍ଥ୍ୟକର୍ମୀ ଆହତ

**ପାଣିକୋଇଲି, ୪।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ସ୍କୁଟିରୁ ଖସିପଡ଼ି ସ୍ୱାସ୍ଥ୍ୟକର୍ମୀ ଆହତ ହୋଇଛନ୍ତି। ଖବର ପାଇ ରାଜପଥ ପାଟ୍ରୋଲିଂ ପୁଲିସ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସା କରାଇଛନ୍ତି। ପ୍ରକାଶ ଯେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଗ୍ରାମର ସତ୍ୟଜିତ ବେହେରା ଓ ତାଙ୍କ ପତ୍ନୀ ଅମିତା (ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ) ଏକ ସ୍କୁଟି ଯୋଗ ଆଖୁଆପଦାରୁ ଦାନଗଦୀ ଯାଉଥିବା ବେଳେ ଚାନ୍ଦପୁର ନିକଟରେ ଏକ ଗାଡ଼ି ସାଇଡ଼ ମାରିବାରୁ ସେ ଡିଭାଇଡ଼ରରେ ପିଟି ହୋଇ ଯାଇଥିଲେ। ଫଳରେ ସ୍କୁଟିରୁ ଖସି ପଡ଼ି ଅମିତା ଆହତ ହୋଇଥିବା ବେଳେ ରାଜପଥ ପାଟ୍ରୋଲିଂ ପୁଲିସ ଉଭୟଙ୍କୁ ଉଦ୍ଧାର କରିଥିଲା









■ ଆଇଏସ୍ଏଲ୍-୧୧

## ପ୍ଲେ ଅଫ୍ ଲାଗି ନିଶ୍ଚିତ ବିଜୟ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର, ୪।୩ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍) ଏକାଦଶ ସଂସ୍କରଣରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଏହାର ଶେଷ ଲିଗ୍ ମ୍ୟାଚରେ ବୁଧବାର ଜାମସେଦପୁର ଏଫ୍‌ସିକୁ ଭେଟିବ। ଝାଡ଼ଖଣ୍ଡର ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଚଳିତ ସଂସ୍କରଣରେ ପ୍ଲେ-ଅଫ୍‌ରେ ତିଷ୍ଠି ରହିବା ଲାଗି ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି।

ସ୍ପାନିଶ ପ୍ରଶିକ୍ଷକ ସର୍ଜିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଏଫ୍‌ସି ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଓଡ଼ିଶା ଏଫ୍‌ସି ଏହି ସିଜନରେ ୨୩ ମ୍ୟାଚ୍ ଖେଳି ୭ଟି ଲେଖାଏ ବିଜୟ ଓ ପରାଜୟ ଏବଂ ୯ଟି ଡ୍ର ସହ ୩୦ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ପ୍ଲେ ଅଫ୍‌ରେ ପ୍ରବେଶ କରିବାକୁ ହେଲେ ଓଡ଼ିଶାକୁ ପଏଣ୍ଟ ଟେବଲର ଶୀର୍ଷ-୬ ଦଳ ମଧ୍ୟରେ ରହିବା ଜରୁରୀ। ଷଷ୍ଠ ସ୍ଥାନରେ ରହିଥିବା ମୁମ୍ବାଇ ସିଟି ୨୨ ମ୍ୟାଚରୁ ୩୩ ପଏଣ୍ଟ ସହ ସ୍ଥିତି ସୁଦୃଢ଼ କରିଛି। ତେଣୁ ଯଦି ଓଡ଼ିଶା ଏଫ୍‌ସି ଏହି ମ୍ୟାଚରେ ବିଜୟୀ ହୁଏ ତେବେ ୩ ପଏଣ୍ଟ ଅର୍ଜନ କରି ୩୩ରେ ପହଞ୍ଚିବ। ଅପରପକ୍ଷରେ ମୁମ୍ବାଇ ଏହାର ଶେଷ ୨ଟି ମ୍ୟାଚରୁ ଗୋଟିଏ ଡ୍ର ରଖିଲେ ମଧ୍ୟ ସହଜରେ ପ୍ଲେ-ଅଫ୍‌ରେ ପହଞ୍ଚିବ ଏବଂ ଓଡ଼ିଶା ଏଫ୍‌ସି ବିଦାୟ ନେବ। କିନ୍ତୁ ଯଦି ମୁମ୍ବାଇ ୨ଟି ଯାକ ମ୍ୟାଚ୍ ହାରିଯାଏ ତେବେ ଓଡ଼ିଶା ପାଇଁ ପ୍ଲେ ଅଫ୍ ଖେଳିବାର ରାସ୍ତା ପରିଷ୍କାର ହୋଇଯିବ। ସେହିଭଳି ଜାମସେଦପୁର ପୂର୍ବରୁ ୨୨ ମ୍ୟାଚ୍ ଖେଳି ୩୮ ପଏଣ୍ଟ ସହ ପ୍ଲେ-ଅଫ୍‌ରେ ସ୍ଥାନ ସୁରକ୍ଷିତ କରିସାରିଛି। ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚ୍ ଜାମସେଦପୁର ପାଇଁ ସେତେଟା ଗୁରୁତ୍ୱ ରଖୁନାହିଁ।

■ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ

## ଆଘାଙ୍କୁ ପାକିସ୍ତାନ ଦଳର ନେତୃତ୍ୱ

କରାଚି, ୪।୩ (ଏଜେନ୍ସି): ସୀମିତ ଓଭର ସିରିଜ ଖେଳିବା ଲାଗି ପାକିସ୍ତାନ କ୍ରିକେଟ୍ ଦଳ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ନ୍ୟୁଜିଲାଣ୍ଡ ଗସ୍ତ କରିବ।



ଏହି ଗସ୍ତରେ ପାକିସ୍ତାନ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଟି-୨୦ ମ୍ୟାଚ୍ ଓ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ଏହି ଦୁଇଟି ସିରିଜ ଲାଗି ମଙ୍ଗଳବାର ପାକିସ୍ତାନ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ସଲମାନ ଆଘାଙ୍କୁ ଟି-୨୦ ଦଳର ନେତୃତ୍ୱ ଦିଆଯାଇଥିବାବେଳେ ଚାମ୍ପିଅନ୍ସ ଟ୍ରଫିରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ମହମ୍ମଦ ରିଜୱାନ ଏକଦିବସୀୟ ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି। ତେବେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଘୋଷିତ ପାକିସ୍ତାନ ଦଳରେ ରିଜୱାନଙ୍କ ସମେତ ପୂର୍ବତନ ବିଶ୍ୱର ଏକ ନମ୍ବର ଖେଳାଳି ବାବର ଆଜାମଙ୍କୁ ବାଦ୍ ଦିଆଯାଇଛି। ସେହିଭଳି ଅଭିଜ୍ଞ ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦୀଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିନାହିଁ। ଚଳିତ ବର୍ଷ ସେପ୍ଟେମ୍ବରରେ ଟି-୨୦ ଫର୍ମାଟ୍‌ରେ ଏସିଆ କପ୍ ଏବଂ ଆସନ୍ତା ବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଆଘାଙ୍କୁ ଏହି ଫର୍ମାଟ୍‌ରେ ନିୟମିତ ଅଧିନାୟକ ଭାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମାର୍ଚ୍ଚ ୧୬ରୁ ଟି-୨୦ ସିରିଜ ଓ ଏହାପରେ ମାର୍ଚ୍ଚ ୨୯ରୁ ଏକଦିବସୀୟ ସିରିଜ ଆରମ୍ଭ ହେବ।

**ଟି-୨୦ ଦଳ**

ସଲମାନ ଆଘା (ଅଧିନାୟକ), ଶାଦବ ଖାନ (ଉପଅଧିନାୟକ), ଅବଦୁଲ ସମାଦ, ଅବରର୍ ଅହମ୍ମଦ, ହାରିସ ରୌଫ୍, ହାସାନ ନୱାଜ, ଜହାନ୍ଦାଦ ଖାନ, ଖୁସଦିଲ ଶାହ, ମହମ୍ମଦ ଆବାସ ଆଫ୍ରିଦୀ, ମହମ୍ମଦ ଅଲି, ମହମ୍ମଦ ହାରିସ, ମହମ୍ମଦ ଇର୍ଫାନ ଖାନ, ଓମାର୍ ବିନ୍ ୟୁସୁଫ୍, ଶାହିନ ଶାହ ଆଫ୍ରିଦୀ, ସୁଫିଆନ ମୋକିମ ଓ ଉସମାନ ଖାନ।

**ଏକଦିବସୀୟ ଦଳ**

ମହମ୍ମଦ ରିଜୱାନ (ଅଧିନାୟକ), ସଲମାନ ଆଘା (ଉପଅଧିନାୟକ), ଅବଦୁଲ ସଫିକ, ଅବରର୍ ଅହମ୍ମଦ, ଆକିଫ୍ ଜାଭେଦ, ବାବର ଆଜମ, ଫହୀମ ଅସ୍ରଫ୍, ଇମାମ-ଉଲ୍-ହକ୍, ଖୁସଦିଲ ଶାହ, ମହମ୍ମଦ ଅଲି, ମହମ୍ମଦ ୱାସିମ ଜୁନିଅର, ମହମ୍ମଦ ଇର୍ଫାନ ଖାନ, ନସୀମ ଶାହ, ସୁଫିୟାନ ମୋକିମ ଓ ତୟାବ ତାହିର।

ଇଣ୍ଡିଆନ ପ୍ରିମିୟର ଲିଗ୍ ୨୨ରୁ

# ଡ୍ରେସିଂ ରୁମ୍ ଯାଇପାରିବେନି ଖେଳାଳିଙ୍କ ପରିବାର

ନୂଆଦିଲ୍ଲୀ, ୪।୩(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ୧୮ତମ ସଂସ୍କରଣ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ। ବିଶ୍ୱର ଏହି ସର୍ବବୃହତ୍ ତଥା ବିତ୍ତଶାଳୀ ଟି-୨୦ ଲିଗ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖେଳାଳିମାନଙ୍କ ପାଇଁ ନୂଆ ନିୟମ ଜାରି କରିଛି। ଉଦ୍‌ଘାଟନୀ ମୁକାବିଲାରେ ଗତଥରର ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପରସ୍ପରକୁ ଭେଟିବେ। ଗତ ସଂସ୍କରଣଗୁଡିକ ତୁଳାନରେ ଖେଳାଳିମାନଙ୍କୁ ସେତେଟା ସ୍ୱାଧୀନତା ନ ମିଳିବା ବୋର୍ଡ ଜାରି କରିଥିବା ନିୟମରୁ ସ୍ପଷ୍ଟ ହୋଇଛି। ଏହି ନିୟମ ଅନୁସାରେ ପ୍ଲେୟର ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍ଓଏ)ର ଆଖପାଖ ଅଞ୍ଚଳରେ ଖେଳାଳିମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିକୁ ବାରଣ କରାଯାଇଛି। ପରିବାର ସଦସ୍ୟ ମାନେ ଡ୍ରେସିଂ ରୁମ୍‌ରେ ପ୍ରବେଶକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି। ଅଭ୍ୟାସ ଦିନମାନଙ୍କରେ ମଧ୍ୟ ପରିବାର ସଦସ୍ୟଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଛି। ଟୁର୍ଣ୍ଣାମେଣ୍ଟ ଓ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅଭ୍ୟାସ ଦିନଗୁଡିକରେ କେବଳ ଆକ୍ରିଟେଡ ଅର୍ଥାତ ମାନ୍ୟତା ପାଇଥିବା ଷ୍ଟାଫ୍ ଓ ଅଧିକାରୀଙ୍କୁ ଡ୍ରେସିଂ ରୁମ୍‌ରେ ପ୍ରବେଶ କରିବାର ଅଧିକାର ମିଳିବ। ଖେଳାଳିମାନଙ୍କ ପରିବାର ସଦସ୍ୟମାନେ ଅଲଗା ଗାଡି ଯାତ୍ରା କରି ହସ୍ପିଟାଲିଟି ଏରିଆରେ ରହି ଅଭ୍ୟାସ ଦେଖିପାରିବେ। ଅତିରିକ୍ତ ସପୋର୍ଟ ଷ୍ଟାଫ୍ ଯଥା ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟ ବା ନେଟ୍ ବୋଲରମାନଙ୍କ ଆବଶ୍ୟକତା ହେଲେ ଏଥିପାଇଁ ଅନୁମତି ଦିଆଯିବ। କିନ୍ତୁ ଅନୁମତି ପାଇଁ ଏମାନଙ୍କ ତାଲିକା ବିସିସିଆଇକୁ ଆଗୁଆ ଦିଆଯିବା ପାଇଁ କୁହାଯାଇଛି। ମାନ୍ୟତା ପାଇଗଲା ପରେ ଏମାନେ ମ୍ୟାଚ ନ ଥିବା ଦିନ ଡ୍ରେସିଂ ରୁମ୍ ଓ ପଡିଆ ଭିତରକୁ ଯିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି।



### ■ ଖେଳାଳିଙ୍କ ଉପରେ ରହିବ କଡ଼ା ନଜର

ଆଇପିଏଲ ଟୁର୍ଣ୍ଣାମେଣ୍ଟ ଅବସରରେ ସବୁ ଫ୍ରାଞ୍ଚାଇଜ ଖେଳାଳିମାନଙ୍କ ଉପରେ କଡ଼ା ନଜର ରଖାଯିବ। ନୂଆ ନିୟମ ଜାରି କରାଯିବା ସହ ବିସିସିଆଇ ଆଇପିଏଲକୁ ଆହୁରି ଶୃଙ୍ଖଳିତ ଓ ଅନୁଶାସନ ମଧ୍ୟରେ ଆୟୋଜନ କରିବାକୁ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଏବେ ଖେଳାଳିମାନେ ନିଜ ଇଚ୍ଛା ଅନୁସାର କିଛି ନିଷ୍ପତ୍ତି ନେଇପାରିବେ ନାହିଁ।ଏବେ ଖେଳାଳିମାନେ ନିଜ ଦଳ ସହ ଯାତ୍ରା କରିବେ ଓ ଆଖପାଖରେ ଅବାଞ୍ଛିତ ଲୋକଙ୍କ ଉପସ୍ଥିତିକୁ ସୀମିତ କରାଯିବ। ନୂଆ ନିୟମ ଜାରି ହେବା ପରେ ଖେଳାଳି ଓ ଫ୍ରାଞ୍ଚାଇଜ୍ କିଭଳି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଉଲ୍ଲେଖଥାଉ କି, ଆଇପିଏଲ ଏଥର ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇ ମେ ୨୫ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୧୦ଟି ଫ୍ରାଞ୍ଚାଇଜ୍ ୭୪ଟି ମ୍ୟାଚ୍ ଖେଳିବା ପରେ କିଏ ଟାଇଟଲ ଜିତିବ ତାହା ସ୍ପଷ୍ଟ ହେବ।

### ■ ଟିମ୍ ବସ୍‌ରେ ଯାତ୍ରା କରିବେ ଖେଳାଳି

ଏହା ବ୍ୟତୀତ ଖେଳାଳିମାନେ ଟିମ୍ ବସରେ ଯାତ୍ରା କରିବାର ବାଧ୍ୟତାମୂଳକ କରାଯାଇଛି। ଉଲ୍ଲେଖଥାଉ କି, ବିସିସିଆଇ ଏହି ନିୟମ ଭାରତୀୟ ଦଳ ପାଇଁ କିଛିଦିନ ପୂର୍ବରୁ ଲାଗୁ କରିସାରିଛି। ଅଭ୍ୟାସ କରିବା ପାଇଁ ମଧ୍ୟ ଖେଳାଳିମାନଙ୍କୁ ଟିମ୍ ବସରେ ହିଁ ଯାତ୍ରା କରିବାକୁ ହେବ। ଦଳଗୁଡିକ ଦୁଇ ବ୍ୟାଚ୍‌ରେ ଗସ୍ତ କରିବେ। ଏ ସଂକ୍ରାନ୍ତରେ ସବୁ ଫ୍ରାଞ୍ଚାଇଜ୍‌ଗୁଡିକୁ ଇ-ମେଲ ମାଧ୍ୟମରେ ଅବଗତ କରାଯାଇଛି। ଗତ ୧୮ ତାରିଖରେ ଆୟୋଜିତ ବୈଠକରେ ସବୁ ଟିମ୍ ମ୍ୟାନେଜରଙ୍କୁ ନିୟମ ପରିବର୍ତ୍ତନ ଓ ନୂଆ ନିୟମ ଜାରି ସମ୍ପର୍କରେ କୁହାଯାଇଥିଲା।

### ■ ସୁରକ୍ଷା, ପେସାଦାର ପରିବେଶ ସୃଷ୍ଟି ଲାଗି ଜାରି ହୋଇଛି ନିୟମ

ଆଇପିଏଲ୍‌ରେ ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାକୁ ଓ ଏକ ପେସାଦାର ପରିବେଶ ସୃଷ୍ଟି କରିବାକୁ ଏହି ନୂଆ ନିୟମ ଜାରି କରାଯାଇଛି ବୋଲି କୁହାଯାଇଛି। ଗତ କେତୋଟି ସିଜନ୍‌ରେ ଡ୍ରେସିଂ ରୁମ୍ ଓ ପିଏମ୍ଓଏ୍‌ରେ ଖେଳାଳିଙ୍କ ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ଉପସ୍ଥିତି ନେଇ ଏକାଧିକ ବାର ଅଭିଯୋଗ ହୋଇଥିଲା। ଫଳରେ ଟିମ୍ ମ୍ୟାନେଜମେଣ୍ଟ ଓ ବୋର୍ଡ ଆଭିମୁଖ୍ୟ କଠୋର କରିବାକୁ ବାଧ୍ୟ ହୋଇଛନ୍ତି।

ସର୍ବଭାରତୀୟ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ୍

## ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ ବିଜୟୀ

ବ୍ରହ୍ମପୁର, ୪।୩(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଆଲ୍ଫା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୧୫ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିନରେ ରାଉରକେଲା ୟୁଥ କ୍ରିକେଟ କ୍ଲବ ୬ ୱିକେଟରେ ବ୍ରହ୍ମପୁରର ଲିଡ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲିଡ୍ସ ଏକାଡେମୀ ଦଳ ନିର୍ଦ୍ଧାରିତ ୩୫ଓଭର ମ୍ୟାଚରେ ୨୮.୪ଓଭର ଖେଳି ମାତ୍ର ୮୦ରନ୍ କରିଥିଲା। ଦଳ ପକ୍ଷରୁ କେ, ସାଇ ସାତ୍ତ୍ୱିକ ୭୦ବଲରୁ ବ୍ୟକ୍ତିଗତ ସର୍ବାଧିକ ୪୨ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ରାଉରକେଲା ଦଳ ପକ୍ଷରୁ ମହମ୍ମଦ ଏସ ଅରମାନ ୬ ଓଭର ବୋଲିଂ କରି ୮ରନ୍ ବିନିମୟରେ ୩ଟି ଓ ଆୟୁଷ କୁମାର ବାରିକ ୬.୪ ଓଭର ବୋଲିଂ କରି ୩ଟି ୱିକେଟ ଅକ୍ତିଆର କରି ଲିଡ୍ସ ଦଳର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ୮୧ରନର ସହଜ ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟରେ ବ୍ୟାଟିଂ କରି ରାଉରକେଲା ଦଳ ୧୮.୩ଓଭରରେ ୪ୱିକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ମ୍ୟାଚକୁ ୬ୱିକେଟରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଚିନ୍ମୟ ମିଶ୍ର ସର୍ବାଧିକ ୩୭, ଜ୍ଞାନ ରଂଜନ ନାୟକ ୨୨ ଓ ସତୀଶ ମିଞ୍ଜ ୧୬ରନ୍ ସଂଗ୍ରହ କରିଥିଲେ। ଲିଡ୍ସ ଦଳ ପକ୍ଷରୁ କେ. ଇଶ୍ୱର ପ୍ରସାଦ ୭ଓଭର ବୋଲିଂ କରି ୨୨ରନ୍ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ରାଉରକେଲା ୟୁଥ କ୍ରିକେଟ କ୍ଲବର ମହମ୍ମଦ ଏସ ଅରମାନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟର ଭାବେ ଆଶୁତୋଷ ପାଣି ଏବଂ ଡି. ରଜନୀକାନ୍ତ ରେଡ୍ଡୀ ମ୍ୟାଚ ପରିଚାଳନା କରିଥିବା ବେଳେ ସତ୍ୟ ନାରାୟଣ ପରିଡା ଓ କିରଣ ମନୋହର ମହାନ୍ତି ସ୍କୋର ଦାୟିତ୍ୱ ତୁଲାଇଥିଲେ। ବୁଧବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ 'ଗ୍ରୁପ-ଏ'ରୁ କଟକ ରାଇଜିଂ ଷ୍ଟୁଡେଣ୍ଟ ବନାମ ରାଉରକେଲା ୟୁଥ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଆଲ୍ଫା କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଜଣାଇଛନ୍ତି।



■ ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

## ପାରାମାଉଣ୍ଟ ସ୍ପୋର୍ଟିଂ ସେମିକୁ ଉନ୍ନୀତ

ଭୁବନେଶ୍ୱର, ୪।୩(ସମିସ): ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡିଆରେ ଟାଉନ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ମୁକାବିଲାରେ ପାରାମାଉଣ୍ଟ ସ୍ପୋର୍ଟିଂ ୨ ୱିକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ଏ'ର ଅନ୍ତିମ ମ୍ୟାଚ୍‌ରେ ରାମେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୩୧.୪ ଓଭରରେ ୧୬୪ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସାରାଂଶ କୁମାର ସର୍ବାଧିକ ୬୭, ସମ୍ବିତ ବରାଳ ୫୩ ରନ ସଂଗ୍ରହ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ସାଇ ଶୁଭମ ସର୍ବାଧିକ ୪ ଓ ସ୍ୱୟମ ରାଉତରାୟ ୨ ୱିକେଟ ନେଇଥିଲେ।



୧୬୫ ରନର ଟାର୍ଗେଟକୁ ପିଛା କରି ପାରାମାଉଣ୍ଟ ୩୪.୪ ଓଭର ଅର୍ଥାତ ଦୁଇଟି ବଲ୍ ବାକିଥାଇଁ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଅଂଶୁମାନ ସାହୁ ୬୭ ବଲରୁ ୬୦ ରନକରି ଅପରାଜିତ ରହିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ସୁଦର୍ଶନ ସ୍ୱାଇଁ ୫୬ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ପାଇଁ ଆଶୁତୋଷ ନାୟକ ୩, ଶୁଭ୍ରକାନ୍ତ ପରିଡା ୨ ୱିକେଟ ଅକ୍ତିଆର କରିଥିଲେ। ଅଂଶୁମାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୂର୍ବତନ କ୍ରିକେଟର ସାଇକ୍ରିଷ୍ଣା ହୋମ୍ସର ଏମ୍‌ଡି ଶଶି ଶେଖର ଗରାବଡ୍ଡୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟର ଭାବେ ଅଜୟ ନାୟକ ଏବଂ ସିପି ମହାପାତ୍ର ପରିଚାଳନା କରିଥିଲେ। ସୋମବାର ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଟାଉନ୍ କ୍ଲବ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ପରସ୍ପରକୁ ଭେଟିବେ।

ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ

## କ୍ୱାର୍ଟର ଫାଇନାଲରେ ଦେବାଶିଷ

ଭୁବନେଶ୍ୱର, ୪।୩(ସମିସ): ଓଡ଼ିଶାର ଉଦୀୟମାନ ଖେଳାଳି ଦେବାଶିଷ ସାହୁ ଏଠାରେ ଚାଲିଥିବା ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ୫ମ ସିଡ୍ ମଣିପୁରର ଭିକି ସାଗୋଲସେମ୍‌ଙ୍କୁ ୨-୦ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍‌କୁ ଦେବାଶିଷ ୭-୬ (୪/୦), ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। କ୍ୱାର୍ଟରରେ ସେ ଏ ଦୀପକଙ୍କୁ ଭେଟିବେ। ପ୍ରି-କ୍ୱାର୍ଟରରେ ଦୀପକ ୭-୫, ୬-୨ରେ କାଭିନ କାର୍ତ୍ତିକଙ୍କୁ ପରାସ୍ତ କରିଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲ ମୁକାବିଲାରେ ଟପ୍ ସିଡ୍ ଉଦିତ କାମ୍ବୋଜଙ୍କ ସହ ତନିକ ଗୁପ୍ତାଙ୍କ ସହ, ତୃତୀୟ ସିଡ୍ ଅଂଶୁମାନ ବୋର୍ଥାକୁରଙ୍କ ସହ ୭ମ ସିଡ ମୋକ୍ଷ ପୁରୀଙ୍କ ସହ ଏବଂ ଶେଷ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ଓ. ଜୟପ୍ରକାଶଙ୍କ ସହ ଦୀପ ମୁନିମ ଲଢ଼େଇ କରିବେ। ମୁନିମ୍ ପ୍ରି-କ୍ୱାର୍ଟରରେ ମୁନିମ ୨-୦ ସିଧାସଳଖ ସେଟ୍‌ରେ ଓଡ଼ିଶାର ଅନ୍ୟତମ ଉଦୀୟମାନ ଖେଳାଳି ଅମୃତଜୟ ମହାନ୍ତିଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିଥିଲେ। ଏହି ମ୍ୟାଚ୍‌କୁ ମୁନିମ୍ ୬-୪, ୬-୨ ସିଧାସଳଖ ସେଟ୍‌ରେ ଜିତିଥିଲେ।



ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ କାମ୍ବୋଜ ୬-୨, ୬-୧ରେ ତୁଷାର ମିତ୍ତଲଙ୍କୁ, ତନିକ ୪-୬, ୬-୪, ୬-୨ରେ ମୁକିଲ ରାମନନ୍‌ଙ୍କୁ, ମୋକ୍ଷ ୬-୭, ୬-୩, ୬-୪ରେ ସାର୍ଥକ ଗୁଲାଟିଙ୍କୁ, ଜୟପ୍ରକାଶ ୬-୨, ୬-୭, ୬-୧ରେ ଆନନ୍ଦ ପ୍ରକାଶ ଗୁପ୍ତାଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପୁରୁଷ ଯୁଗଳରେ ଓଡ଼ିଶାର ଶୁଭମ ଷଡଙ୍ଗୀ ଓ ତାଙ୍କ ୟୁପି ପାର୍ଟନର ଅଂଶୁମାନ ସିଂ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସାର୍ଥକ ଗୁଲାଟି-ତୁଷାର ମିତ୍ତଲଙ୍କ ଯୋଡି ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଓଡ଼ିଶାର ଅନ୍ୟତମ ଖେଳାଳି ଚିନ୍ମୟ ପ୍ରଧାନ ଓ ତାଙ୍କ ତାମିଲନାଡୁ ପାର୍ଟନର କାଭିନ କାର୍ତ୍ତିକ ମଧ୍ୟ ୱାକ୍ ଓଭର ପାଇଥିଲେ। ଶେଷ ମ୍ୟାଚ୍‌ରେ ସେଖ ମହମ୍ମଦ୍ ଇଫତିକର ଓ ଓ.ଜୟପ୍ରକାଶଙ୍କ ଯୋଡଇ ୬-୦, ୬-୨ ସେଟ୍‌ରେ ମୁକିଲ ରାମନନ୍ ଓ ଆଶୁତୋଷ ତିୱାରୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

ତମାଣ୍ଡୋ କପ୍ ଟି-୨୦ କ୍ରିକେଟ

## ସେମିରେ ତମାଣ୍ଡୋ ଓ ସମ୍ବଲପୁର

ଭୁବନେଶ୍ୱର, ୪।୩ (ସମିସ): ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ସମ୍ବଲପୁରର ଏମ୍‌ବିସିସି ଏଠାରେ ଚାଲିଥିବା ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୭ ୱିକେଟରେ ଏମ୍‌ବିସିସିକୁ ପରାସ୍ତ କରିଥିଲା। ଫଳରେ ଏହି ଗ୍ରୁପ୍‌ରେ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତିଥିଲେ। କିନ୍ତୁ ଉନ୍ନତ ନେଟ ରନ୍‌ରେଟ୍‌ରେ ତମାଣ୍ଡୋ ପ୍ରଥମ ଓ ସମ୍ବଲପୁର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୧୬.୫ ଓଭରରେ ମାତ୍ର ୯୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ତମାଣ୍ଡୋ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ସୁଶିଲ ବାରିକ ୪ ଓଭର ବୋଲିଂ କରି ୧୮ ରନ୍ ବିନିମୟରେ ୪ଟି ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ତମାଣ୍ଡୋ କ୍ରିକେଟ କ୍ଲବ୍‌ର ବରିଷ୍ଠ ସଦସ୍ୟ ବିଜୟ ମହାନ୍ତି ଅତିଥିଭାବେ ଯୋଗ ଦେଇ ସୁଶିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।



ମଙ୍ଗଳବାର ମ୍ୟାଚ୍ ଲୋ ସ୍କୋରିଂ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୧୬.୪ ଓଭରରେ ମାତ୍ର ୯୭ ରନ୍ କରିଥିଲା। ଦଳ ପକ୍ଷରୁ ରବୀନ୍ଦ୍ର ରାଉତ ୩୦ ଓ ତସରୀଫ୍ ଖାନ୍ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସୁଶିଲଙ୍କ ୪ ୱିକେଟକୁ ବାଦ୍ ଦେଲେ ସୌଭାଗ୍ୟ ରାଉତ ୨ଟି ୱିକେଟ ପାଇଥିଲେ। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୮.୪ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ। ବିଜୟୀ ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୩୬ ଓ ଶୁଭମ ଶତ୍ରୁଜିତ ୩୮ ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ରଣଜୀ ଟ୍ରଫି ଖେଳାଳି ତରଣୀ ସ' ୨ଟି ୱିକେଟ ପାଇଥିଲେ। ଆସନ୍ତାକାଲି ଗ୍ରୁପ୍-ଏ'ରେ ସାଇ ଏକାଦଶ ଓ ଆଇକନିକ ଏକାଦଶ ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

# ଅଷ୍ଟ୍ରେଲିଆ ପରାସ୍ତ; ଫାଇନାଲରେ ଭାରତ

ଦୁବାଇ,୪।୩ (ଏଜେନ୍ସି):

ଚଳିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୧୧ ବଲ ବାକିଥାଇ ୪ ୱିକେଟରେ ଶକ୍ତିଶାଳୀ ତଥା ଅନ୍ୟତମ ଫେବରାଇଟ ଦଳ ଅଷ୍ଟ୍ରେଲିଆକୁ ପରାସ୍ତ କରି ପଞ୍ଚମଥର ପାଇଁ ଏହି ହାଇପ୍ରୋଫାଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଚେଜ୍ ମାଷ୍ଟର ତଥା ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ୯୮ ବଲର ସମ୍ମୁଖୀନ ହୋଇ ୫ ଚୌକା ସହ ଧୈର୍ଯ୍ୟପୂର୍ଣ୍ଣ ୮୪ ରନକରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂକରି ୪୯.୩ ଓଭରରେ ୨୬୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୪୮.୧ ଓଭରରେ ୬ ୱିକେଟ ହରାଇ ୨୬୭ ରନକରି ବିଜୟୀ ହୋଇଛି। ଏଥିସହ ଭାରତ ଅଷ୍ଟ୍ରେଲିଆଠାରୁ ୨୦୨୩ ବିଶ୍ୱକପ୍ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଭାରତ ଏବେ ଟାଇଟଲ ପାଇଁ ୯ ତାରିଖ ରବିବାର ଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସେମିରେ ବିଜେତା ନ୍ୟୁଜିଲାଣ୍ଡ କିମ୍ବା ଦକ୍ଷିଣ ଆଫ୍ରିକାକୁ ଭେଟିବ।

ଚାମ୍ପିଅନ୍ସ ଟ୍ରଫି କ୍ରିକେଟ-୨୦୨୫



## ଛକା ମାରି ଜିତାଇଲେ ରାହୁଲ୍

୨୬୫ ରନ ଟାର୍ଗେଟର ପିଛା କରି ଭାରତ ପ୍ରଥମେ ଶୁବମାନ ଗିଲ୍‌ଙ୍କୁ ହରାଇଥିଲା। ଗିଲ୍ ୮ ରନକରି ଥିବା ବେଳେ ବେନ୍ ଡ୍ୱାରାଶୁଇସ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଅଧିନାୟକ ରୋହିତ ଶର୍ମା ୨୯ ବଲ ଖେଳି ୩ ଚୌକା ଓ ୧ ଛକା ସହ ୨୮ ରନକରି ସ୍ପିନର କୁପର କୋନୋଲିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିଅନ ଫେରିଥିଲେ। ତୃତୀୟ ୱିକେଟରେ କୋହଲି ଓ ଶ୍ରେୟସ ଆୟାରଙ୍କ ୧୧୧ ବଲର ସମ୍ମୁଖୀନ ହୋଇ ୯୧ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ଆୟାର କିନ୍ତୁ ୪୫ ରନ କରିଥିବା ବେଳେ ଲେଟ୍‌କଟ୍ କରିବାକୁ ଯାଇ ଅଭିଜ୍ଞ ସ୍ପିନର ଆଡାମ ଜାମ୍ପାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅକ୍ଷର ପଟେଲ୍ ୩୦ ବଲ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ସହ ୨୭ ରନକରି ନାଥନ ଏଲିସ୍‌ଙ୍କ ଦ୍ୱାର ବୋଲ୍ଡ ହୋଇ ପ୍ୟାଭିଲିଅନ ଫେରିଥିଲେ। ଏହାପରେ କୋହଲି ୮୪ ରନ କରିଥିବା ବେଳେ ଜାମ୍ପାଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ଡ୍ୱାରାଶୁଇସଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ସହ ୫୨ତମ ଦିନିକିଆ ଶତକ ହାସଲରୁ ବଞ୍ଚିତ ହେବା ସହ ପ୍ରଶଂସକଙ୍କୁ ନିରାଶ କରିଥିଲେ। ଶେଷରେ ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲରୁ ଗୋଟିଏ ଚୌକା ଓ ୩ ଛକା ସହ ଦ୍ରୁତ ୨୮ ରନ କରିଥିବା ବେଳେ ଛକା ମାରିବାକୁ ଯାଇ ଲଙ୍ଗ୍‌ଅନ୍‌ରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ କ୍ୟାଚ୍ ଦେଇ ଏଲିସ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଛକା ମାରିବା ସହ ରାହୁଲ ୪୨ ରନ (୩୪ ବଲ, ୨ ଚୌକା, ୨ ଛକା) କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ସେହିପରି ରବୀନ୍ଦ୍ର ଜାଡେଜା ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ଏଲିସ୍ ଓ ଜାମ୍ପା ୨ଟି ଲେଖାଏ, ଡ୍ୱାରାଶୁଇସ ଓ କୋନୋଲି ଗୋଟିଏ କରି ୱିକେଟ ହାସଲ କରିଥିଲେ।

## ଷ୍ଟିଭେନ୍ ଓ ଆଲେକ୍ସଙ୍କ ଅର୍ଦ୍ଧଶତକ

ଅଷ୍ଟ୍ରେଲିଆ ଅଧିନାୟକ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଦଳୀୟ ସ୍କୋର ୪ ରନ୍‌ରେ ନବାଗତ କୁପର କୋନୋଲି ଓ ୫୪ ରନ୍‌ରେ ଟ୍ରାଭିସ୍ ହେଡ୍ ଆଉଟ ହେବା ପରେ ଦଳ ଇନିଂସ ସଜାଡିବାରେ ମନ ଦେଇଥିଲା। ହେଡ୍‌ଙ୍କ ଆଉଟ ଭାରତୀୟ ଶିବିରରେ ଆନନ୍ଦର ଲହରୀ ଆଣିଥିଲା। ଖେଳାଳିମାନେ ମ୍ୟାଚ୍ ଜିତିଗଲା ଭଳି ଉତ୍ସବ ମନାଇଥିଲେ। ପରେ ସ୍ମିଥ୍ ଓ ନଂ-୪ ମାର୍ନସ ଲାବୁସେନ ତୃତୀୟ ୱିକେଟରେ ୫୬ ରନ୍ ଉଠାଇ ସ୍ଥିତି ସମ୍ଭାଳିଥିଲେ। ୩୬ ବଲ୍‌ରେ ୨୯ ରନ୍ କରିଥିବା ଲାବୁସେନଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ କରିବା ପରେ ଦଳ ନିୟମିତ ୱିକେଟ ହରାଇଥିଲା। ଜୋଶ ଇଂଲିଶ ୧୧, ଷ୍ଟିଭେନ ସ୍ମିଥ୍ ୯୬ ବଲ୍‌ରେ ୪ ଚୌକା ଓ ୧ ଛକା ସହ ସର୍ବାଧିକ ୭୩ ଏବଂ ଭାରତ ବିପକ୍ଷରେ ସର୍ବଦା ଭଲ ଖେଳିଆସୁଥିବା ଗ୍ଲେନ୍ ମ୍ୟାକ୍ସୱେଲ ୭ ରନ୍‌ରେ ଆଉଟ ହୋଇଯାଇଥିଲେ। ଗୋଟିଏ ପଟେ ୱିକେଟ ପଡୁଥିଲାବେଳେ ଆଲେକ୍ସ କାରେ ଅନ୍ୟପଟେ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ସେ ଆଉଟ ହେଲାବେଳକୁ ୫୭ ବଲ୍ ଖେଳି ୮ ଚୌକା ଓ ୧ ଛକା ସହ ଦ୍ରୁତ ୬୧ ରନ୍ କରିଥିଲେ। ଶେଷଭାଗରେ ବେନ୍ ଡ୍ୱାରାଶୁଇସ ୧୯ ଓ ନାଥାନ ଏଲିସ୍ ୧୦ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ୨୬୪ ରନ୍‌ର ଏକ ସମ୍ମାନଜନକ ସ୍କୋର କରିଥିଲା।

ଭାରତୀୟ ଖେଳାଳି ଏହି ମ୍ୟାଚ୍‌ରେ ଅଧା ଡଜନ କ୍ୟାଚ ହାତଛଡ଼ା କରିଥିଲେ। ବିଶେଷ କରି ହେଡ୍ ଖାତା ଖୋଲିବା ପୂର୍ବରୁ କ୍ୟାଚ୍ ସୁଯୋଗ ଦେଇ ଥିଲେ ମଧ୍ୟ ବୋଲିଂ ରନ୍ ଅପ୍‌ରେ ମହମ୍ମଦ୍ ସାମି ତାହାକୁ ଧରି ପାରି ନ ଥିଲେ। ଏହି ମ୍ୟାଚ୍‌ରେ ସେ ୧୦ ଓଭରରେ ୪୮ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଏଠାରେ ସ୍ପିନରଙ୍କୁ ୫ଟି ଓ ପେସରଙ୍କୁ ୪ଟି ୱିକେଟ ମିଳିଥିଲା। କାରେ ରନ୍‌ଆଉଟ ହୋଇଥିଲେ। ସ୍ପିନରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ ୪୯ ଓ ରବୀନ୍ଦ୍ର ଜାଡେଜା ୪୦ ରନ୍ ଦେଇ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# 'କୋହଲି'ଙ୍କ ବିରାଟ କୀର୍ତ୍ତିମାନ

ଦୁବାଇ, ୪।୩ (ଏଜେନ୍ସି): ବିରାଟ କୋହଲିଙ୍କ ଦମ୍‌ଦାର ୮୪ ରନର ପାଳି ବଳରେ ଭାରତ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ପରାସ୍ତ କରି ଚଳିତ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲରେ ପ୍ରବେଶ କରିଛି। ଏହି ଅର୍ଦ୍ଧଶତକୀୟ ପାଳି ଅବସରରେ କୋହଲି ଏକାଧିକ କୀର୍ତ୍ତିମାନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଆଇସିସି ଏକଦିବସୀୟ ଟୁର୍ଣ୍ଣାମେଣ୍ଟ (ବିଶ୍ୱକପ୍, ଚାମ୍ପିଅନ୍ସ ଟ୍ରଫି)ରେ ସର୍ବାଧିକ ଅର୍ଦ୍ଧଶତକ ଅର୍ଜନ କରିବାର ରେକର୍ଡ ଏବେ କୋହଲି ହାସଲ କରିଛନ୍ତି। ଆଇସିସି ଦିନିକିଆ ଟୁର୍ଣ୍ଣାମେଣ୍ଟରେ କୋହଲିଙ୍କ ଏହା ୨୪ତମ ଅର୍ଦ୍ଧଶତକୀୟ ପାଳି ଥିଲା। ଏହିକ୍ରମରେ ସେ ସଚିନ ତେନ୍ଦୁଲକର (୨୩ଟି)ଙ୍କୁ ଟପିଯାଇଛନ୍ତି।

ସେହିଭଳି ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଭାରତୀୟ ବ୍ୟାଟର୍ ଭାବେ ସର୍ବାଧିକ ରନ ସଂଗ୍ରହ କରିବାର କୀର୍ତ୍ତିମାନ ଏବେ କୋହଲିଙ୍କ ନାମରେ ହୋଇଛି। ଚାମ୍ପିଅନ୍ସ ଟ୍ରଫିରେ କୋହଲି ବର୍ତ୍ତମାନ ୧୬ ଇନିଂସରୁ ୭୪୬ ରନ ସଂଗ୍ରହ କରିଛନ୍ତି। ଏହି ଅବସରରେ ସେ ଶିଖର ଧାୱନଙ୍କୁ ପଛରେ ପକାଇ ଦେଇଛନ୍ତି। ଧାୱନ ଚାମ୍ପିଅନ୍ସ ଟ୍ରଫିରେ ୧୦ ଇନିଂସରୁ ୭୦୧ ରନ କରି ତାଲିକାର ଶୀର୍ଷରେ ରହିଥିଲେ।



**ଆଇସିସି ଦିନିକିଆରେ ସର୍ବାଧିକ ୫୦**

| ବ୍ୟାଟର୍ | ଅର୍ଦ୍ଧଶତକ | ଇନିଂସ |
|---|---|---|
| ବିରାଟ କୋହଲି | ୨୪ | ୫୩ |
| ସଚିନ ତେନ୍ଦୁଲକର | ୨୩ | ୫୮ |
| ରୋହିତ୍ ଶର୍ମା | ୧୮ | ୪୨ |
| କୁମାର ସାଙ୍ଗାକାର | ୧୭ | ୫୬ |
| ରିକି ପଣ୍ଟିଂ | ୧୬ | ୬୦ |

**ଭାରତୀୟ ଭାବେ ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ରନ**

| ବ୍ୟାଟର୍ | ରନ | ଇନିଂସ |
|---|---|---|
| ବିରାଟ କୋହଲି | ୭୪୬ | ୧୬ |
| ଶିଖର ଧାୱନ | ୭୦୧ | ୧୦ |
| ସୌରଭ ଗାଙ୍ଗୁଲି | ୬୬୫ | ୧୧ |
| ରାହୁଲ ଦ୍ରାବିଡ | ୬୨୭ | ୧୫ |
| ରୋହିତ୍ ଶର୍ମା | ୫୫୭ | ୧୩ |

## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ: ୨୬୪/୧୦. ୪୯.୩ ଓଭର**

(ହେଡ୍-କ୍ୟା.ଶୁବମନ ବୋ.ବରୁଣ-୩୯, କୋନୋଲି-କ୍ୟା. ରାହୁଲ ବୋ.ସାମି-୦, ସ୍ମିଥ୍-ବୋ.ସାମି-୭୩, ଲାବୁସେନ-ଏଲ୍‌ବିଡବ୍ଲ୍ୟୁ ବୋ.ଜାଡେଜା-୨୯, ଇଂଲିଶ-କ୍ୟା.କୋହଲି ବୋ.ଜାଡେଜା-୧୧, କାରେ-ରନ୍‌ଆଉଟ-୬୧, ମ୍ୟାକ୍ସୱେଲ-ବୋ.ଅକ୍ଷର-୭, ଡ୍ୱାରଶୁଇସ୍-କ୍ୟା.ଶ୍ରେୟସ ବୋ.ବରୁଣ-୧୯, ଜାମ୍ପା-ବୋ.ହାର୍ଦ୍ଦିକ-୭, ଏଲିସ-କ୍ୟା.କୋହଲି ବୋ.ସାମି-୧୦, ସାଙ୍ଘା-ଅପରାଜିତ-୧, ଅତିରିକ୍ତ-୭।

ୱିକେଟ ପତନ: ୧/୪, ୨/୫୪, ୩/୧୧୦, ୪/୧୪୪, ୫/୧୯୮, ୬/୨୦୫, ୭/୨୩୯, ୮/୨୪୯, ୯/୨୬୨, ୧୦/୨୬୪।

ବୋଲିଂ (ଭାରତ): ସାମି: ୧୦-୦-୪୮-୩, ହାର୍ଦ୍ଦିକ: ୫.୩-୦-୪୦-୧, କୁଲଦୀପ: ୮-୦-୪୪-୦, ବରୁଣ: ୧୦-୦-୪୯-୨, ଅକ୍ଷର: ୮-୧-୪୩-୧, ଜାଡେଜା: ୮-୧-୪୦-୨।

**ଭାରତ ଇନିଂସ : ୨୬୭/୬, ୪୮.୧ ଓଭର**

(ରୋହିତ-ଏଲବିଡବ୍ଲ୍ୟୁ ବୋ.କୋନୋଲୀ-୨୮, ଶୁବମନ-ବୋ.ଡ୍ୱାରଶୁଇସ୍-୮, ବିରାଟ-କ୍ୟା. ଡ୍ୱାରଶୁଇସ୍ ବୋ.ଜାମ୍ପା- ୮୪, ଶ୍ରେୟସ-ବୋ. ଜାମ୍ପା- ୪୫, ଅକ୍ଷର-ବୋ.ଏଲିସ-୨୭, ରାହୁଲ-ଅପରାଜିତ-୪୨, ହାର୍ଦ୍ଦିକ-କ୍ୟା.ମ୍ୟାକ୍ସୱେଲ ବୋ.ଏଲିସ-୨୮, ଜାଡେଜା-ଅପରାଜିତ-୨, ଅତିରିକ୍ତ-୩।

ୱିକେଟ ପତନ: ୧/୩୦, ୨/୪୩, ୩/୧୩୪, ୪/୧୭୮, ୫/୨୨୫, ୬/୨୫୯।

ବୋଲିଂ (ଅଷ୍ଟ୍ରେଲିଆ): ଡ୍ୱାରଶୁଇସ: ୭-୦-୩୯-୧, ଏଲିସ୍: ୧୦-୦-୪୯-୨, କୋନୋଲୀ: ୮-୦-୩୭-୧, ଜାମ୍ପା: ୧୦-୦-୬୦-୨, ସାଙ୍ଘା: ୬-୦-୪୧-୦, ମ୍ୟାକ୍ସୱେଲ: ୬.୧-୦-୩୫-୦, ହେଡ୍: ୧-୦-୬-୦।

# ଦକ୍ଷିଣ ଆଫ୍ରିକା-ନ୍ୟୁଜିଲାଣ୍ଡ ଦ୍ୱିତୀୟ ସେମିଫାଇନାଲ ଆଜି

ଲାହୋର,୪।୩ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଆସନ୍ତାକାଲି ଗଦ୍ଦାଫି ଷ୍ଟାଡିୟମ୍‌ରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟରେ ଉଭୟ ଦଳ ପରସ୍ପର ସହ ଖୁବ୍ ମ୍ୟାଚ୍ ଖେଳିଛନ୍ତି। ଏହା ଫଳରେ ଉଭୟ ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କମ୍ ଦେଖିବାକୁ ମିଳିଛି। ଏହି ପ୍ରତିଯୋଗିତାରେ ଉଭୟ ଦଳ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକା ଉଭୟ ଇଂଲଣ୍ଡ ଓ ଆଫଗାନିସ୍ତାନକୁ ପରାସ୍ତ କରିଥିଲାବେଳେ ଅଷ୍ଟ୍ରେଲିଆ ସହ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ତେମ୍ବା ବଭୂମାଙ୍କ ନେତୃତ୍ୱରେ ଗଠିତ ଦକ୍ଷିଣ ଆଫ୍ରିକା ଦଳ ନିକଟ ଅତୀତରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ବ୍ୟାଟିଂ ହେଉ ବା ବୋଲିଂ ଉଭୟ ବିଭାଗରେ ଦକ୍ଷିଣ ଆଫ୍ରିକାର ଯେପରି ଦକ୍ଷତା ରହିଛି, ତାହାର ପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡ ନିକଟରେ ମଧ୍ୟ ସମାନ ଦକ୍ଷତା ରହିଛି। ଏଣୁ ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଉଚ୍ଚକୋଟୀର ଖେଳ ଦେଖିବାକୁ ମିଳିବ। ଗଦ୍ଦାଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍ ମ୍ୟାଚ୍‌ରେ ପ୍ରଥମ ଇନିଂସରେ ହାରାହାରି ସ୍କୋର ହେଉଛି ୩୧୬। ଏଠାରେ ଯେଉଁ ୪ଟି ଇନିଂସ ଖେଳାଯାଇଛି, ସେଥିରେ ପ୍ରତ୍ୟେକ ଇନିଂସରେ ୩୦୦ କିମ୍ବା ତା'ଠାରୁ ଅଧିକ ରନ୍ ସ୍କୋର ହୋଇଛି। ଏଠାରେ ଇଂଲଣ୍ଡ ପ୍ରଦତ୍ତ ୩୫୦ ରନ୍‌ର ଟାର୍ଗେଟକୁ ଅଷ୍ଟ୍ରେଲିଆ ୫ ୱିକେଟରେ ଜିତିଥିଲା। ଏଣୁ ଏଠାରେ ଖେଳାଯିବାକୁ ଥିବା ଆସନ୍ତାକାଲିର ମୁକାବିଲା ନିଶ୍ଚିତଭାବେ ହାଇସ୍କୋରିଂ ହେବ।

**ମ୍ୟାଚ୍ ଆରମ୍ଭ**
ଅପରାହ୍ଣ ୨ଟା ୩୦
**ପ୍ରସାରଣ**
ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮
**ମୋବାଇଲ ଆପ୍**
ଜିଓହଟ୍‌ଷ୍ଟାର

## ଚେଜ୍‌ରେ ୮୦୦୦ ରନ

ଏକଦିବସୀୟ ଫର୍ମାଟ୍‌ରେ ରନ୍ ପିଛା କରିବା ସମୟରେ ଅର୍ଥାତ୍ ୨ୟ ଇନିଂସରେ ୮୦୦୦ ରନ ସଂଗ୍ରହ କରିବାରେ କୋହଲି ବିଶ୍ୱର ଦ୍ୱିତୀୟ ଖେଳାଳି ହୋଇଛନ୍ତି। କୋହଲିଙ୍କ ପୂର୍ବରୁ ବିଶ୍ୱର ପ୍ରଥମ ବ୍ୟାଟର୍ ଭାବେ ସଚିନ ତେନ୍ଦୁଲକର ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ସଚିନ ତାଙ୍କ ୫୦ ଓଭର ଫର୍ମାଟ୍ କ୍ୟାରିୟରରେ ରନ୍ ପିଛା କରୁଥିବାବେଳେ ୨୪୨ ମ୍ୟାଚରୁ ୮୭୨୦ ରନ କରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ୮୮.୪ ରହିଛି। ସେହିଭଳି କୋହଲି ରନ୍ ପିଛା କରୁଥିବାବେଳେ ୧୭୦ ମ୍ୟାଚରୁ ୮୦୦୦ ରନ ପୂରଣ କରିଛନ୍ତି। ଏହି ସମୟରେ କୋହଲିଙ୍କ ଷ୍ଟ୍ରାଇକରେଟ୍ ୯୩.୩୦ ରହିଛି।

## ଷ୍ଟମ୍ପରେ ବଲ୍ ବାଜିଥିଲେ ମଧ୍ୟ ନଟ୍‌ଆଉଟ

# ଭାଗ୍ୟବାନ ଷ୍ଟିଭ୍ ସ୍ମିଥ୍




ଆଜିର ସେମିଫାଇନାଲ ମୁକାବିଲାରେ ଏକ ବିରଳ ତଥା ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ପାଳିର ଚତୁର୍ଦ୍ଦଶ ଓଭରରେ ଅଧିନାୟକ ଷ୍ଟିଭ୍ ସ୍ମିଥ୍‌ଙ୍କୁ ଆଉଟ କରିବାର ଏକ ସୁବର୍ଣ୍ଣ ସୁଯୋଗ ହରାଇଥିଲା ଭାରତ। ମ୍ୟାଚ୍ ୧୪ ତମ ଓଭରରେ ଭାରତୀୟ ସ୍ପିନର ଅକ୍ଷର ପଟେଲ ବୋଲିଂ କରୁଥିଲେ। ଏହି ଓଭରରେ ଷଷ୍ଠ ତଥା ଅନ୍ତିମ ବଲ୍ ସ୍ମିଥ୍‌ଙ୍କ ବ୍ୟାଟରେ ବାଜି ଅର୍ଥାଥ ଇନସାଇଡ ଏଜ୍ ନେଇ ଷ୍ଟମ୍ପର ମୂଳରେ ବାଜିଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଷ୍ଟମ୍ପର ବେଲ୍ ତଳେ ପଡି ନଥିଲା। ଫଳରେ ସ୍ମିଥ୍ ଆଉଟ ହୋଇ ନଥିଲେ ଓ ତାଙ୍କୁ ଏକ ବହୁମୂଲ୍ୟ ଜୀବନଦାନ ମିଳିଥିଲା। ଫଳରେ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲିଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳିମାନେ ନିଜର ଅସନ୍ତୋଷକୁ ଛୁପାଇ ପାରି ନଥିଲେ। ଏହ ଦୃଶ୍ୟର ଭିଡିଓ ସମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ସ୍ମିଥ୍ ଜୀବନଦାନ ପାଇବା ପରେ ଅଷ୍ଟ୍ରେଲିଆର ୨୬୪ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା।

## ଭାରତର ୫ମ ଚାମ୍ପିଅନ୍ସ ଟ୍ରଫି ଫାଇନାଲ

ଦୁବାଇ: ପ୍ରଥମ ସେମିଫାଇନାଲରେ ବିଶ୍ୱ ବିଜେତା ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ପରାସ୍ତ କରିବା ସହ ଭାରତ ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଏଥିସହ ଆଇସିସିର ଏହି ମେଗା ଟୁର୍ଣ୍ଣାମେଣ୍ଟର ମୋଟ୍ ୯ଟି ସଂସ୍କରଣ ମଧ୍ୟରୁ ଭାରତ ୫ମଥର ଲାଗି ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ଭାରତ ୨୦୦୦, ୨୦୦୨, ୨୦୧୩ ଓ ୨୦୧୭ ଫାଇନାଲ ଖେଳିଥିଲା। ଯେଉଁଥିରେ ୨୦୧୩ରେ ଚାମ୍ପିଅନ ହୋଇଥିବାବେଳେ ୨୦୦୨ରେ ବର୍ଷା ଲାଗି ଶ୍ରୀଲଙ୍କା ସହ ଯୁଗ୍ମ ବିଜେତାରେ ସନ୍ତୁଷ୍ଟ ରହିଥିଲା। ୨୦୦୦ରେ ନ୍ୟୁଜିଲାଣ୍ଡ ଓ ୨୦୧୭ ରେ ପାକିସ୍ତାନଠାରୁ ହାରି ଭାରତ ରନର୍ସଅପ୍ ହୋଇଥିଲା।

## ୩,୦୦୦ ରନ ପୂରଣରେ ରାହୁଲ ତୃତୀୟ ଦ୍ରୁତତମ

ଦୁବାଇ: ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଭାରତୀୟ ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟର ଲୋକେଶ ରାହୁଲ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ରାହୁଲ ୮୪ଟି ମ୍ୟାଚ୍ ଖେଳି ଦିନିକିଆରେ ୩,୦୦୦ ରନ ପୂରଣ କରିଛନ୍ତି। ୩ ହଜାର ରନ ପୂରଣ କରିବାରେ ବିରାଟ କୋହଲି ଓ ଶିଖର ଧାୱନଙ୍କ ପରେ ସେ ତୃତୀୟ ଦ୍ରୁତତମ ଭାରତୀୟ ବ୍ୟାଟର ସାବ୍ୟସ୍ତ ହୋଇଛନ୍ତି। ସେମିଫାଇନାଲରେ ରାହୁଲ ୩୪ଟି ବଲ୍ ଖେଳି ୨ଟି ଲେଖାଏ ଚୌକା ଓ ଛକା ସହ ୪୨ ରନକରି ଅପରାଜିତ ରହିବା ସହ ଭାରତକୁ ଜିତାଇବା ସହ ଫାଇନାଲରେ ପ୍ରବେଶ କରାଇଥିଲେ।

# ପୁଣି ଟସ୍ ହାରିଲା ଭାରତ

## କ୍ରମାଗତ ୧୪ତମ ଟସ୍ ହାରିବାର ଅଲୋଡ଼ା ରେକର୍ଡ

ଦୁବାଇ,୪।୩(ଏଜେନ୍ସି):

ଭାରତୀୟ କ୍ରିକେଟ ଦଳ ଦିନିକିଆ ଫର୍ମାଟ୍‌ରେ ପୁଣି ଥରେ ଟସ୍‌ରେ ହାରିଛି। ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ ମୁକାବିଲାରେ ଟସ୍ ପକାଇବାକୁ ଯାଇ ଅଧିନାୟକ ରୋହିତ ପୁଣି ଥରେ ଟସ୍ ହାରିଛନ୍ତି। ଭାରତର ଏହି ଚର୍ଚ୍ଚିତ ଟସ୍ ହାରିବା ପ୍ରକ୍ରିୟା ଜାରି ରହିଛି। ଏଥିସହ ଭାରତ କ୍ରମାଗତ ୧୪ଟି ଦିନିକିଆ ମ୍ୟାଚ୍‌ରେ ଟସ୍ ହାରିବାର ଅଲୋଡା ତଥା ବିରଳ ରେକର୍ଡକୁ ଆହୁରି ଦୃଢ କରିଛି। ଭାରତ ଲୋକେଶ ରାହୁଲଙ୍କ ନେତୃତ୍ୱରେ ୩ଟି ଓ ରୋହିତଙ୍କ ନେତୃତ୍ୱରେ ୧୧ଟି ମ୍ୟାଚ୍‌ରେ ଟସ୍ ହାରିଛି। ଭାରତର ଏହି ଟସ୍ ହାରିବା ପ୍ରକ୍ରିୟାକୁ ନେଇ ସାମାଜିକ ଗଣମାଧ୍ୟମରେ ମିମ୍ ଓ ଜୋକ୍‌ର ବନ୍ୟା ଦେଖିବାକୁ ମିଳିଛି।

ଏହାପରେ ଲୋକେଶ ରାହୁଲଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ସବୁ ୩ଟି ଯାକ ମ୍ୟାଚ୍‌ରେ ଟସ୍ ହାରିଥିଲା। ଏହା ପରେ ରୋହିତଙ୍କ ନେତୃତ୍ୱରେ ଭାରତ ଶ୍ରୀଲଙ୍କାରେ ଅନୁଷ୍ଠିତ ସବୁ ୩ଟି ଯାକ ଦିନିକିଆ ମ୍ୟାଚ୍‌ରେ ଟସ୍ ହାରିଥିଲା। ଏହାପରେ ଇଂଲଣ୍ଡ ବିପକ୍ଷ ସିରିଜରେ ମଧ୍ୟ ଭାରତ ସବୁ ମ୍ୟାଚ୍‌ରେ ଟସ୍ ହାରିଥିଲା। କିନ୍ତୁ ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ୍‌ର ବ୍ରାଏନ ଲାରା ସର୍ବାଧିକ ୧୨(୧୯୯୮-୯୯), ନ୍ୟୁଜିଲାଣ୍ଡର ପିଟର ବୋରେନ୍ ୧୧ (୨୦୧୧-୨୦୧୩) ଓ ରୋହିତ ୧୧ଟି ମ୍ୟାଚ୍‌ରେ କ୍ରମାଗତ ଟସ୍ ହାରି ତାଲିକାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

### ନ୍ୟୁଜିଲାଣ୍ଡ ନାମରେ ଥିଲା ରେକର୍ଡ

ପୂର୍ବରୁ ନ୍ୟୁଜିଲାଣ୍ଡ ୨୦୧୧ରୁ ୨୦୧୩ ମଧ୍ୟରେ ୧୧ଟି ଟସ୍ ହାରି ରେକର୍ଡ କରିଥିଲା। ଭାରତର ଏହି ଟସ୍ ହାରିବା ପ୍ରକ୍ରିୟା ୨୦୨୩ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରୁ ଆରମ୍ଭ ହୋଇଛି। ଭାରତରେ ଅନୁଷ୍ଠିତ ଏହି ଦିନିକିଆ ବିଶ୍ୱକପ୍‌ରେ ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା।

# ଅଲିମ୍ପିକ୍ ପଦକ ବିଜେତା ସୁଶିଲଙ୍କୁ ଜାମିନ

ନୂଆଦିଲ୍ଲୀ, ୪।୩ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କୁ ମଙ୍ଗଳବାର ବଡ଼ ଆଶ୍ୱସ୍ତି ମିଳିଛି। ପୂର୍ବତନ ଜାତୀୟ ଜୁନିଅର ଚାମ୍ପିଅନ କୁସ୍ତିଯୋଦ୍ଧା ସାଗର ଧନକରଙ୍କୁ ହତ୍ୟା ମାମଲାରେ ଜେଲ୍‌ରେ ଥିବା ୪୧ ବର୍ଷୀୟ ସୁଶୀଲଙ୍କୁ ଦିଲ୍ଲୀ ହାଇକୋର୍ଟ ନିୟମିତ ଜାମିନ ପ୍ରଦାନ କରିଛନ୍ତି। ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ସହ ୨ଜଣ ଜାମିନଦାରଙ୍କ ବଦଳରେ ସୁଶୀଲଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ସମ୍ପତି ବିବାଦକୁ ନେଇ ୪ ମେ ୨୦୨୧ରେ ସାଗର ଓ ତାଙ୍କର କିଛି ସାଙ୍ଗଙ୍କୁ ଦିଲ୍ଲୀର ଛତ୍ରପତି ଷ୍ଟାଡିୟମ ବାହାରେ ସୁଶୀଲ ଓ ଅନ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସାଗରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେହିବର୍ଷ ୨ ଜୁନରେ ସୁଶୀଲଙ୍କୁ ଗିରଫ କରାଯାଇଥିଲା। ସୁଶୀଲଙ୍କୁ ଏଥିପୂର୍ବରୁ ୭ ଜୁଲାଇ ୨୦୨୩ରେ ଆଣ୍ଠୁରେ ଅସ୍ତ୍ରୋପଚାର ଲାଗି ୭ ଦିନ ଲାଗି ଜାମିନ ପ୍ରଦାନ ଦିଆଯାଇଥିଲା।



# ସିଭାଲକରଙ୍କ ସମ୍ମାନାର୍ଥେ କଳାପଟି ପିନ୍ଧିଲା ଟିମ୍ ଇଣ୍ଡିଆ




ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମୁକାବିଲାରେ ଭାରତୀୟ ଖେଳାଳି ହାତରେ କଳାପଟି ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ସ୍ପିନର ପଦ୍ମକର ସିଭାଲକରଙ୍କ ବିୟୋଗରେ ତାଙ୍କୁ ସମ୍ମାନ ଜଣାଇ ରୋହିତ୍ ସେନା ହାତରେ ଏହି ପଟି ବାନ୍ଧିଥିବା ଜଣାପଡ଼ିଛି। ସୋମବାର ରାତିରେ ମୁମ୍ବାଇର ଏହି ମହାନ କ୍ରିକେଟର୍‌ଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଥିଲା। ତାଙ୍କ ସମୟରେ ମୁମ୍ବାଇ ରଣଜୀ କ୍ରିକେଟ୍‌ରେ ବେଶ୍ ଆଧିପତ୍ୟ ବିସ୍ତାର କରିଥିଲା। ବାମହାତୀ ସ୍ପିନର ସିଭାଲକର ୧୯୬୫-୬୬ରୁ ୧୯୮୭-୮୮ ପର୍ଯ୍ୟନ୍ତ ମୁମ୍ବାଇ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ସମୟରେ ମୁମ୍ବାଇ ୯ ଥର ରଣଜୀ ଚାମ୍ପିଅନ ହୋଇଥିଲା। ୨୧ ବର୍ଷ ବୟସରେ ସିଭାଲକର୍ ରଣଜୀ ପଦାର୍ପଣ କରି ୪୭ ବର୍ଷ ବୟସ ପର୍ଯ୍ୟନ୍ତ ଖେଳିଥିଲେ। ସେ ମୁମ୍ବାଇ ପାଇଁ ୧୨୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୯.୬୯ ହାରରେ ୫୮୯ ୱିକେଟ୍ ନେଇ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ କେବେ ହେଲେ ଭାରତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇ ନ ଥିଲେ। କ୍ୟାରିୟରରେ ସେ ୪୨ଥର ୫ ୱିକେଟ୍ ସଫଳତା ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS